# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୮/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 8/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




## ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୧୦

## କିପ୍ ସାଇନିଂ ଶେହନାଜ

ରିଆଲିଟି ଶୋ' ବିଗ୍ ବସ୍ ଫେମ୍ ଶେହନାଜ ଗିଲ୍‌ଙ୍କୁ ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ 'କିପ୍ ସାଇନିଂ' ସମ୍ମାନ ପ୍ରଦାନ କରାଯାଇଛି।



# ହାଣ୍ଡିଶାଳରେ ମହଙ୍ଗା ମାଡ଼

- ଏଲ୍‌ପିଜି ସିଲିଣ୍ଡର ୫୦ ଟଙ୍କା ବଢ଼ିଲା
- ବର୍ଷକରେ ୧୯୦ ବୃଦ୍ଧି, ଖାଉଟି ହନ୍ତସନ୍ତ

ନୂଆଦିଲ୍ଲୀ,୭।୫

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦର ବୃଦ୍ଧିକୁ ନେଇ ହନ୍ତସନ୍ତ ହେଉଥିବା ଭାରତୀୟ ଉପଭୋକ୍ତାଙ୍କ ମୁଣ୍ଡରେ ଆଉ ଏକ ବୋଝ ଲଦିଦେଇଛନ୍ତି ସରକାର। ଦେଶରେ ୧୪.୨ କେ.ଜି.ର ଘରୋଇ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ନୂଆ ଦର ଶନିବାରଠାରୁ ଲାଗୁ ହୋଇଛି। ଏଥିସହ ଘରୋଇ ସିଲିଣ୍ଡର ପିଛା ଦର ଦିଲ୍ଲୀରେ ୯୯୯.୫୦ ଟଙ୍କା ଛୁଇଁଛି। ଭୁବନେଶ୍ୱରରେ ଏଲ୍‌ପିଜି ଦର ୧୦୨୬ ଟଙ୍କା, କଟକରେ ୧୦୨୬.୫୦ ଟଙ୍କା ହୋଇଥିବାବେଳେ ମାଲକାନଗିରିରେ ସର୍ବାଧିକ ୧୦୪୯.୫୦ ଟଙ୍କା ରହିଛି। ୬ ସପ୍ତାହ ମଧ୍ୟରେ ଏହା ହେଉଛି ଏଲ୍‌ପିଜି ମୂଲ୍ୟରେ ଦ୍ୱିତୀୟ ବୃଦ୍ଧି। ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରଠାରୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଲ ଦର ବୃଦ୍ଧି ଉପଭୋକ୍ତାଙ୍କ ବଜେଟକୁ ସଙ୍କୁଚିତ କରିଦେଇଥିବାବେଳେ ଏଲ୍‌ପିଜି ମୂଲ୍ୟ ବଢ଼ିବା ପରେ ବିଶେଷକରି ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ପରିବାରଙ୍କ ରୋଷେଇଘରେ ମହଙ୍ଗା ମାଡ଼ ପଡ଼ିବ। ମାର୍ଚ୍ଚ ୨୨ରେ ରିହାତିରେ ମିଳୁଥିବା ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ଅକ୍ଟୋବର ୬ ପରଠାରୁ ଘରୋଇ ଏଲ୍‌ପିଜି ଦର ବୃଦ୍ଧି କରାଯାଇ ନ ଥିଲା। ତେବେ ୨୦୨୧ ଏପ୍ରିଲ ପରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି, ଯାହକି ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡରେ ଚିନ୍ତାର ବୋଝ ଲଦିଦେଇଛି।

ଭାରତର ପ୍ରତ୍ୟେକ ପରିବାର ବାର୍ଷିକ କୋଟାରେ ୧୪.୨ କେ.ଜି.ର ୧୨ଟି ସିଲିଣ୍ଡର ରିହାତି ମୂଲ୍ୟରେ ପାଇବାକୁ ଯୋଗ୍ୟ। ପହଲ (ଏଲ୍‌ପିଜିର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନାରେ ଉପଭୋକ୍ତାମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ରିହାତି ମୂଲ୍ୟରେ ମିଳିଥାଏ। ଏହି ସବ୍‌ସିଡି ଫରେନ୍ ଏକ୍ସଚେଞ୍ଜ ରେଟ୍ ଓ କ୍ରୁଡ୍ ଅଏଲ୍ ଦର ଭଳି ଅନେକ କାରକ ଉପରେ ନିର୍ଭର କରେ। ତେବେ କେନ୍ଦ୍ର ସରକାର ଏହି ବାବଦରେ ଯେଉଁ ରିହାତି ଦେଉଛନ୍ତି ତାହା ନାମକୁ ମାତ୍ର। ସବ୍‌ସିଡାଇଜ୍‌ଡ ଏଲ୍‌ପିଜିରେ ବ୍ୟାଙ୍କ ଖାତାକୁ ମାତ୍ର ୧୩.୯୫ ଟଙ୍କା ଫେରିଥାଏ। ଏହା ବାଦ୍ ଉପଭୋକ୍ତାମାନେ ଅତିରିକ୍ତ ସିଲିଣ୍ଡର ପାଇବାକୁ ଚାହିଁଲେ ବଜାର ଦରରେ କିଣିପାରିବେ। ଏହାକୁ ନନ୍‌ସବ୍‌ସିଡାଇଜ୍‌ଡ (ବିନା ରିହାତିରେ ମିଳୁଥିବା) ରନ୍ଧନ ଗ୍ୟାସ୍ କୁହାଯାଏ। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଉପରେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ଭଳି ସ୍ଥାନୀୟ ଟ୍ୟାକ୍ସ ଲଗାଯାଉଥିବାରୁ ବିଭିନ୍ନ ରାଜ୍ୟରେ ଏହାର ଦର ଭିନ୍ନ ଭିନ୍ନ ରହିଥାଏ। ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ସମୀକ୍ଷା କରି ଏହାର ଦର ଧାର୍ଯ୍ୟ କରିଥାଆନ୍ତି। ସଦ୍ୟ ମୂଲ୍ୟ ବୃଦ୍ଧି ସହ ନନ୍‌ସବ୍‌ସିଡାଇଜ୍‌ଡ ଏଲ୍‌ପିଜିର ☞ପୃଷ୍ଠା-୭




" ଉପା ସରକାର ଅମଳରେ ଏଲ୍‌ପିଜି ସିଲିଣ୍ଡର ପିଛା ୪୧୪ ଟଙ୍କା ଥିଲା। ପ୍ରତି ସିଲିଣ୍ଡରରେ ସରକାର ୮୨୭ ଟଙ୍କା ସବ୍‌ସିଡି ଦେଉଥିଲେ। ସାଧାରଣ ଲୋକଙ୍କୁ ମିଳୁଥିବା ଏଭଳି ସୁରକ୍ଷାକୁ ମୋଦି ସରକାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ କୋଟି କୋଟି ଭାରତୀୟ ଉଚ୍ଚ ମୁଦ୍ରାସ୍ଫୀତି, ବେକାରି ଓ ଦୁର୍ବଳ ଶାସନ ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

" କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ପର୍ଯ୍ୟାପ୍ତ ସ୍ୱାଧୀନତା ଦେଇଥିବାରୁ ସେମାନେ ମନଇଚ୍ଛା ଦର ବୃଦ୍ଧି ଘଟାଇ ଚାଲିଛନ୍ତି। ଏହା ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ପ୍ରତି କେନ୍ଦ୍ରର ସମ୍ବେଦନହୀନତାକୁ ଦର୍ଶାଉଛି।

**-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

# ରଣଭାର: ମା', ପୁଅଙ୍କ ଆତ୍ମହତ୍ୟା


ରଜନୀ ଗୁଡ୍‌ଲା


ଶ୍ୟାମ୍

**ଅସହ୍ୟ ହେଲା ଲୋକଙ୍କ ଅପମାନ**

ରାୟଗଡ଼ା ଅଫିସ,୭।୫

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଟ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣଭାର ଏବଂ ଲୋକଙ୍କ ଅପମାନ ସହି ନ ପାରି ମା' ଏବଂ ପୁଅ କୀଟନାଶକ ପିଇ ଜୀବନ ହାରିଛନ୍ତି। ଦୁହେଁ ହେଲେ ରଜନୀ ଗୁଡ୍‌ଲା(୫୫) ଏବଂ ତାଙ୍କ ପୁଅ ଶ୍ୟାମ୍(୨୨)। ସୂଚନା ଅନୁଯାୟୀ, ରଜନୀ ଏବଂ ଶ୍ୟାମ୍ ଜେମାଦେଇପେଣ୍ଟ ନିକଟରେ ଏକ ହୋଟେଲ କରିଥିଲେ। କରୋନା ସମୟରେ ତାହା ବନ୍ଦ ରହିବାରୁ ବ୍ୟବସାୟ ବନ୍ଦ ହୋଇଥିଲା। କରୋନା ସ୍ଥିତି ସୁଧୁରିବା ପରେ ପୁଣି ହୋଟେଲ ଚାଲୁ କରିବାକୁ ଉଭୟ ମା' ଏବଂ ପୁଅ ପରିଚିତ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଧାରରେ ☞ପୃଷ୍ଠା-୭

# ସ୍କୁଲ, ହଷ୍ଟେଲରୁ ୬୪ ପିଲା କରୋନା ପଜିଟିଭ

**ଲେଉଟିଲାଣି କରୋନା**

ରାୟଗଡ଼ା ଅଫିସ,୭।୫

କରୋନା ସ୍ଥିତିରେ ସୁଧାର ଆସିବା ପରେ ସମସ୍ତ ସ୍କୁଲ ଏବଂ ହଷ୍ଟେଲଗୁଡ଼ିକ ଖୋଲିଛି। ପିଲାମାନେ ଏକଠି ବସି ପଢ଼ିବା ସହ ହଷ୍ଟେଲରେ ଗୋଟିଏ ରୁମ୍‌ରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ଏବେ ପୁଣି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଅଧୀନରେ ଥିବା ସ୍କୁଲ ଏବଂ ☞ପୃଷ୍ଠା-୪






# ସୁପ୍ରିମକୋର୍ଟରେ ୨ ବିଚାରପତି ନିଯୁକ୍ତ

- ଜଷ୍ଟିସ୍‌ଙ୍କ ସଂଖ୍ୟା ୩୪ରେ ପହଞ୍ଚିଲା



ବିଚାରପତି ସୁଧାଂଶୁ ଧୁଲିଆ ଓ ଜାମସେଦ ବି. ପର୍ଡିୱାଲା

ନୂଆଦିଲ୍ଲୀ,୭।୫(ପି.ଟି.)

ସୁପ୍ରିମକୋର୍ଟରେ ଶନିବାର ଦୁଇ ଜଣ ନୂଆ ବିଚାରପତିଙ୍କୁ ନିଯକ୍ତି ଦିଆଯାଇଛି। ଫଳରେ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୪ (ପୂର୍ଣ୍ଣ କ୍ଷମତା)ରେ ପହଞ୍ଚିବାକୁ ଯାଉଛି। ଦୁଇଦିନ ପୂର୍ବରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଉତ୍ତରାଖଣ୍ଡ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ଆମେ ତଳକୁ ଖସୁଛୁ**

# ବାତ୍ୟା ଭୟ ନାହିଁ

**ସମୁଦ୍ରରେ ମିଳେଇଯିବ**

- ଗଞ୍ଜାମ, ଗଜପତି, ପୁରୀ, କଟକ, ଜଗତ୍‌ସିଂହପୁରରେ ବର୍ଷା
- ୯ରୁ ୧୧ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ
- ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ
- ପ୍ରସ୍ତୁତି କମ୍ କରାଯାଇନାହିଁ:ଏସ୍‌ଆର୍‌ସି

ଭୁବନେଶ୍ୱର,୭।୫(ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବ ନାହିଁ। ଓଡ଼ିଶା କିମ୍ବା ଆନ୍ଧ୍ର ଉପକୂଳକୁ ଆସିବ ନାହିଁ। ସମୁଦ୍ରରେ ହିଁ ମିଳେଇ ଯିବ। ଦକ୍ଷିଣ ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅପରାହ୍ନ ସାଢ଼େ ୫ଟାରେ ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ରବିବାର




ପୂର୍ବାହ୍ନରେ ବାତ୍ୟା ଏବଂ ରାତି ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣବାତ୍ୟାରେ ପରିଣତ ହେବ। ତାହା ଓଡ଼ିଶା ଆଡ଼କୁ ଆସୁଥିଲେ ମଧ୍ୟ ସମୁଦ୍ର ଭିତରେ ରହି ଗତିପଥ ପରିବର୍ତ୍ତନ କରିବ। ପରେ ଉତ୍ତର- ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଗତି କରି ଧୀରେ ଧୀରେ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶନିବାର ରାତି ୧୦ଟାରେ ମିଳିଥିବା ସୂଚନା ଅନୁଯାୟୀ ଗଭୀର ଅବପାତ ବିଶାଖାପାଟଣାଠାରୁ ଦକ୍ଷିଣ-ପୂର୍ବ ଦିଗରେ ୧୧୪୦ କି.ମି. ଏବଂ ପୁରୀଠାରୁ ଦକ୍ଷିଣ- ଦକ୍ଷିଣ- ପୂର୍ବ ଦିଗରେ ୧୧୮୦ କିଲୋମିଟର ଦୂରରେ ରହିଛି। ଏହା ଘଣ୍ଟାପତି ୨୦ କିଲୋମିଟର ବେଗରେ ଗତି କରୁଛି। ଏହା ଗତିପଥ ପରିବର୍ତ୍ତନ କରି ଉତ୍ତର- ଉତ୍ତର- ପୂର୍ବ ଦିଗକୁ ଯିବ ଓ ପୁଣି ଉତ୍ତର- ପଶ୍ଚିମ ମୁହାଁ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବାତ୍ୟାରେ ପରିଣତ ହେବା ପରେ ଏହାର ବେଗ ୯୦ରୁ ୧୦୦ କିଲୋମିଟର ରହିବ। ☞ପୃଷ୍ଠା-୪

# ବେଡ୍‌ରେ ରୋଗୀ, ତଳେ ମୃତଦେହ

କଟକ ଅଫିସ,୭।୫

ବେଡ୍ ଉପରେ ଚାଲିଛି ରୋଗୀ ଚିକିତ୍ସା, ତଳେ ପଡିଛି ମୃତଦେହ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମେଡିକାଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୪ ଘଣ୍ଟା ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଛି।

ଭଦ୍ରକ ଜିଲା ତିହିଡି ଅଞ୍ଚଳର ବିଦ୍ୟାଧର ଜେନା(୬୬) କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସମ୍ପର୍କୀୟମାନେ ଗତ ଶୁକ୍ରବାର ସକାଳ ୭ଟା ୫୦ରେ ଏସ୍‌ସିବି ମେଡିକାଲ ଆଣିଥିଲେ। ତାଙ୍କୁ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିବାବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ମୃତଦେହ ଛାଡ଼ି ଚାଲିଯାଇଥିଲେ। ଏହି ସମୟରେ ଆଉ ଜଣେ ରୋଗୀ ଆସିବାରୁ ବିଦ୍ୟାଧରଙ୍କ ମୃତଦେହ ବେଡ୍ ତଳକୁ ଓହ୍ଲାଇ ଦିଆଯାଇଥିଲା। ଉକ୍ତ ବେଡ୍‌ରେ ଅନ୍ୟ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଦୁଃଖର ବିଷୟ ୨୪ ଘଣ୍ଟା ଧରି ମୃତଦେହ ପଡିରହିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ନ ଥିଲା। ଡାକ୍ତର ଓ ନର୍ସ ଆସି ରୋଗୀଙ୍କ ଚିକିତ୍ସା କରୁଥିଲେ ମଧ ତଳେ ପଡିଥିବା ମୃତଦେହକୁ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ମେଡିକାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡାକ୍ତର, ମେଡିକାଲ କର୍ମଚାରୀ ଓ ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ କହିଛନ୍ତି, ଘଟଣା ଜାଣିବା ପରେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସେମାନଙ୍କୁ କହିଛି।

**ଏସ୍‌ସିବି ମେଡିକାଲରେ ଦୟନୀୟ ସ୍ଥିତି**






ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୮ ମେ, ୨୦୨୨

**ଦିଲ୍ଲୀରେ ଯୁବକଙ୍କୁ ପିଟି ହତ୍ୟା**

ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ଉତ୍ତମନଗରରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଗଲାଣି। ହୋଲି ବିବାଦକୁ କେନ୍ଦ୍ର କରି ଅନ୍ୟ ଏକ କଲୋନିର କେତେଜଣ ଯୁବକ ଗତ ମାସ ୨୪ରେ କ୍ରିଷ୍ଣାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କ୍ରିଷ୍ଣାଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ବିଲ୍ଡିଂରେ ନିଆଁ: ୭ ମୃତ

**ଇନ୍ଦୋର,୭ା୫:** ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ସ୍ୱର୍ଣ୍ଣବାଗ ଅଞ୍ଚଳରେ ଥିବା ଏକ ୩ ମହଲା ରେସିଡେନ୍ସିଆଲ ବିଲ୍ଡିଂରେ ଶୁକ୍ରବାର ରାତି ୨ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ମହିଳାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର। ସେମାନେ ଉକ୍ତ ବିଲ୍ଡିଂରେ ଭଡ଼ାରେ ରହୁଥିଲେ। ନିଆଁ ବିଲ୍ଡିଂରେ ବ୍ୟାପିଯାଇଥିବାବେଳେ ସେମାନେ ଶୋଇପଡ଼ିଥିବାରୁ ବାହାରି ପାରି ନ ଥିଲେ। ଅନ୍ୟ କେତେଜଣ ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁ ପଡ଼ିଥିବାବେଳେ ଝରକା ଭାଙ୍ଗି ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ଲାଗି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଆଁ ଲାଗିବାବେଳେ ବିଲ୍ଡିଂରେ ୧୨ ଜଣ ଥିଲେ। ତଳ ମହଲା ପାର୍କିଂ ସ୍ଥାନରେ ଥିବା ମୁଖ୍ୟ ବିଦ୍ୟୁତ୍ ମିଟରରେ ଶର୍ଟ-ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ କହୁଛି। ସେଠାରେ ପାର୍କିଂରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯିବାରୁ ବିଲ୍ଡିଂରୁ ବାହାରିବା ବାଟ ବନ୍ଦ ହୋଇଯାଇଥିଲା। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

### ବେଲୁଚିସ୍ତାନରେ ଭୂକମ୍ପ: ୮୦ ଘର ଭାଙ୍ଗିଲା

**ଇସ୍‌ଲାମାବାଦ,୭ା୫:** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଖୁଜ୍‌ଦର ଜିଲାରେ ୫.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ଅନ୍ୟ ୨୬୦ଟି ଘରେ ଫାଟ ସୃଷ୍ଟି ହୋଇଛି। ୨୦୦ରୁ ଅଧିକ ପରିବାର ବାସହରା ହୋଇଛନ୍ତି। ଶୁକ୍ରବାର ରାତି ୧୧ଟା ୫୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା। ଔରନାଜି ନିକଟରେ ଏହାର କେନ୍ଦ୍ରସ୍ଥଳ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାୟ ୩୦ ସେକେଣ୍ଡ ଧରି କମ୍ପନ ଅନୁଭୂତ ହେବାରୁ ଲୋକେ ଘରୁ ବାହାରକୁ ପଳାଇଆସିଥିଲେ। ଔରନାଜିର ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି।

### ଯମୁନା ଏକ୍ସପ୍ରେସ୍‌ୱେରେ କାର୍ ଦୁର୍ଘଟଣା: ୭ ମୃତ

**ଲକ୍ଷ୍ନୌ, ୭ା୫:** ଉତ୍ତର ପ୍ରଦେଶ ମଥୁରା ଜିଲା ଅନ୍ତର୍ଗତ ଯମୁନା ଏକ୍ସପ୍ରେସ୍‌ୱେରେ ଶନିବାର ବଡ଼ ଧରଣର ସଡ଼କ ଦୁର୍ଘଟଣାରେ ଜଣେ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏକ କାର୍ ଅଜଣା ଗାଡ଼ି ସହିତ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆଫଗାନ ମହିଳାଙ୍କ ପାଇଁ ବୁର୍ଖା ବାଧ୍ୟତାମୂଳକ

**କଠୋର ନିୟମ ଆଣିଲା ତାଲିବାନ୍**



**କାବୁଲ,୭ା୫:** କଠୋରପନ୍ଥୀ ତାଲିବାନ୍ ଆଫଗାନିସ୍ତାନରେ ମହିଳାଙ୍କ ଉପରେ ଗୋଟିଏ ପରେ ଗୋଟିଏ ନୂଆ ନିୟମ ଲାଗୁ କରିବାରେ ଲାଗିଛି। ଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ବନ୍ଦ କରିବା ପରେ ଏବେ ମହିଳାଙ୍କୁ ଟାର୍ଗେଟ କରିଛି ତାଲିବାନ୍ ସରକାର। ମହିଳାମାନେ ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ବାଧ୍ୟତାମୂଳକ କରାଯାଇଛି। ଶନିବାର ତାଲିବାନ୍ ନେତା ହିବାତୁଲ୍ଲାହ ଅଖୁନ୍ଦଜାଦା ଏହି ସୂଚନା ଦେଇଛନ୍ତି। ଯଦି କୌଣସି ମହିଳା ଏହି ନିୟମକୁ ଅବମାନନା କରନ୍ତି ତେବେ ମହିଳାଙ୍କ ବାପା କିମ୍ବା ଘନିଷ୍ଠ ପୁରୁଷ ସମ୍ପର୍କୀୟଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଯଦି ସେମାନେ ସରକାରୀ ଚାକିରି କରିଥାନ୍ତି ତେବେ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯିବ ବୋଲି ସେ କହିଛନ୍ତି। ନୀଳରଙ୍ଗ ତାଲିବାନ୍ ସରକାରଙ୍କ ବୈଶ୍ୱିକ ପ୍ରତୀକ ହୋଇଥିବାବେଳେ ମହିଳାମାନେ ଏହି ରଙ୍ଗର ବୁର୍ଖା ପରିଧାନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ: ୩ ଆହତ



ଝାଡ଼ଖଣ୍ଡର ଜାମ୍‌ସେଦପୁରସ୍ଥିତ ଟାଟା ଷ୍ଟିଲ୍ କାରଖାନାର ଗ୍ୟାସ୍ ପାଇପ୍ ଲାଇନରେ ବିସ୍ଫୋରଣ ଘଟି ୩ ଜଣ ଠିକା କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଟାଟା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନ ୧୦ଟା ୨୦ ମିନିଟ ସମୟରେ କମ୍ପାନୀର କୋକ୍ ପ୍ଲାଣ୍ଟରେ ଅଚଳ ହୋଇପଡ଼ିଥିବା ବ୍ୟାଟେରି-୬ ନିକଟ ଗ୍ୟାସ୍ ପାଇପ୍ ଲାଇନରେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ କାରଖାନା ଭିତରେ ଭୟର ବାତାବରଣ ସୃଷ୍ଟି ହେବା ସହ କର୍ମଚାରୀମାନେ ଏଣେତେଣେ ଧାଁ ଦଉଡ଼ କରୁଥିବା ଦେଖାଯାଇଥିଲା। ତେବେ ବିସ୍ଫୋରଣ ଯୋଗୁ କାରଖାନା ଉତ୍ପାଦନ ବାଧାପ୍ରାପ୍ତ ହୋଇ ନ ଥିବା କମ୍ପାନୀ ପକ୍ଷରୁ ଟୁଇଟ୍ କରାଯାଇଛି।

## ମୁମ୍ବାଇ ଏଲ୍‌ଆଇସି ଅଫିସରେ ଅଗ୍ନିକାଣ୍ଡ




ମୁମ୍ବାଇର ଭିଲେ ପାର୍ଲେ ଅଞ୍ଚଳରେ ଥିବା ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ବହୁ କାଗଜପତ୍ର ପୋଡ଼ିଯାଇଛି। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସାନ୍ତାକ୍ରୁଜ୍(ଡବ୍ଲ୍ୟୁ)ସ୍ଥିତ ଏଲ୍‌ଆଇସିର ଜୀବନ ସେବା ବିଲ୍ଡିଂର ଦ୍ୱିତୀୟ ମହଲାରେ ସକାଳ ୬ଟା ୪୦ ମିନିଟ ସମୟରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା। ଏଲ୍‌ଆଇସିର ଡାଟା ସେଣ୍ଟର ସୁରକ୍ଷିତ ରହିଛି ଏବଂ ଆଇଟି ସମ୍ପତ୍ତିର ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି।

# ୫ ବର୍ଷରେ ୧% ମହିଳାଙ୍କୁ ନିଯୁକ୍ତି

**ନୂଆଦିଲ୍ଲୀ,୭ା୫**

ଭାରତରେ ମାତ୍ର ୩୨% ବିବାହିତା ମହିଳା ଓ ଝିଅ (୧୫ରୁ ୪୯ ବର୍ଷୀୟା) ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୮୩% ରୋଜଗାର କରୁଥିବାବେଳେ ଅବଶିଷ୍ଟ ୧୫ ପ୍ରତିଶତ ଅର୍ଥ ଉପାର୍ଜନ କରନ୍ତି ନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ପକ୍ଷରୁ ୨୦୧୯-୨୧ରେ କରାଯାଇଥିବା ପଞ୍ଚମ ପର୍ଯ୍ୟାୟ ସର୍ଭେରୁ ଏହି ଉଦ୍‌ବେଗଜନକ ବିଷୟ ସାମ୍ନାକୁ ଆସିଛି। ପୂର୍ବରୁ ୨୦୧୫-୧୬ରେ କରାଯାଇଥିବା ଏନ୍‌ଏଫ୍‌ଏଚ୍‌ଏସ୍-୪ ସର୍ଭେରେ ମହିଳାଙ୍କ ନିଯୁକ୍ତି ୩୧% ଥିବାବେଳେ ଏବେ ଏଥିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ସେହିପରି ଅର୍ଥ ଉପାର୍ଜନକାରୀ ମହିଳାଙ୍କ ସଂଖ୍ୟା ମଧ୍ୟ ମାତ୍ର ୩% ବଢ଼ିଛି।

**୧୫ ପ୍ରତିଶତ କର୍ମଜୀବୀଙ୍କୁ ମିଳେନି ମଜୁରି**



ଏନ୍‌ଏଫ୍‌ଏଚ୍‌ଏସ୍‌ର ସଦ୍ୟ ରିପୋର୍ଟ ଅନୁସାରେ ପୁରୁଷଙ୍କ ନିଯୁକ୍ତି କ୍ଷେତ୍ରରେ କୌଣସି ପରିବର୍ତ୍ତନ ଆସିନାହିଁ। ଦେଶରେ ୧୫ରୁ ୪୯ ବୟସ ବର୍ଗର ୯୮% ପୁରୁଷଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ସେମାନଙ୍କ ମଧ୍ୟରୁ ୯୧% ଅର୍ଥ ଉପାର୍ଜନ କରୁଥିବାବେଳେ ବର୍ତ୍ତମାନ ଏହା ୯୫%ରେ ପହଞ୍ଚିଛି। କର୍ମଜୀବୀ ମହିଳାଙ୍କ ମଧ୍ୟରୁ ୮୩% ଦରମା କିମ୍ବା ଅନ୍ୟ ପ୍ରକାର ପାରିଶ୍ରମିକ ପାଇଥାଆନ୍ତି। ହେଲେ ୧୫% ମହିଳାଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଅର୍ଥ ଦିଆଯାଇ ନ ଥାଏ। ଏପରି କି ମହିଳାମାନଙ୍କ ଜୀବନ ଶୈଳୀରେ ମଧ୍ୟ କୌଣସି ପରିବର୍ତ୍ତନ ଆସିନାହିଁ। ୫ ବର୍ଷ (୨୦୧୫-୧୬ରୁ ୨୦୧୯-୨୧) ମଧ୍ୟରେ ମହିଳାଙ୍କ ନିଯୁକ୍ତିରେ ମାତ୍ର ୧% ବୃଦ୍ଧି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ପପୁଲେଶନ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପୁନମ୍ ମୁଟ୍ରେଜା କହିଛନ୍ତି। ପୁନମ୍‌ଙ୍କ ମତରେ ଦେଶର ଅନେକ ରାଜ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାରେ ଲାଗିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ରୁ ଏହା ପ୍ରତିଫଳିତ ହେଉଛି। ତେଣୁ ମହିଳାଙ୍କ ସ୍ୱାଧୀନତା ତଥା ସୁଯୋଗର ବିସ୍ତାର ଲାଗି ସରକାରୀ ସ୍ତରରେ ଅଧିକ ଉଦ୍ୟମ ଓ ପୁଞ୍ଜିନିବେଶର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ) ପକ୍ଷରୁ ନିକଟରେ ପ୍ରକାଶିତ ଡାଟା ଅନୁସାରେ ଲକ୍ଷ ଲକ୍ଷ ଭାରତୀୟ ବିଶେଷକରି ମହିଳାମାନେ ବିଗତ ୫ ବର୍ଷରେ ଚାକିରି ଖୋଜିବା ବନ୍ଦ କରିଦେଇଛନ୍ତି। କାରଣ ଦେଶରେ ନୂଆ ନିଯୁକ୍ତି ମିଳୁ ନ ଥିବାରୁ ସେମାନେ ହତାଶ ହୋଇଯାଇଛନ୍ତି। ଗତ ମାର୍ଚ୍ଚରେ ଦେଶରେ ବେକାରି ହାର ୭.୬% ଥିବାବେଳେ ଏପ୍ରିଲରେ ଏଥିରେ ୦.୨୩ ପ୍ରତିଶତ ବୃଦ୍ଧି ଘଟି ୭.୮୩% ଛୁଇଁଥିଲା। ଗ୍ରାମାଞ୍ଚଳରେ ପୂର୍ବ ମାସରେ ଏହି ହାର ୭.୧୮% ଥିବାବେଳେ ଏପ୍ରିଲରେ ୭.୨୯% ଥିବା ସିଆଇଏମ୍‌ଇ ଦର୍ଶାଇଛି।

### ଦ୍ୱିତୀୟ ଥର ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ନେଲେ ମାକ୍ରଁ



**ପ୍ୟାରିସ,୭ା୫**

ଏମାନୁଏଲ୍ ମାକ୍ରଁ ଶନିବାର ଦ୍ୱିତୀୟ ଥର ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣକୁ ଅଧିକ ବଢ଼ିବାକୁ ନ ଦେବା ଦିଗରେ ସେ ପଦକ୍ଷେପ ନେବେ ବୋଲି ପ୍ରଥମ ଶପଥ ନେବା ସହ ଫ୍ରାନ୍ସ ଓ ୟୁରୋପର ବିକାଶ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି। ଗତ ଏପ୍ରିଲ ୪ରେ ମାକ୍ରଁ ଆଉ ୫ ବର୍ଷ ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାରିନ୍ ଲେ ପେନ୍‌ଙ୍କୁ ପରାସ୍ତ କରିଥିଲେ। ଶାସନ କ୍ଷେତ୍ରରେ ସେ ସ୍ୱଚ୍ଛ ପଦ୍ଧତି ଆପଣାଇବା ସହ ସାମାଜିକ ଉତ୍ତେଜନା ହ୍ରାସ ଲାଗି ତାଙ୍କ ସରକାର ଏବଂ ପାର୍ଲାମେଣ୍ଟ ବିଭିନ୍ନ ୟୁନିୟନ, ସଂଗଠନ ଓ ରାଜନୀତି, ଅର୍ଥନୀତି, ସାମାଜିକ ତଥା ସାଂସ୍କୃତିକ ଜଗତ ସହ ଜଡ଼ିତ ଲୋକମାନଙ୍କ ସହିତ ଏକାଠି କାର୍ଯ୍ୟ କରିବ ବୋଲି କହିଛନ୍ତି।

## ବଗ୍‌ଗାଙ୍କୁ ହାଇକୋର୍ଟ ସୁରକ୍ଷା

**ମୋହାଲି,୭ା୫**



ପଞ୍ଜାବର ମୋହାଲିସ୍ଥିତ ଏକ କୋର୍ଟ ଶନିବାର ଦିଲ୍ଲୀର ଭାଜପା ନେତା ତେଜିନ୍ଦର ପାଲ୍ ସିଂ ବଗ୍‌ଗାଙ୍କ ବିରୋଧରେ ସାନି ଗିରଫଦାରି ୱାରେଣ୍ଟ ଜାରି କରିଥିବାବେଳେ ବିଳମ୍ବିତ ରାତିରେ ପଞ୍ଜାବ ହରିୟାଣା ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଛନ୍ତି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି ଓ ହିଂସା ଉସୁକାଇବା ପାଇଁ ଉତ୍ତେଜକ ଭାଷଣ ଦେବା ଭଳି ଅଭିଯୋଗରେ ବଗ୍‌ଗାଙ୍କୁ ଗିରଫ କରି ହାଜର ପାଇଁ କୋର୍ଟ ପଞ୍ଜାବ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ମେ' ୨୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ମେ' ୧୦ ପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ପ୍ରକାଶ ଯେ, ବଗ୍‌ଗାଙ୍କୁ ପଞ୍ଜାବ ପୋଲିସ ଶୁକ୍ରବାର ଗିରଫ କରି ନେଉଥିବାବେଳେ ତାଙ୍କ ବାପା ଅପହରଣ ଅଭିଯୋଗ ଆଣି ଏତଲା ଦେବାରୁ କୁରୁକ୍ଷେତ୍ରରେ ହରିୟାଣା ପୋଲିସ ଅଟକାଇଥିଲା। ସେଠାରୁ ଦିଲ୍ଲୀ ପୋଲିସ ଉଦ୍ଧାର କରି ଜାତୀୟ ରାଜଧାନୀକୁ ନେଇ ଛାଡ଼ି ଦେଇଥିଲା।

## କ୍ୟୁବା ହୋଟେଲରେ ବିସ୍ଫୋରଣ: ୨୫ ମୃତ

**ହାଭାନା,୭ା୫**

କ୍ୟୁବା ରାଜଧାନୀ ହାଭାନା ସହରରେ ଥିବା ଏକ ବିଳାସପୂର୍ଣ୍ଣ ହୋଟେଲରେ ଶୁକ୍ରବାର ରାତିରେ ବିସ୍ଫୋରଣ ଘଟି ୨୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। କେତେଜଣ ଏବେ ବି ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭଗ୍ନାବଶେଷ ମଧ୍ୟରୁ ମୃତଦେହ ଖୋଜା ଜାରି ରହିଛି। ୯୬ ପ୍ରକୋଷ୍ଠ ବିଶିଷ୍ଟ ହୋଟେଲ ସାରାଟୋଗାରେ ପ୍ରାକୃତିକ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଉନ୍ନବିଂଶ ଶତାବ୍ଦୀର ଏହି ବିଲ୍ଡିଂର ନବୀକରଣ କାର୍ଯ୍ୟ ଚାଲିଥିବାରୁ ସେଠାରେ କୌଣସି ଅତିଥି କିମ୍ବା ପର୍ଯ୍ୟଟକ ନ ଥିଲେ। ମଙ୍ଗଳବାର ଉକ୍ତ ହୋଟେଲ ପୁନଃଉଦ୍‌ଘାଟନ ହେବାର ଥିଲା। ବିସ୍ଫୋରଣ ପରେ କେତେଜଣ ନିଖୋଜ ଥିବାରୁ ସେମାନଙ୍କ ପ୍ରତୀକ୍ଷାରେ ସମ୍ପର୍କୀୟମାନେ ଗତ ରାତିରୁ ସେଠାରୁ ପଡ଼ିରହିଛନ୍ତି। ଏହା ବ୍ୟତୀତ ଆହତମାନେ ଭର୍ତ୍ତି ହୋଇଥିବା ହସ୍ପିଟାଲ ବାହାରେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି।



ଯୁଦ୍ଧ ପ୍ରଭାବିତ ୟୁକ୍ରେନରୁ ପ୍ରାୟ ୯ ଲକ୍ଷ ନାଗରିକ ପଳାୟନ କରି ରୋମାନିଆରେ ଆଶ୍ରୟ ନେଇଛନ୍ତି। ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଶନିବାର ବୁଚାରେଷ୍ଟର ଏକ ସରକାରୀ ସ୍କୁଲ୍‌ରେ ଶିଶୁ ଓ ମହିଳା ଶରଣାର୍ଥୀଙ୍କୁ ଭେଟି ସେମାନଙ୍କ ଦୁର୍ଦ୍ଦଶାର କାହାଣୀ ଶୁଣୁଛନ୍ତି।

## ହାଜତ ମୃତ୍ୟୁ: ୬ ପୋଲିସ ଗିରଫ

**ଚେନ୍ନାଇ,୭ା୫**

ଚେନ୍ନାଇରେ ପୋଲିସ ହାଜତରେ ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ତାମିଲନାଡୁର ୬ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ ସେମାନଙ୍କ ବିରୋଧରେ ସନ୍ଦେହଜନକ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ଏଥିସହିତ ସେମାନଙ୍କ ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ପ୍ରତିକାର) ଆଇନରେ ମାମଲା ରୁଜୁ ହୋଇଛି। ବିଗ୍ନେଶଙ୍କ ଦେହରେ ୧୩ଟି କ୍ଷତଚିହ୍ନ ଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଗଞ୍ଜେଇ ନେଉଥିବା ଏବଂ ପୋଲିସକୁ ଆକ୍ରମଣ ଉଦ୍ୟମ କରିବା ଅଭିଯୋଗରେ ବିଗ୍ନେଶଙ୍କୁ ଗିରଫ କରାଯିବା ପରଦିନ ହାଜତରେ ତାଙ୍କ ମୃତଦେହ ମିଳିଥିଲା। ଘଟଣାର ସିବିଆଇ ତଦନ୍ତ ଦାବିରେ ତାମିଲନାଡୁ ବିଧାନସଭାରେ ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲେ।

### ସାଓମି ଅଧିକାରୀଙ୍କୁ ଇଡିର ମାଡ଼ ଧମକ ଅଭିଯୋଗ

**ନୂଆଦିଲ୍ଲୀ, ୭ା୫**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଚାଇନା ସ୍ମାର୍ଟ ଫୋନ୍ ନିର୍ମାତା ସାଓମି କମ୍ପାନୀର କାର୍ଯ୍ୟନିର୍ବାହୀଙ୍କୁ ଜେରା ବେଳେ ମାଡ଼ ଧମକ ଦେଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ତଥ୍ୟ ନ ଦେଲେ ପରିଣାମ ଭୟାବହ ହେବ ବୋଲି ଇଡି ଅଧିକାରୀମାନେ ସାଓମି କମ୍ପାନୀର ଭାରତ ପାଇଁ ଥିବା ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ମନୁ କୁମାର ଜୈନ, ବର୍ତ୍ତମାନର ସିଏଫ୍‌ଓ ସମୀର ବି.ଏସ୍. ରାଓ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ। ସୂଚନାଯୋଗ୍ୟ, ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ଗତ ଫେବୃୟାରୀରୁ ସାଓମି ତଦନ୍ତର ସମ୍ମୁଖୀନ ହୋଇଛି। ଗତ ସପ୍ତାହରେ ଇଡି ସାଓମି ଇଣ୍ଡିଆର ୭୨୫ ନିୟୁତ ଡଲାର (୫୫୦୦ କୋଟି ଟଙ୍କା) ମୂଲ୍ୟର ସମ୍ପତ୍ତି ଜବତ କରିଥିଲା। ତେବେ ରୟାଲ୍‌ଟି ପୈଠରେ କୌଣସି ଭୁଲ୍ କରି ନ ଥିବା ସାଇମି ପକ୍ଷରୁ କୁହାଯାଇଛି। ଗତ ଗୁରୁବାର ଅଦାଲତ ସାଓମି ଓକିଲଙ୍କ ଯୁକ୍ତି ଶୁଣିବା ପରେ ଭାରତୀୟ ସଂସ୍ଥା ଏହାର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୧୨ ତାରିଖରେ ହେବ।

# ମସ୍କଙ୍କ ଟୁଇଟର ଡିଲ୍‌କୁ ଆଇନଗତ ବାଧା

**ସାନ୍ ଫ୍ରାନ୍ସିସ୍କୋ, ୭ା୫(ଆଇଏଏନ୍‌ଏସ୍)**

ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟର କିଣିବା ପାଇଁ କରିଥିବା ଡିଲ୍ ଆମେରିକାରେ ପ୍ରଥମ ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି। ମସ୍କ ଓ ତାଙ୍କର ୪୪ ବିଲିଅନ ଡଲାର ଟୁଇଟର କିଣା ଡିଲ୍ ଉପରେ ଓର୍ଲାଣ୍ଡୋ ପୋଲିସ ପେନ୍‌ସନ ଫଣ୍ଡ ପକ୍ଷରୁ ମାମଲା ଦାଏର ହୋଇଛି। ଉକ୍ତ ମାଇକ୍ରୋ-ବ୍ଲଗିଂ ପ୍ଲାଟ୍‌ଫର୍ମରେ ଟେସ୍‌ଲା ସିଇଓଙ୍କର ଅଂଶଧନ ରହିଥିବାରୁ ୨୦୨୫ ପର୍ଯ୍ୟନ୍ତ ଡିଲ୍ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି। ଡେଲାୱେର ଚାନ୍‌ସେରି କୋର୍ଟରେ ଦାଏର ମାମଲା ଅନୁଯାୟୀ ଟୁଇଟର ବୋର୍ଡ ଦ୍ୱାରା ମିଶ୍ରଣ ରାଜିନାମା ଅନୁମୋଦିତ ହେବା ପୂର୍ବରୁ ମସ୍କ ଏହାର ଜଣେ ଅଂଶୀଦାର ଥିଲେ। ତେଣୁ ପ୍ରସ୍ତାବିତ ଅଧିଗ୍ରହଣ ଆଇନଗତ ଭାବେ ୨୦୨୫ ପୂର୍ବରୁ ଶେଷ ହୋଇପାରିବ ନାହିଁ। କାରଣ ଟୁଇଟର ଭୋଟିଂ ଷ୍ଟକ୍‌ର ୬୬ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ମସ୍କ ହାସଲ କରିପାରି ନାହାନ୍ତି। ଉକ୍ତ ଲ' ଶୁଟ୍‌ରେ ଟୁଇଟରର ପୂର୍ବତନ ସିଇଓ ଜାକ୍ ଡୋର୍ସି, ବର୍ତ୍ତମାନର ସିଇଓ ପରାଗ ଅଗ୍ରୱାଲ ଏବଂ କମ୍ପାନୀ ବୋର୍ଡକୁ ପକ୍ଷଭୁକ୍ତ କରାଯାଇଛି। ଆଇନର ଧାରା ୨୦୩ ଅନୁଯାୟୀ କମ୍ପାନୀର ୧୫ ପ୍ରତିଶତରୁ ଊର୍ଦ୍ଧ୍ୱ ଅଂଶୀଦାର ଥିବା ବ୍ୟକ୍ତି ଅବଶିଷ୍ଟ ଶେୟାରର ଦୁଇ-ତୃତୀୟାଂଶ ଅନୁମୋଦନ ବିନା ମିଶ୍ରଣ ପ୍ରକ୍ରିୟାରେ ପ୍ରବେଶ କରିପାରିବେ ନାହିଁ। ଗତ ଜାନୁୟାରୀରେ ମସ୍କ ଟୁଇଟର ଶେୟାର କିଣିବା ଆରମ୍ଭ କରିଥିଲେ। ତାଙ୍କର ଟୁଇଟର କିଣିବା ପ୍ରସ୍ତାବକୁ ବୋର୍ଡ ଅନୁମୋଦନ କରିବା ସମୟରେ ସେ ଏହାର ୯.୬ ପ୍ରତିଶତ ବକେୟା ଭୋଟିଂ ଷ୍ଟକ୍ ହାସଲ କରିଥିଲେ। ତେଣୁ ଧାରା ୨୦୩ ଅନୁଯାୟୀ ମସ୍କଙ୍କୁ ଟୁଇଟର ଅଧିଗ୍ରହଣ କରିବାକୁ ହେଲେ ଏହାର ଅନ୍ୟ ଦୁଇଜଣ ପ୍ରମୁଖ ଲାଭ ହାସଲକାରୀ ଅଂଶୀଦାରଙ୍କ ସହ ଚୁକ୍ତିନାମା କିମ୍ବା ବୁଝାମଣା କରିବାକୁ ହେବ ବୋଲି ଲ' ଶୁଟ୍‌ରେ କୁହାଯାଇଛି। ସେମାନେ ହେଲେ ମୋର୍ଗାନ ଷ୍ଟାନ୍‌ଲି ଏବଂ ଟୁଇଟରର ସହପ୍ରତିଷ୍ଠାତା ଡୋର୍ସି। ଟୁଇଟରରେ ମୋର୍ଗାନ ଷ୍ଟାନ୍‌ଲିର ୮.୮ ପ୍ରତିଶତ ଅଂଶଧନ ରହିଛି ଏବଂ ଏହା ମସ୍କଙ୍କ ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛି। ସେହିପରି ଟୁଇଟର ଭୋଟିଂ ଷ୍ଟକ୍‌ରେ ଡୋର୍ସିଙ୍କର ୨.୪ ପ୍ରତିଶତ ରହିଛି।



**୨୦୨୫ ପୂର୍ବରୁ ସମ୍ପୂର୍ଣ୍ଣ ହୋଇ ନ ପାରେ**

### ଅଜଣା ରୋଗରେ ୧୦୯ ଶିଶୁ ଆକ୍ରାନ୍ତ

**ୱାଶିଂଟନ, ୭ା୫**

ଆମେରିକାରେ ଶିଶୁଙ୍କୁ ଅଜଣା ଯକୃତ ରୋଗ ଚିନ୍ତା ବଢ଼ାଇଦେଇଛି। ଅଦ୍ୟାବଧି ୧୦୯ ଶିଶୁ ଏହି ରୋଗରେ ଆକ୍ରାନ୍ତ ହେଲେଣି। ଏଥିରୁ ୯୦% ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୪%ଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣ ସ୍ଥିତି ଉପୁଜିଥିବା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି) ପକ୍ଷରୁ ସୂଚନା ଦିଆଯାଇଛି। ଅଜଣା ରୋଗ ସଂକ୍ରାନ୍ତରେ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଥିବା ସିଡିସି ଉପନିର୍ଦ୍ଦେଶକ ଜୟ ବଟଲର କହିଛନ୍ତି। ଅଧିକାଂଶ ସଂକ୍ରମିତ ଶିଶୁ ଆଡେନୋଭାଇରସ ୪୧ ଦ୍ୱାରା ଆକ୍ରାନ୍ତ ଥିବାବେଳେ ଏବେ ସୁଦ୍ଧା ମୋଟ ୫ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୬୭,୭୮,୪୧୬ | ୬୨,୭୫,୨୮୫ | ୪୭,୧୪,୧୮,୧୪୪ |
| ଭାରତ | ୪,୩୦,୯୮,୭୪୩ | ୫,୨୪,୦୨୪ | ୪,୨୫,୫୪,୪୧୬ |
| ଓଡ଼ିଶା | ୧୨,୮୮,୧୩୧ | ୯୧୨୬(+୫୩) | ୧୨,୭୮,୮୬୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବିଶ୍ୱ ଦକ୍ଷତା ପ୍ରତିଯୋଗିତା | ସ୍ୱର୍ଣ୍ଣ ଜିତିଲେ ମିଳିବ ୧ କୋଟି

## ଉତ୍କର୍ଷକୁ ଅଭ୍ୟାସରେ ପରିଣତ କରିଛନ୍ତି ଓଡ଼ିଶା ପିଲା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ବିଜୟ ଏକ ଅଭ୍ୟାସ। ବିଜୟରୁ ମିଳେ ଉତ୍କର୍ଷତା। ଓଡ଼ିଶାର ପିଲାମାନେ ଉତ୍କର୍ଷକୁ ଏକ ଅଭ୍ୟାସରେ ପରିଣତ କରିଛନ୍ତି। ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବିଜୟ ଲାଭ କରି ରାଜ୍ୟ ପାଇଁ ଓଡ଼ିଆ ପିଲା ଗୌରବ ଆଣୁଛନ୍ତି। ଶନିବାର ଲୋକସେବା ଭବନଠାରେ ବିଜେତା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଭାରତ ଦକ୍ଷତା ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଓଡ଼ିଶାର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ୨୦୨୨ ଜାନୁୟାରୀରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ ଦକ୍ଷତା ପ୍ରତିଯୋଗିତାରେ ୫୯ଟି ମେଡାଲ ଜିତିଥିବା ଓଡ଼ିଶା ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହାସହ ୨୦୨୨ ଅକ୍ଟୋବରରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଂଘାଇରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ବିଜେତାଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଲେ ୧ କୋଟି, ରୌପ୍ୟ ଜିତିଲେ ୫୦ଲକ୍ଷ ଏବଂ ବ୍ରୋଞ୍ଜ ଜିତିଲେ ୨୫ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱର୍ଣ୍ଣ ବିଜେତାଙ୍କୁ ପ୍ରସ୍ତୁତ କରିଥିବା ସଂସ୍ଥାକୁ ୫କୋଟି ଟଙ୍କା ଦିଆଯିବ। ଆସନ୍ତା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ୨-୩-୪ ଲକ୍ଷ୍ୟ ନେଇ ପ୍ରସ୍ତୁତି ହେବା ଆବଶ୍ୟକ। ଓଡ଼ିଶାର ଯୁବଗୋଷ୍ଠୀ ଦେଶ ପାଇଁ ୨ଟି ସ୍ୱର୍ଣ୍ଣ ପଦକ, ୩ଟି ରୌପ୍ୟ ପଦକ ଓ ୪ଟି ବ୍ରୋଞ୍ଜ ପଦକ ବିଜୟୀ ହେବା ନେଇ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଛି। ମନରେ ସାଂଘାଇ, ହୃଦୟରେ ଭାରତ ଭାବି ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।


ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ବିଜୟୀ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ଲୋକସେବା ଭବନରେ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାରରେ ସମ୍ବର୍ଦ୍ଧିତ କରୁଛନ୍ତି।

- **ରୌପ୍ୟ ପାଇଁ ୫୦ ଲକ୍ଷ**
- **ବ୍ରୋଞ୍ଜ ନିମନ୍ତେ ୨୫ ଲକ୍ଷ**
- **ଭାରତ ଦକ୍ଷତା ବିଜେତାଙ୍କୁ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶା ୫୯ଟି ପଦକ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ବିଜେତାଙ୍କ ମାତାପିତା, କୋଚ, ଅନୁଷ୍ଠାନ ଓ ଶିଳ୍ପ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆମର ଝିଅ,ପୁଅଙ୍କ ନିକଟରେ ବହୁବିଧ ଦକ୍ଷତା ରହିଛି। ପଦକଗୁଡ଼ିକ ପାରମ୍ପରିକ ଦକ୍ଷତାରୁ ଉତ୍କର୍ଷ ବୈଷୟିକ ଦକ୍ଷତା ମଧ୍ୟରୁ ଆସିଛି। ଝିଅମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ କରିବା ନେଇ ଆମେ ପ୍ରତିଶ୍ରୁତିବଦ୍ଧ। ଏହାଦ୍ୱାରା ପାରମ୍ପରିକ ପୁରୁଷ ପ୍ରଭାବିତ କ୍ଷେତ୍ରରେ ଝିଅମାନେ ଦେଶରେ ରାଜ୍ୟକୁ ଗର୍ବିତ କରି ପାରିଛନ୍ତି। ଓଡ଼ିଆ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ପାଇଁ ଭୁବନେଶ୍ୱରଠାରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ସିଙ୍ଗାପୁରସ୍ଥିତ ଆଇଟିଇଏସ୍ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରୁଛି। ଏହା ସରକାରଙ୍କର ଯୁବଗୋଷ୍ଠୀଙ୍କ ପ୍ରତି ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଛନ୍ତି ଯେ ଭାରତ ଦକ୍ଷତା ପ୍ରତିଯୋଗିତାରେ ସମସ୍ତ ବିଜୟୀ ତୃଣମୂଳ ସ୍ତରରୁ ଆସିଛନ୍ତି। ସମଗ୍ର ରାଜ୍ୟ ପାଇଁ ସେମାନେ ଏକ ସମ୍ଭାବନା। ମୁଖ୍ୟମନ୍ତ୍ରୀ ହକି ପାଇଁ ଯାହାକିଛି କରିଛନ୍ତି ଦକ୍ଷତା ହାସଲ ପାଇଁ ମଧ୍ୟ ତାହା କରୁଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ ବିଜେତାମାନେ ହେଉଛନ୍ତି ରାଜ୍ୟର ଦକ୍ଷତା ତାରକା। ବିଭାଗ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ସିଇଓ ଜି. ରେଘୁ ଧନ୍ୟବାଦ ଜଣାଇଥିଲେ।

# ଭୁବନେଶ୍ୱରରେ ଖୋଲିଲା କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟ

### ମେଧାବୀଙ୍କ ପାଇଁ ୧୦୦ କୋଟିର ସ୍କଲାରଶିପ୍ ଘୋଷଣା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କେ.ଏଲ୍. ଡିମ୍ଡ୍ ଟୁ ବି ୟୁନିଭର୍ସିଟି ଆନ୍ଧ୍ରପ୍ରଦେଶର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିଛି। ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସତ୍ୟନଗରଠାରେ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହା ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ବିଭିନ୍ନ ଶିକ୍ଷାଗତ ପାଠ୍ୟକ୍ରମ ଯୋଗାଇବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ନିର୍ଦ୍ଦେଶକ ଡ. ଜେ. ଶ୍ରୀନିବାସା ରାଓ 'ମେରିଟ୍ ସ୍କଲାରଶିପ୍' ଓ 'କେଏଲ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ୨୦୨୨'ର ତାରିଖ ଘୋଷଣା କରିଥିଲେ। ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଏପର୍ଯ୍ୟନ୍ତ ଦେଶ ବିଦେଶରେ ୫୦ହଜାରରୁ ଅଧିକ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ନାମଲେଖାରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛି ବିଶ୍ୱବିଦ୍ୟାଳୟ। ତେଣୁ ଚଳିତ ବର୍ଷ ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ସ୍କଲାରଶିପ ଓ ପ୍ରବେଶିକା ପରୀକ୍ଷା ଦେଇପାରିବେ ସେଥିପାଇଁ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ଆଦି କେତେକ ନୂଆ ପଦକ୍ଷେପ ନିଆଯାଇଛି। ଏଥିସହ ଦୁର୍ବଳ ଶ୍ରେଣୀର ମେଧାବୀ ପିଲାଙ୍କ ପାଇଁ ଚଳିତ ବର୍ଷ ୧୦୦ କୋଟିର ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଡ. ରାଓ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ଆମେ ଭୁବନେଶ୍ୱରର ବହୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଛୁ। କରୋନା ମହାମାରୀ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ଲେସ୍‌ମେଣ୍ଟ ପାଇଥିଲେ। ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଡେଲାଏଟ୍, ମାଇକ୍ରୋସଫ୍ଟ, ଆମାଜନ୍, ଆକ୍ସେଞ୍ଚର, ୱିପ୍ରୋ, ୱାଲ୍‌ମାର୍ଟ ଲ୍ୟାବ୍ ଆଦି କମ୍ପାନୀରେ ଚାକିରି ପାଇଛନ୍ତି।


କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

# ନକଲି ସାର୍ଟିଫିକେଟ ଦେଇ ଚାକିରି, ଶିକ୍ଷକ ଗିରଫ

**ଉମରକୋଟ, ୭।୫(ସ୍ୱ.ପ୍ର.)**

ନକଲି ବି.ଏଡ୍. ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣେ ଶିକ୍ଷକଙ୍କୁ ଉମରକୋଟ ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଉମରଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରବୀନ୍ଦ୍ର କୁମାର ସ୍ୱାଇଁ। ତାଙ୍କ ନିଜ ଘର ନୟାଗଡ଼ ଜିଲା ଶରଣକୂଳ ଥାନା କୁରୁଡଙ୍ଗା ଗ୍ରାମରେ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଉମରଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବୀନ୍ଦ୍ର ୪ବର୍ଷ ହେବ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଚାକିରି ବୈଧୀକରଣ ପାଇଁ ରବୀନ୍ଦ୍ରଙ୍କ ଶିକ୍ଷାଗତ ପ୍ରମାଣପତ୍ର ଜିଲା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା। ରବୀନ୍ଦ୍ରଙ୍କ ବି.ଏଡ୍. ସାର୍ଟିଫିକେଟ ହରିୟାଣାର ଏକ ବିଶ୍ୱବିଦ୍ୟାଳୟର ଜାଣିବା ପରେ ନବରଙ୍ଗପୁର ଜିଲାପାଳ ଉକ୍ତ ବିଶ୍ୱବିଦ୍ୟାଳୟକୁ ଏହାର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ପତ୍ର ଲେଖିଥିଲେ। ଶିକ୍ଷକ ରବୀନ୍ଦ୍ର ଦେଇଥିବା ସାର୍ଟିଫିକେଟ ନକଲି, ଏପରି କୌଣସି ବ୍ୟକ୍ତିଙ୍କୁ ସାର୍ଟିଫିକେଟ ଦିଆଯାଇନାହିଁ ବୋଲି ହରିୟାଣାର ଉକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର ରବୀନ୍ଦ୍ରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ଉମରକୋଟ ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ ଶିକ୍ଷକ ରବୀନ୍ଦ୍ରଙ୍କୁ ରହୁଥିବା କୁସୁମଗୁଡ଼ା ସାହିରୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି।




**ଆଜିର ମନ୍ତବ୍ୟ**

" ଭାରତୀୟ ସଂସ୍କୃତି ସହ ସଂସ୍କୃତ ଭାଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିଜ୍ଞାନ, ଗଣିତ, ଦର୍ଶନ ଓ ଜ୍ଞାନର ମୂଳ ହେଉଛି ଭାଷା। ଭାରତ ଏହାର ସଂସ୍କୃତି ପାଇଁ ବିଶ୍ୱରେ ଅତୁଳନୀୟ। **-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................


ଗିର୍ଭାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିବାହକୁ ବିରୋଧ କରି ଥାନାରେ ପହଞ୍ଚିଲେ ନାବାଳିକା

ସୋର, ୭।୫(ଡି.ଏନ.ଏ.)

ପରିବାର ଲୋକଙ୍କ ବିବାହ ନିଷ୍ପତ୍ତିକୁ ବିରୋଧ କରି ଥାନାରେ ପହଞ୍ଚିଛନ୍ତି ଜଣେ ନାବାଳିକା। ସେ ପାଠ ପଢ଼ିବାକୁ ଜିଦ୍ କରୁଥିବା ବେଳେ ପରିବାର ଲୋକେ ତାଙ୍କ ଇଚ୍ଛା ବିରୋଧରେ ବିବାହ କରାଇବା ଲାଗି ଅଡି ବସିଥିଲେ। ଶେଷରେ ଛାତ୍ରୀଜଣକ ଅନ୍ୟ ଉପାୟ ନ ପାଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତାଙ୍କୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କ ହସ୍ତାନ୍ତର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ। ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଏନେଇ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲଣା ମୁହଁକୁ ନାହିଁ ଲାଜ କୁଲାରେ ପକାଇ ବିରି ଭାଜ।**

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅନ୍ୟ ସଉତୁଣୀ ପାଳି ନାଳି ନିଏ ଭଉଣୀ ସଉତୁଣୀ ବିଷ ଦେଇ ମାରେ।**

ସାଧାରଣତଃ ଦୁଇ ସଉତୁଣୀଙ୍କ ମଧ୍ୟରେ ଅହି ନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖିପାରି ନ ଥାନ୍ତି। କିନ୍ତୁ ନିଜ ଭଉଣୀ ଯଦି ସଉତୁଣୀ ସାଜେ ତାହେଲେ ପରିସ୍ଥିତି ଆହୁରି ଅଧିକ ସଙ୍କଟାପନ୍ନ ହୋଇଯିବାର ସମ୍ଭାବନା ଥାଏ। ପରୋକ୍ଷରେ ଶତ୍ରୁ ଅପେକ୍ଷା ନିଜ ଲୋକର ଶତ୍ରୁତା ଅଧିକ ବେଶି ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ରାଇଫଲ୍‌ରୁ ଗୁଳି ଫୁଟି ହାବିଲଦାର ଆହତ

ରାୟଗଡ଼ା ଅଫିସ,୭।୫

ରାୟଗଡ଼ାସ୍ଥିତ ଦ୍ୱିତୀୟ ଓଡ଼ିଶା ବାଳିକା ବାଟାଲିୟନ ଏନ୍‌ସିସି ପକ୍ଷରୁ କ୍ୟାଡେଟ୍‌ମାନଙ୍କ ବନ୍ଧୁକ ଚାଳନା ତାଲିମବେଳେ ଶନିବାର ଦୁର୍ଘଟଣା ଘଟିଛି। ରାଇଫଲ୍‌ରୁ ଗୁଳି ଫୁଟି ଜଣେ ହାବିଲଦାର ଜୟପ୍ରକାଶ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ୫୦ ଏନ୍‌ସିସି କ୍ୟାଡେଟ୍ ବାରିଖୋଲାସ୍ଥିତ ଏକଲବ୍ୟ ମଡେଲ ସ୍କୁଲ ନିକଟରେ ବନ୍ଧୁକ ଚାଳନା ତାଲିମ ନେଉଥିଲେ। ଏହି ସମୟରେ ହାବିଲଦାର ଜୟପ୍ରକାଶ ରାଇଫଲ୍ ବ୍ୟାରେଲକୁ ତଳମୁହାଁ କରି ସଫା କରିବା ସମୟରେ ଟ୍ରିଗର୍ ଦବିଯାଇଥିଲା। ଫଳରେ ପୂର୍ବରୁ ବ୍ୟାରେଲରେ ଥିବା ଗୁଳି ଫୁଟି ହାବିଲଦାରଙ୍କ ଗୋଡ଼ରେ ବାଜିଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଯାଇଛି। ସେ ଏବେ ସୁସ୍ଥ ଅଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବାତ୍ୟା ଭୟ ...

୧୦ ତାରିଖ ବେଳକୁ ଏହା ଧୀରେ ଧୀରେ କମି ୭୫ରୁ ୮୦ କି.ମି. ରହିବା ନେଇ ଅନୁମାନ କରାଯାଇଛି। ତେବେ ସ୍ଥଳଭାଗ ନିକଟବର୍ତ୍ତୀ ହେବା ବେଳକୁ ଏହାର ବେଗ ୭୦ରୁ ୮୦ କି.ମି. ହେବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି। ବାତ୍ୟା ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ୧୦ ତାରିଖରୁ ଗଞ୍ଜାମ, ଗଜପତି ଓ ପୁରୀ ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ୧୧ ତାରିଖରେ ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ ଏବଂ କଟକ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ପବନର ବେଗ ୬୫ରୁ ୭୫ କି.ମି. ରହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ଓ ୧୦ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ୧୧ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରି ଦିଆଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିଛନ୍ତି ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି ଯେ, ବାତ୍ୟା ସ୍ଥଳଭାଗ ଛୁଇଁବନି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ପ୍ରସ୍ତୁତି କମ୍ କରାଯାଇ ନାହିଁ। ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ୧୭୫ ଅଗ୍ନିଶମ ବାହିନୀ, ୨୦ ଓଡ୍ରାଫ୍ ଏବଂ ୧୭ ଏନ୍‌ଡିଆରଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେ ସବୁକୁ ମୁତୟନ କରାଯିବ। ରାଜ୍ୟରେ ପାଗ ମେଘୁଆ ରହୁଥିବାରୁ ତାତି ଗତ କିଛିଦିନ ହେବ କମ୍ ରହିଛି। ୧୦ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ୩ଟି ସ୍ଥାନରେ ୪୧ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ନୂଆପଡ଼ା ୪୧.୫, ଝାରସୁଗୁଡ଼ା ୪୧.୪, ଟିଟିଲାଗଡ଼ ୪୧, ସମ୍ବଲପୁର ୪୦.୪, ସୁନ୍ଦରଗଡ଼ ୪୦.୫, ହୀରାକୁଦ ୪୦.୨, ଭବାନୀପାଟଣା ୪୦.୨, ସୋନପୁର ୪୦.୮ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଯୁବ ଶିକ୍ଷକଙ୍କ ଡକ୍ଟରେଟ ଲାଭ



ଶ୍ରୀମାନ ରଘୁ ଆଭୂଷଣ ପଣ୍ଡା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀମାନ ରଘୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର EL and TC, ବିଭାଗର ପ୍ରଫେସର ଡଃ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Efficient Design and Analysis of Perturbed Patch Antennas for Wireless Communication" ପ୍ରସଙ୍ଗରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣା BITS PILANI Instituteର ପ୍ରାଧ୍ୟାପକ ପ୍ରଫେସର ନବନୀତ ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମାନ ରଘୁ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବାସିନ୍ଦା। ସେ ସ୍ୱର୍ଗତ ପଦାର୍ଥ ବିଜ୍ଞାନର ପ୍ରଫେସର ଶ୍ରୀ ହରିହର ପଣ୍ଡାଙ୍କ ଏକମାତ୍ର ପୁତ୍ର। ତାଙ୍କର ଏ ସଫଳତା ପାଇଁ ସେ ତାଙ୍କ ପିତାଙ୍କ ନିକଟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଗୁରୁ ଡଃ ଦେବାଶିଷ ମିଶ୍ର, ଡଃ ଶୁଭେନ୍ଦୁ ନାରାୟଣ ମିଶ୍ର ଓ ବିଭାଗ ମୁଖ୍ୟ ଡଃ କବିରାଜ ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ନିଜ ମାତାଙ୍କୁ ପ୍ରେରଣାର ସ୍ରୋତ ରୂପେ ମାନିଛନ୍ତି। ସେ ନିଜ କର୍ମକ୍ଷେତ୍ର GIET Universityର ରେଜିଷ୍ଟ୍ରାର ଡଃ N.V.J. Rao, Electronics ବିଭାଗର ମୁଖ୍ୟ ଡଃ ଶୁଭ୍ରଜିତ ପ୍ରଧାନ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୩୬୭

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କିନ୍ତୁ ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ**



ଲାଭ ଭାବରେ ବୃହସ୍ପତି ଓ ଶୁକ୍ରଙ୍କ ପ୍ରଭାବରୁ ସାମଗ୍ରିକ ସୁଖ, ସୁବିଧା ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁମିଳନ ସାଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ**



ଆପଣଙ୍କ ସରଳ ଓ ମଧୁର ବ୍ୟବହାର ଅନ୍ୟମାନଙ୍କୁ ଖୁସି କରିବ। ଦୂରଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ମୂଲ୍ୟବାନ୍ ଜିନିଷ ପ୍ରାପ୍ତିର ସୁଯୋଗ ଲାଭ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପାରିବାରିକ ସ୍ଥିତି କେତେକାଂଶରେ ସନ୍ତୋଷଜନକ ନ ହୋଇପାରେ।

**କର୍କଟ**



ଆଜି ସକାଳ ସମୟଟି ଭଲରେ କଟିବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ମାଧ୍ୟମରେ ଅଫିସିଆଲ କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ**



ଉଚ୍ଚସ୍ଥ ରବି ପାପଗ୍ରହ ଦ୍ୱାରା ଆକ୍ରାନ୍ତ ହେବାରୁ ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ଆଜି ବ୍ୟବସାୟ, ପରିବହନ ପ୍ରଭୃତିରେ ସଫଳତା ଅର୍ଜନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**



କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା**



ନିଜ ଲୋକଙ୍କ ବ୍ୟତୀତ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ। ରପ୍ତାନି ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ଘଟିବାର ସୂଚନା ରହିଛି।

**ବିଛା**



ବୃଥାଭିମାନ ଏବଂ କ୍ରୋଧମିଶ୍ରିତ ବ୍ୟବହାରରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ବହୁତ ସମ୍ଭାବନା ଅଛି।

**ଧନୁ**



ଅତୀତ କଥା ଚିନ୍ତା କରି ମନ ଭଲ ରହି ନ ପାରେ। ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧିଜନିତ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର**



ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ**



ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିପାରନ୍ତି। ସମସ୍ୟା ଥିଲେ ମଧ୍ୟ ପ୍ରିୟ କଥା କହି ସ୍ଥିତି ସୁଧାରି ନେବେ। ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ପରିବହନ କ୍ଷେତ୍ର ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ**



ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତ ମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। କଠୋର ବାକ୍ୟାଳାପରୁ ନିବୃତ୍ତ ହୋଇ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସାହିତ୍ୟ, ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

## ସ୍କୁଲ, ହଷ୍ଟେଲରୁ ....

ପ୍ରଥମ ପୃଷ୍ଠାରୁ...

ହଷ୍ଟେଲରୁ ୬୪ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ବ୍ଲକ କୋଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲରୁ ୪୪ ଛାତ୍ର ଏବଂ ବିଷମକଟକ ବ୍ଲକ ହାଟମୁନିଗୁଡ଼ାସ୍ଥିତ ସରକାରୀ ସ୍କୁଲର ୨୦ ଛାତ୍ରୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ସମସ୍ତ ସଂକ୍ରମିତ ସୁସ୍ଥ ଥିବାବେଳେ ଜିଲା ମଙ୍ଗଳ ଅଧିକାରୀ ଅଶୋକକୁମାରଶତପଥୀପହଞ୍ଚିପରିସ୍ଥିତିଅନୁଧ୍ୟାନକରିଛନ୍ତି।ଗତ୪ତାରିଖରେସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ରାପିଡ୍ ରେସ୍‌ପନ୍ସ ଟିମ୍ ପହଞ୍ଚି ଅନ୍ୱେଷା ହଷ୍ଟେଲରେ ରହୁଥିବା ୨୫୭ ପିଲାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଥିଲେ। ସେଥିମଧ୍ୟରୁ ୪୪ ଜଣଙ୍କ ରିପୋର୍ଟ ପଜିଟିଭ ରହିଛି। ସଂକ୍ରମଣକୁ ରୋକିବା ନିମନ୍ତେ ଅନ୍ୱେଷା ହଷ୍ଟେଲ ଏବଂ ହାଟମୁନିଗୁଡ଼ାସ୍ଥିତ ସ୍କୁଲରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।



# classifieds

**Everyday 0674-2580101, 2549302**




**GROOM WANTED**

Matching groom required for Odiya, Khandayat girl, Paediatric doctor, 30, 5'6", 8/4 Pushya Nakhetra. Mob.- 9438120900. D-326

**Required Karan/ Khandayat groom for our elder daughter 26y/5'3" mula/dhanu, B.Tec software Engineer.Infosys at Bangalore (10.2l). Father Govt. Class -1 officer, educated family. Searching for suitable IT proposal parents. Contact: 9437188370, 9937328966 .** D-359

45 ବର୍ଷର ଅବିବାହିତ ମହିଳା Govt. Teacher ଭାବରେ କାର୍ଯ୍ୟରତ। ଘର- ଅନୁଗୁଳ । ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ । 7655858756. D-329




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

2BHK flat sale near SBI Colony Kesura. 9692213354. D-71895

**ଭୁବନେଶ୍ୱର ପୁରୀ ବାଇପାସରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ବର୍ଗଫୁଟକୁ ୧୬୦୦ ଟଙ୍କାରେ ମିଳୁଅଛି। ଯୋଗାଯୋଗ ଫୋନ୍- 9827339640, 6371681832.** D-330

Gharabari land (near SV Nirtar hospital, Olatpur) with road, electricity for immediate sale by owner. Contact: 7978168941. D-363

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

Bhubaneswar Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71982

**10Acre of residential land for sale at Deuliapatna, Bhubaneswar. Contact: 9692095626, 7978456831.** D-71633

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

Ready to move 3BHK flat sale (1.8) metrs from Puri Canal Bridge NH. 9692213354. D-71894

**Very prime location Big Residential, Commercial Land available at Kafla Bazar, Satichaura, near Indira Gandhi Womens College, Cuttack. 7894759542.** D-348

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.- 250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-346

**5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.- 1,45,00000/- contact direct owner. 9040026465 (Babu Babu).** D-135

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**Griha Nirman facilities, architectural plan- 2,000/-, structural plan- 3,000/-, core house- 480/- per sqft., complete house-1150/- per sqft., interior-1250/- per sqft. BDA Approval/ Bank loan. Contact: 8249899544, 9658718029.** D-70795

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

Prabhakar construction construct your building get quality house. 9437025258, 8984389029. D-315

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335




2BHK for rent Mahatab road Oldtown, Bhubaneswar. Rent- 7000/-. 9338636105. D-70796

2BHK at SBI Lane Oldtown rent Rs. 8000/-. Contact: 9556791383. D-59891

**ନିଜର ଖାଲି ଜାଗାକୁ ଭଡ଼ାରେ ଦେଇ ନିଶ୍ଚିନ୍ତରେ ବସନ୍ତୁ। 9692095626, 7978456831.** D-71631

2BHK and 3BHK for rent 118- Ratnakarbag-1. Mob: 9902406161. D-356

**AFFIDAVIT**

30.04.22 Magistrate affidavit Khordha, I Damayanti Samantaray, W/o- Bikram Mishra, Son- Rajendra Mishra, At- Mahula, Po.- Angarapada, P.S.- Chandaka, Dist.- Khordha. Damayanti Samantaray right name. D-368




**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71987

Newly open SPA positively health benefits expert therapist, Kalpana. 7846814019. D-73602

Newly open full body massage ladies and gents. 7750904837. D-71894

All types body massage with high profile smart Lady room service available. 9142145769. D-71345

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

Newly open full body massage ladies and gents. 8327740003. D-71893

Refreshing your mind and body with the best therapy, 7873794731. D-317

**LOST**

ସୁଶାନ୍ତ କୁମାର ସେଠୀ, ପିତା- ଦେବେନ୍ଦ୍ର ସେଠୀ, ଗ୍ରା/ପୋ: ରାଜସ, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା। ମୋ- 7787008915. ରାଜସରୁ ବାଲିପାଟଣା ଯିବା ବାଟରେ ମୋର ଘରବାରି original ପଟ୍ଟା ତା।୨୫।୦୪।୨୦୨୨ରିଖରେ ହଜିଯାଇଛି। ପଟ୍ଟା ନଂ.-୯୪୭। କୌଣସି ସହୃଦୟ ବ୍ୟକ୍ତି ଯଦି ପାଇଥାନ୍ତି ତାହା ମୋତେ ପ୍ରଦାନ କଲେ ମୁଁ ଚିରୋପକୃତ ହେବି। ଧ-୩୫୮

Original title deeds have been lost. Deed No.- 5362, dated 20.12.2006, mutation Khata No.- 39, mutation Plot No.- 415, Mouza: Dandimala Sahi, Dist.- Puri. Madhab Chandra Khuntia wishes to create change VIZ, Mortgage on the sale property for a loan from SBI Branch, Badasankha Branch, Code- 06944. D-369

# ଲୋକଙ୍କ ପାଇଁ ଲଢୁଥିବା ନେତାଙ୍କୁ ଟିକେଟ ମିଳିବ: ରାହୁଲ

**ହାଇଦ୍ରାବାଦ,୭।୫(ଆଇଏଏନ୍ଏସ୍)**

ଯେଉଁମାନେ ଲୋକଙ୍କ ସହ ରହିଛନ୍ତି ଓ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରୁଛନ୍ତି, ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ସେମାନଙ୍କୁ କଂଗ୍ରେସ ଟିକେଟ ମିଳିବ ବୋଲି ତେଲଙ୍ଗାନାରେ ଦଳୀୟ ନେତାମାନଙ୍କୁ ରାହୁଲ ଗାନ୍ଧୀ କହିଛନ୍ତି। ଦଳରେ ଏକତା ରକ୍ଷା ଉପରେ ସେ ଗୁରୁତ୍ୱ ଦେବା ସହ ଗଣମାଧ୍ୟମ ଆଗରେ ନିଜର ଆପତ୍ତି ଅଭିଯୋଗ ନ ଉଠାଇବାକୁ ସେ ରାଜ୍ୟ ନେତାମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଏଥି ସହିତ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇ ତୃଣମୂଳ ସ୍ତରରେ କାର୍ଯ୍ୟ


ରାହୁଲ ଗାନ୍ଧୀ

କରିବାକୁ ରାହୁଲ ପରାମର୍ଶ ଦେଇଛନ୍ତି। ଦୁଇଦିନିଆ ତେଲଙ୍ଗାନା ଗସ୍ତରେ ଥିବା ରାହୁଲ ଗାନ୍ଧୀ ଭବନସ୍ଥିତ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟାଳୟରେ ଦଳର ରାଜ୍ୟ ନେତାମାନଙ୍କ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ବର୍ଷ ନିର୍ବାଚନରେ ଟିଆର୍‌ଏସ୍ ଏବଂ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହେବ। ଯୋଗ୍ୟତା ଆଧାରରେ ଟିକେଟ ବଣ୍ଟନ କରାଯିବ ବୋଲି କଂଗ୍ରେସ ନେତା ସ୍ପଷ୍ଟ କରିଦେଇଛନ୍ତି। ଟିକେଟ ପାଇଁ ଦିଲ୍ଲୀ ଯିବା ଦରକାର ନାହିଁ। ଏହା ବଦଳରେ ନିର୍ବାଚନ ମଣ୍ଡଳୀ ଓ ଗାଁକୁ ଯାଇ ଲୋକଙ୍କ ପାଇଁ କାମ କରିବାକୁ ରାହୁଲ ପରାମର୍ଶ ଦେଇଛନ୍ତି।

ଟିଆର୍‌ଏସ୍ ସହ କଂଗ୍ରେସର ମେଣ୍ଟ ହେବ ନାହିଁ ବୋଲି ଶୁକ୍ରବାର ରାହୁଲ ସ୍ପଷ୍ଟ କରିଥିଲେ। ସେ ଟିଆର୍‌ଏସ୍ ସୁପ୍ରିମୋ କେ. ଚନ୍ଦ୍ରଶେଖର ରାଓଙ୍କୁ କଡ଼ା ସମାଲୋଚନା କରିଥିଲେ। କେସିଆର୍ ମୁଖ୍ୟମନ୍ତ୍ରୀ ପରିବର୍ତ୍ତେ ନିଜକୁ ରାଜା ଭାବୁଛନ୍ତି। ସେ ଲୋକଙ୍କ କଥା ଶୁଣୁନାହାନ୍ତି ବୋଲି ରାହୁଲ ଏକ ଚାଷୀ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ। ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରିବା ସହ ଚାଷୀଙ୍କୁ ସେମାନଙ୍କ ଫସଲ ଉପରେ ଉପଯୁକ୍ତ ଏମ୍‌ଏସ୍‌ପି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲଙ୍ଗାନା ସୃଷ୍ଟି ହେବା ପରେ କେବଳ ଗୋଟିଏ ପରିବାର ଲାଭବାନ ହୋଇଛି ବୋଲି କେସିଆର୍‌ଙ୍କୁ ଲକ୍ଷ୍ୟ କରି ରାହୁଲ କହିଥିଲେ।

# ୨,୫୦୦ କୋଟିରେ ଯଚାଯାଇଥିଲା ମୁଖ୍ୟମନ୍ତ୍ରୀ ପଦ

■ କର୍ଣ୍ଣାଟକ ଭାଜପା ବିଧାୟକଙ୍କ ଅଭିଯୋଗ
■ ତଦନ୍ତ ଦାବି କଲା କଂଗ୍ରେସ

**ବେଙ୍ଗାଲୁରୁ,୭।୫**

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ ପାଇଁ ଭାଜପାର ଦିଲ୍ଲୀ ନେତୃତ୍ୱ ତାଙ୍କୁ ୨,୫୦୦ କୋଟି ଟଙ୍କା ମାଗିଥିଲେ ବୋଲି ଦଳୀୟ ବିଧାୟକ ବାସନାଗୌଡ଼ ପାଟିଲ ୟାତ୍‌ନାଲ ଅଭିଯୋଗ କରିବା ପରେ ଏହାର ତଦନ୍ତ ଲାଗି କଂଗ୍ରେସ ପକ୍ଷରୁ ଦାବି ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏଭଳି ଅଭିଯୋଗ ସାମନାକୁ ଆସିଛି। 'ରାଜନୀତିରେ ଆପଣ ଅନେକ ଚୋରଙ୍କୁ ଭେଟିବେ। କେହି ଆପଣଙ୍କୁ ଟିକେଟ ଯାଚିବେ ତ କେହି ଦିଲ୍ଲୀ ନେଇ ସୋନିଆ ଗାନ୍ଧୀ, ଜେ.ପି. ନଡ୍ଡାଙ୍କୁ ସାକ୍ଷାତ କରାଇଦେବାକୁ କହିବେ। ସେହିପରି ଦିଲ୍ଲୀରୁ କେତେଜଣ ଆସି ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କହିବା ସହ ଏଥିପାଇଁ ୨,୫୦୦ କୋଟି


ବିଧାୟକ ବାସନାଗୌଡ଼ ପାଟିଲ ୟାତ୍‌ନାଲ

ଟଙ୍କା ଯୋଗାଡ଼ କରିବାକୁ କହିଥିଲେ ବୋଲି ବିଧାୟକ ୟାତ୍‌ନାଲ କହିଛନ୍ତି। ତେବେ ୨,୫୦୦ କୋଟି ଟଙ୍କା କେତେ ହେବ ଓ ତାହାକୁ କେଉଁ ରୁମ୍ କିମ୍ବା ଗୋଦାମରେ ରଖିବାକୁ ହେବ, ତାହା ହୁଏତ ସେମାନଙ୍କୁ ଜଣା ନ ଥିବ ବୋଲି ବିଧାୟକ କହିଥିଲେ। ସେହି ଲୋକମାନେ ତାଙ୍କୁ ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନକୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଉପରେ ଜାତୀୟ ସ୍ତରରେ ଆଲୋଚନା କରାଯିବା ସହ ତଦନ୍ତ ଲାଗି ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଦାବି କରିଛନ୍ତି। କର୍ଣ୍ଣାଟକରେ ପୋଲିସ ଏସ୍‌ଆଇ ଏବଂ ସହକାରୀ ପ୍ରଫେସର ପଦବୀ ନିମନ୍ତେ ଭାଜପା ସରକାର ଦାମ୍ ଫିକ୍ସ କରୁଛି। ଭାଜପା ବିଧାୟକ ୟାତ୍‌ନାଲଙ୍କୁ ନିକଟ ଭବିଷ୍ୟତରେ ଭଲ ପଦବୀ ମିଳିବା ଆଶା କରାଯାଉଛି। ତାଙ୍କ ମନ୍ତବ୍ୟକୁ ଗୁରୁତର ସହ ନିଆଯିବା ଆବଶ୍ୟକ ବୋଲି ଶିବକୁମାର କହିଛନ୍ତି। ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଉ ବୋଲି ବିରୋଧୀ ଦଳ ନେତା ସିଦ୍ଧରମୈୟା ଶନିବାର ଦାବି କରିଛନ୍ତି।

## ବ୍ରଜରାଜନଗର ଉପନିର୍ବାଚନ ପରିଚାଳନା ବୈଠକ

**ଝାରସୁଗୁଡ଼ା ଅଫିସ,୭।୫:** ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପରିଚାଳନା ନେଇ ଏକ ବୈଠକ ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ସାମଲ ନିର୍ବାଚନ ପାଇଁ ଗଠିତ ବିଭିନ୍ନ ସ୍କ୍ୱାଡ୍‌ର ପଦାଧିକାରୀଙ୍କୁ ସତର୍କତା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଭୋଟରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଟଙ୍କା, ମଦ ବିତରଣ, ଡ୍ରଗ୍ସ ନେବାଆଣିବା ଉପରେ ନଜର ରଖିବା ଓ ଆବଶ୍ୟକ ସ୍ଥଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାର ଭିଡିଓ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିର୍ବାଚନ ପ୍ରକ୍ରିୟାରେ ବାଧା ଉପୁଜାଇବା ଓ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଟିମଗୁଡ଼ିକ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଆବଶ୍ୟକ ପୋଲିସ ମୁତୟନ ଓ ଦଳଗତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଏସ୍‌ପି କେ.ସି. ବେହେରା, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପିସିସିରେ ହେବ ବ୍ୟାପକ ଅଦଳବଦଳ

■ ଦିଲ୍ଲୀ ଗଲେ କଂଗ୍ରେସ ବିଧାୟକ, ନେତା
■ ଆଜି ଯିବେ ବଳକା ନେତା

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ରାଜ୍ୟ କଂଗ୍ରେସ ସଂଗଠନରେ ବ୍ୟାପକ ପରିବର୍ତ୍ତନ ହେବ। ହାଇକମାଣ୍ଡଙ୍କ ଡାକରା ପାଇ ଶନିବାର କେତେ ଜଣ ବିଧାୟକ ଓ ବରିଷ୍ଠ ନେତା ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ରବିବାର ଅନ୍ୟ ନେତାମାନେ ଦିଲ୍ଲୀ ଯିବେ। ୯ ତାରିଖରେ ଓଡିଶା ନେତାଙ୍କ ସହ ରାଜ୍ୟ କଂଗ୍ରେସ ସଂଗଠନ ଉପରେ ରାହୁଲ ଗାନ୍ଧି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ପରିବର୍ତ୍ତନ ହେବା ସମ୍ଭାବନା ରହିଛି।

ରାଜ୍ୟରେ କଂଗ୍ରେସର ସ୍ଥିତି ବେଳକୁ ବେଳ ଖରାପ ହେବାରେ ଲାଗିଛି। ଅନେକ ବରିଷ୍ଠ ନେତା ଦଳ ଛାଡି ଅନ୍ୟ ଦଳକୁ ଚାଲି ଯାଇଥିବା ବେଳେ ସଙ୍ଗଠନ ଦୁର୍ବଳ ହେଉଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ହାଇକମାଣ୍ଡ ଦଳରେ ଅମୂଳଚୂଳ ପରିବର୍ତ୍ତନ କରିବା ନେଇ ସଙ୍କେତ ମିଳୁଛି। ଦିଲ୍ଲୀ ଗସ୍ତ ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା ପଦରୁ ନରସିଂହ ମିଶ୍ର ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଥିବା ବେଳେ ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଇଛନ୍ତି। ଆସନ୍ତା ୯ ତାରିଖରେ କ'ଣ କଲେ ଓଡ଼ିଶାରେ କଂଗ୍ରେସ ମଜବୁତ ହେବ, କାହାକୁ ପିସିସି ସଭାପତି କରାଯିବ ସେନେଇ ରାହୁଲ ୱାନ ଟୁ ୱାନ ଆଲୋଚନା କରିବେ। ଅନ୍ୟ ପକ୍ଷରେ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କରିବାକୁ ବିଧାୟକମାନେ ଦାବି କରିଛନ୍ତି। ଏଥିସହ ବିଧାୟକ ଦଳ ନେତା ଓ ମୁଖ୍ୟ ସେଚତକଙ୍କ ସହ ତୃଣମୂଳ ସ୍ତରରୁ ସାଂଗଠନିକ ପରିବର୍ତ୍ତନ ପାଇଁ ବିଧାୟକମାନେ ଆଲୋଚନା ବେଳେ ଦାବି ଉଠାଇବେ।

ପିସିସି ସଭାପତି ପଦବୀ ପାଇଁ କଂଗ୍ରେସର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଲବି ଜୋରଦାର ହୋଇଛି। ବିଧାୟକଙ୍କ ମଧ୍ୟରୁ ପିସିସି ସଭାପତି ରେସରେ ଆଗରେ ଅଛନ୍ତି ମହମ୍ମଦ ମୋକିମ ଓ ତାରାପ୍ରସାଦ ବାହିନୀପତି। ସେହିପରି ଅନ୍ୟ ନେତାଙ୍କ ମଧ୍ୟରୁ ଶରତ ପଟ୍ଟନାୟକ, ଭକ୍ତ ଦାସ ଓ ଏମପି ସପ୍ତଗିରି ଉଲ୍ଲାକାଙ୍କ ନାଁ ଆଗରେ ଅଛି। ତେବେ ହାଇକମାଣ୍ଡ କାହାକୁ ପିସିସି ମଙ୍ଗ ଧରାଇବେ, ସେନେଇ ଦଳୀୟ ରାଜନୀତି ଉଷ୍ମ ରହିଛି।

## 'ରାଜ୍ୟର ମାନବ ସମ୍ବଳକୁ ଧ୍ୱଂସ କରିବାକୁ ଚାଲିଛି ଷଡ଼ଯନ୍ତ୍ର'

### ରାସ୍ତାକୁ ଓହ୍ଲାଇବ ଛାତ୍ର କଂଗ୍ରେସ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୪୨,୭୦୪ ରେଗୁଲାର ଓ ୭୮୫ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ନ ଦେବା ଶିକ୍ଷା ବ୍ୟବସ୍ଥାର ଏକ ଦାରୁଣ ଚିତ୍ର। ରାଜ୍ୟର ଭବିଷ୍ୟତ ମାନବ ସମ୍ବଳକୁ ନଷ୍ଟଭ୍ରଷ୍ଟ କରି ରାଜ୍ୟକୁ ଛାରଖାର କରିବା ବିଜୁ ଜନତା ଦଳର ୨୨ ବର୍ଷର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ରଜନୀ ମହାନ୍ତି ଏ ପ୍ରସଙ୍ଗ ଉତ୍ଥାପନ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଯଦି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରନ୍ତି ଓ ୪୩,୪୭୯ ପିଲାଙ୍କୁ ଫେରାଇ ଆଣି ପରୀକ୍ଷା ନ କରନ୍ତି ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ ଏହି ଶିକ୍ଷା କେଳେଙ୍କାରୀ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

### ଦରଦାମ ବୃଦ୍ଧି ପ୍ରତିବାଦ

**ଭୁବନେଶ୍ୱର,୭।୫(ବ୍ୟୁରୋ):** ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବଢ଼ି ଚାଲିଛି। ପେଟ୍ରୋଲ, ଡିଜେଲ ସାଙ୍ଗକୁ ରନ୍ଧନ ଗ୍ୟାସ ଦର ନିୟନ୍ତ୍ରଣ ବାହାରକୁ ଚାଲି ଗଲାଣି। ଦରବୃଦ୍ଧି ପ୍ରତିବାଦରେ ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ। କେନ୍ଦ୍ର ସରକାର ଦରଦାମ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କ ଉପରେ ଦର ବୃଦ୍ଧିର ଚାପ ବଢ଼ି ଚାଲିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ଆକାଶଛୁଆଁ ହେଲାଣି। କେନ୍ଦ୍ର ସରକାରଙ୍କ ଏଭଳି ଅର୍ଥନୀତିକୁ ବିରୋଧ କରି ବିଜେଡି ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦେଇଛି। ଗ୍ରୀଷ୍ମ ପ୍ରବାହ କମିବା ପରେ ବିଜେଡି ଦରବୃଦ୍ଧିକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଉପରେ ବର୍ଷିଛି। କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲେଇବାକୁ ଉଜ୍ଜ୍ୱଳା ଯୋଜନା ନାଁରେ ବେପାର କରୁଛନ୍ତି ବୋଲି କଂଗ୍ରେସ ନେତା ଶରତ ରାଉତ ଅଭିଯୋଗ କରିଛନ୍ତି।


FORM No.13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C/71, Sector-7, CDA, Cuttack, Odisha
O.A. No. 40/2021

IDBI BANK LTD. .... Applicant
Versus
M/s. SAI SALES AND SERVICE AND OTHERS ....Defendant(s)

To,
1. **M/s. Sai Sales and Service,** At: Rajkanti Complex, Kenduapada, P.O./P.S.: Sundargarh, District: Sundargarh, Odisha, PIN-770001, Represented by its Partner **Mr. Dhruba Narayan Lal.**
2. **Sri Dhruba Narayan Lal (Partner),** At: Luhurapada, Purunabasti, P.O./P.S.: Jharsuguda, Dist.: Jharsuguda, Odisha, PIN-768201.
3. **Sri Rana Sarkar (Partner),** C/o- Bapu Sarkar, At: Luhurapara, Purunabasti, P.O./P.S./Dist.: Jharsuguda, Odisha, PIN-768201.
4. **Smt. Maya Sarkar,** At: Luhurapada, Purunabasti, P.O./P.S./Dist.: Jharsuguda, Odisha, PIN-768201.
5. **Sri Manoj Kumar Behera,** S/o- Late Purushottam Behera, At: Chowleipada, P.O./P.S./Dist.: Jharsuguda, Odisha, PIN-768201.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 40/2021** in the court of the Debts of Recovery Tribunal, Cuttack for recovery of **Rs.81,82,671.80** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent,in support of their defence to show cause within **30 days** from the publication or on **10.06.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **27th day of April, 2022.**

Sd/- (M.K. Patnaik)
REGISTRAR


# ଦେବଗଡ଼ ବିଧାୟକଙ୍କୁ ସର୍ତ୍ତମୂଳକ ଜାମିନ

**ଦେବଗଡ଼, ୭।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବିଡିଓଙ୍କୁ ମାଡ଼ ମାରିବା ଅଭିଯୋଗରେ ଗିରଫ ହୋଇଥିବା ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶନିବାର ସର୍ତ୍ତମୂଳକ ଜାମିନ ମିଳିଛି। ବିଧାୟକଙ୍କ ଦୁଇ ସହଯୋଗୀଙ୍କୁ ମଧ୍ୟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି ଜିଲା ଜଜ୍। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜମାରାଶି ଓ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଳିଛି। କାହାକୁ ଧମକଚମକ ନ ଦେବା


ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ।

ସହ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି।

ମେ ୧ ତାରିଖ ଶନିବାର ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଏତଲା ଆଧାରରେ ଦେବଗଡ଼ ପୋଲିସ ବିଧାୟକ ପାଣିଗ୍ରାହୀ ଓ ତାଙ୍କ ଦୁଇ ସହଯୋଗୀ ଅକାଲୁ ଧଳ ଓ କୁମରମଣି ସାହୁଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ରବିବାର ଜାମିନ ନାମଞ୍ଜୁର ହେବା ପରେ ବିଧାୟକଙ୍କୁ ୭ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ହେଲେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସେହିଦିନ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

# ପ୍ରତିଶ୍ରୁତି ରଖି ନଳକୂପ ଖୋଳାଇଲେ ବ୍ଲକ ଉପାଧ୍ୟକ୍ଷ


ଗ୍ରାମବାସୀଙ୍କ ସହ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା।

**ପାପଡ଼ାହାଣ୍ଡି,୭।୫(ଡି.ଏନ୍.ଏ.):** ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରଖିଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ। ଗ୍ରାମର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଖୋଳାଇଲେ ନଳକୂପ। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ନିର୍ବାଚନ ପ୍ରଚାର ବେଳେ ତଣ୍ଡାଗୁଡ଼ା ଗ୍ରାମବାସୀଙ୍କର ରହିଥିବା ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଗ୍ରାମରେ ଆବଶ୍ୟକ ଅନୁଯାୟୀ ନଳକୂପ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଉପରସାହି ବାସିନ୍ଦାଙ୍କ ଲାଗି ନଳକୂପ ନିହାତି ଜରୁରୀ ବୋଲି ଗ୍ରାମବାସୀ ସୁଶାନ୍ତଙ୍କୁ ଅବଗତ କରାଇଥିଲେ। ନିର୍ବାଚନରେ ବିଜୟୀ ହେଲେ ନଳକୂପ ଖୋଳାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଜିତିବା ପରେ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଅବଗତ କରାଇଥିଲେ। ବିଧାୟକଙ୍କ ସହଯୋଗରେ ଉପାଧ୍ୟକ୍ଷ ତଣ୍ଡାଗୁଡ଼ାରେ ନଳକୂପ ଖୋଳାଇଛନ୍ତି। ତଣ୍ଡାଗୁଡ଼ା ଗ୍ରାମବାସୀ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।


**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 4345/PSC Dt.07.05.2022**
**(2PE-12-21/22) (DR-I)**

No. D-41: It is for information of all concerned that, pursuant to Advt. No. 09 of 2021-22, 47 (Forty Seven) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Botany)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 23.05.2022, 24.05.2022 & 25.05.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates |
|---|---|---|
| 23.05.2022 | 10.30 A.M. | 00089656, 00112181, 00082193, 00091850, 00101552, 00092106, 00096124, 00098053, 00112055, 00081995 = **10 Candidates** |
| | 02.45 P.M. | 00112376, 00048546, 00092834, 00094773, 00093662, 00096758 = **06 Candidates** |
| 24.05.2022 | 10.30 A.M. | 00112254, 00076900, 00089396, 00094093, 00095523, 00018116, 00092894, 00088518, 00089797, 00099584 = **10 Candidates** |
| | 02.45 P.M. | 00112630, 00089682, 00103439, 00038668, 00094882, 00067353 = **06 Candidates** |
| 25.05.2022 | 10.30 A.M. | 00112186, 00091302, 00086536, 00112712, 00077021, 00087875, 00083617, 00067611, 00100030, 00103877 = **10 Candidates** |
| | 02.45 P.M. | 00110101, 00086496, 00097459, 00087517, 00112686 = **05 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission half an hour before the commencement of interview on the scheduled date & time as mentioned above.

The candidates are further advised to bring three sets of Xerox copies of published research papers as earlier produced during verification.

**Note:** The candidates are nformed that the pedagogy skill is part of the interivew. They are to come prepaed to present a topic of their choice within 8 to 10 minutes before the Interview board. White baord shall be provided by the comission for the purpose.

**OIPR-12002/11/0050/2223** **Sd./- Secretary**



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
No. O-175
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore

**"e"-Procurement Notice for Road Work | Identification No. Online Tender-Road N.C.B. No. 329 for 2021-22.**

Letter No. 1293/ Date: 02.05.2022

**1.** Name of the work :- **PMGSY Road Work. 2.** Total No. of works :- **1 No.** (One). **3.** Estimated Cost :- **Rs.342.95 lakhs** (Approximately). **4.** Eligible Class of Contractor :- 'A' & Special Class (of Odisha P.W.D.) or relevant Class of other licensing authorities (As per annexure). **5.** Period of Completion :- **11** Calendar months for the work.
**6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Balasore | N.C.B. No. 329 | Dt.09.05.2022 at 11.00 A.M. | Dt.24.05.2022 upto 5.00 P.M. | Dt.23.05.2022 upto 5.00 P.M. | Dt.25.05.2022 at 11.00 A.M. | Will be intimated later |

• Further details can be seen from the website www.pmgsytenders.gov.in

Sd./- Chief Construction Engineer, R.W. Circle, Balasore
OIPR-25105/11/0007/2223



**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 4324/PSC Dt.07.05.2022**
**(2PE-03-21/22) (DR-I)**

No. D-43: It is for information of all concerned that, 126 (One hundred twenty six) candidates bearing following PPSAN/Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Assistant Professor, Teacher Education (Odia),** pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 17.05.2022 | 10.30 A.M. | 00090091, 00079438, 00093615, 00092139, 00091005, 00092916, 00110923, 00092495, 00094911, 00086720, 00088119, 00095785, 00111598, 00089393, 00094876, 00089639, 00093609, 00088096, 00095225, 00097107 = **20 Candidates** |
| | 02.30 P.M. | 00091257, 00112473, 00112855, 00090746, 00111185, 00076772, 00093258, 00111547, 00062316, 00093778 = **10 Candidates** |
| 18.05.2022 | 10.30 A.M. | 00071169, 00093240, 00101685, 00112212, 00112564, 00018025, 00089413, 00109602, 00112733, 00112455, 00112826, 00094886, 00088060, 00095804, 00097871, 00112306, 00112525, 00112601, 00090175, 00066780 = **20 Candidates** |
| | 02.30 P.M. | 00078815, 00085924, 00092386, 00093310, 00101540, 00111659, 00112795, 00095114, 00085940, 00110160 = **10 Candidates** |
| 19.05.2022 | 10.30 A.M. | 00112494, 00093251, 00090201, 00093129, 00103811, 00111138, 00112125, 00089905, 00112045, 00087743, 00103268, 00071901, 00089882, 00103144, 00112751, 00083791, 00100247, 00100312, 00103084, 102 = **20 Candidates** |
| | 02.30 P.M. | 00084619, 00064576, 00093766, 00102972, 00103026, 00103108, 00103662, 00112831, 00096805, 00077246 = **10 Candidates** |
| 20.05.2022 | 10.30 A.M. | 00101557, 00104255, 104, 00065868, 00083593, 00093516, 00100957, 00103867, 00112874, 00094186, 00112381, 00068766, 00103157, 00091484, 00086139, 00063171, 00086922, 00097780, 00112220, 00112552 = **20 Candidates** |
| | 02.30 P.M. | 00086646, 00030201, 00086594, 00112096, 00112713, 00090308, 00104138, 00097782, 00102247, 00112239, 00089819, 00112323, 00046818, 00044335, 00089023, 00096636 = **16 Candidates** |

The candidates are required to bring one set of self-attested photocopies of all documents along with all original documents for verification as mentioned below:
1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree marksheet.
6. B.Ed. Degree marksheet.
7. Master's Degree marksheet.
8. M.Phil marksheet.
9. NET/JRF/SET/SLET qualified certificate
10. Ph.D. Degree certificate.
11. Conversion certificate from the concerned Unviersity indicating the actual equivalent percentage of marks.
12. Odia Test pass certificate.
13. Caste certificate whereever applicable
14. Identity card issued by the Director of Sports, Odisha in case of Sports person.
15. Permanent Disability Certificate (indicating permanent disability of 40% or more)
16. One set Xerox copy of published research papers.
17. Teaching/Post Doctoral experience certificate.
18. Awards
19. No objection certificate from the competent authority in case of Govt. Servants.
20. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0052/2223** **Sd./- Secretary**

ଏକ ଆଧାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା



# ଆମେ ତଳକୁ ଖସୁଛୁ



ଆକାର ପଟେଲ

ଜୁଲାଇ ୨୦୨୦ରେ ୨୯ଟି ପ୍ରମୁଖ ବୈଶ୍ୱିକ ସୂଚକାଙ୍କରେ ଭାରତର ପ୍ରଦର୍ଶନ ଯାଞ୍ଚ କରିବେ ବୋଲି ସରକାର ଘୋଷଣା କରିଥିଲେ। ଭାରତର ର୍‍ୟାଙ୍କିଙ୍ଗ୍‌ରେ କିଭଳି ଉନ୍ନତି ଅଣାଯାଇପାରିବ ସେଥିପାଇଁ ୪୭ କେନ୍ଦ୍ର ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ନେଇ ଏକ ବୈଠକ ବି କରାଯାଇଥିଲା। ତେବେ ତା'ପରଠାରୁ କ'ଣ ଘଟିଛି ଆସନ୍ତୁ ଦେଖିବା। ଜାତିସଂଘ ମାନବ ବିକାଶ ସୂଚକାଙ୍କରେ ଆମେ ଗୋଟିଏ ସ୍ଥାନ ତଳକୁ ଖସିଛୁ। ବାଳିକାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟରେ ହାରାହାରି ଆୟ ଏବଂ ବିନିବେଶରେ ହ୍ରାସ ଯୋଗୁ ଏହା ଘଟିଛି। ଜାତିସଂଘ ବିଶ୍ୱ ଖୁସି ରିପୋର୍ଟ ଖୁସିର ମାନକ ନୁହେଁ। ଏହା ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦର, ଆୟୁ ସମ୍ଭାବ୍ୟତା, ସ୍ୱାଧୀନତା ଏବଂ ଭ୍ରଷ୍ଟାଚାର ସମ୍ପର୍କରେ ସମୀକ୍ଷା କରେ। ଏଥିରେ ଭାରତ ୧୯ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଶ୍ୱରେ କ୍ଷୁଧା, ପିଲାମାନଙ୍କର ଷ୍ଟଣ୍ଟିଂ(ବୟସ ଅନୁପାତରେ କମ୍ ଉଚ୍ଚତା) ଏବଂ ଅପପୁଷ୍ଟିର ମୂଲ୍ୟାଙ୍କନ କରେ। ଏଥିରେ ଆମେ ୪୬ ଟି ସ୍ଥାନ ଖସି ପାକିସ୍ତାନ, ନେପାଳ ଏବଂ ବାଂଲାଦେଶ ପଛରେ ରହିଛୁ। ଆମେରିକାରେ ବାମପନ୍ଥୀ ସଂସ୍ଥାଗୁଡ଼ିକ ଦ୍ୱାରା ସଞ୍ଚାଳିତ କାଟୋ ହ୍ୟୁମ୍ୟାନ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ର୍‍ୟାଙ୍କରେ ୪୪ ସ୍ଥାନ ତଳକୁ ଖସିଛି। ଭାରତରେ ଆଇନର ଶାସନ, ଧାର୍ମିକ ଏବଂ ବ୍ୟବସାୟିକ ସ୍ୱାଧୀନତାରେ ହ୍ରାସ ଯୋଗୁ ଏଭଳି ପରିଣାମ ଆସିଛି। ୱାର୍ଲ୍ଡ ଇକୋନୋମିକ ଫୋରମ୍ ବୈଶ୍ୱିକ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କ ପ୍ରକାଶ କରେ। ଏହା ଲିଙ୍ଗଗତ ସମାନତାରେ କ'ଣ ଅଗ୍ରଗତି ହୋଇଛି ତାହା ଅବଲୋକନ କରେ। ତେବେ ଏଥିରେ ଭାରତ ୨୬ ସ୍ଥାନ ତଳକୁ ଆସିଛି। ବିଶ୍ୱ ବ୍ୟାଙ୍କ ଏହାର ଓମେନ, ବିଜ୍‌ନେସ ଆଣ୍ଡ ଲ' ଇଣ୍ଡେକ୍ସ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସୁଯୋଗଗୁଡ଼ିକର ପର୍ଯ୍ୟବେକ୍ଷଣ କରେ। ଏଥିରେ ବି ଭାରତ ୧୩ଟି ର୍‍ୟାଙ୍କ ନିମ୍ନକୁ ଆସିଛି। ସ୍ମାର୍ଟ ସିଟି ସୂଚକାଙ୍କ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ, ସୁରକ୍ଷା, କାର୍ଯ୍ୟକଳାପ ଏବଂ ସୁଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରିଥାଏ। ଏହି ସୂଚକାଙ୍କରେ ଦିଲ୍ଲୀ ୧୮ଟି ସ୍ଥାନ, ବେଙ୍ଗାଲୁରୁ ୧୬, ହାଇଦ୍ରାବାଦ ୧୮ ଏବଂ ମୁମ୍ବାଇ ୧୫ଟି ସ୍ଥାନ ତଳକୁ ଖସିଛନ୍ତି। ଆକ୍ସେସ ନାଓ ଟ୍ରାକର୍ ବିଶ୍ୱରେ ଇଣ୍ଟରନେଟ ଶଟ୍‌ଡାଉନ ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ବିଶ୍ୱରେ ଆଗୁଆ ଦେଶ ହୋଇଛି ଭାରତ। ୨୦୧୯ରେ ବିଶ୍ୱର ମୋଟ ୨୧୩ ଶଟ୍‌ଡାଉନ ମଧ୍ୟରୁ ୫୬% ଭାରତରେ ହିଁ ଘଟିଥିଲା। ୨୦୨୦ରେ ମୋଟ ବୈଶ୍ୱିକ ଶଟ୍‌ଡାଉନ ୧୫୫ ମଧ୍ୟରୁ ୭୦% ଭାରତରେ ହୋଇଥିଲା।

ବୈଶ୍ୱିକ ଆର୍‌ଟିଆଇ ରେଟିଂରେ ଭାରତ ୪ଟି ର୍‍ୟାଙ୍କ ତଳକୁ ଖସି ନିଜକୁ ଅପାରଦର୍ଶୀ ସାବ୍ୟସ୍ତ କରିଛି। ଏହା ବ୍ୟତୀତ ଗଣତାନ୍ତ୍ରିକ ଦେଶ ଭାବେ ଭାରତ ତା' ପ୍ରତିଷ୍ଠା ହରାଇଥିବା ୟୁନିଭର୍ସିଟି ଅଫ୍ ଗୁଟେନବର୍ଗର ଭାରିଟିଜ୍ ଅଫ୍ ଡେମୋକ୍ରାସି ଆକଳନ ଦର୍ଶାଇଥିଲା। ଏହା ଭାରତକୁ ଏକ 'ନିର୍ବାଚନୀ ସ୍ୱେଚ୍ଛାଚାର' ଭାବେ ବର୍ଗୀକୃତ କରି ତୁର୍କୀ ଓ ହଙ୍ଗେରି ସହ ସ୍ଥାନିତ କରିଥିଲା। ବାକ୍, ଗଣମାଧ୍ୟମ ଓ ନାଗରିକ ସମାଜ ସ୍ୱାଧୀନତାରେ ପାକିସ୍ତାନ ଭଳି ଭାରତ ଏକଚ୍ଛତ୍ରବାଦୀ ହେବା ସହ ଏହା ନେପାଳ ଓ ବାଂଲାଦେଶ ଠାରୁ ମଧ୍ୟ ଖରାପ ରହିଥିଲା ବୋଲି ପ୍ରକାଶ କରିଥିଲା। ଅନ୍ୟପଟେ ଆମେରିକାର ଫ୍ରିଡମ ହାଉସ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା କ୍ଷେତ୍ରରେ ଭାରତ 'ସ୍ୱାଧୀନ'ରୁ 'ଆଂଶିକ ସ୍ୱାଧୀନ'ସ୍ତରକୁ ଚାଲିଯାଇଛି। କଶ୍ମୀର 'ଆଂଶିକ ସ୍ୱାଧୀନ'ରୁ 'ସ୍ୱାଧୀନତା ବିହୀନ' ସ୍ଥିତିକୁ ଯାଇଥିବା କହିଛି। ସିଭିକସ୍ ମନିଟର୍‌ର ନ୍ୟାଶନାଲ ସିଭିକ୍ ସ୍ପେଶ୍ ର୍‍ୟାଙ୍କିଙ୍ଗ ଅନୁଷ୍ଠାନ, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ କହିବାର ଅଧିକାର ଉପରେ ପର୍ଯ୍ୟବେକ୍ଷଣ କରିଥାଏ। ଏହା ଅନୁଯାୟୀ ଭାରତ ସ୍ୱାଧୀନତା ଅବରୋଧକ ନୁହେଁ, ବରଂ ଦମନକାରୀ ପାଲଟିଯାଇଛି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଡେମୋକ୍ରାସି ସୂଚକାଙ୍କରେ ଭାରତ ୧୯ ଟି ର୍‍ୟାଙ୍କ ଖସିଛି। ଭାରତ ସେନା ଦକ୍ଷତା ଏବଂ ବିଶ୍ୱକୁ ପ୍ରଭାବିତ କରିବାର କ୍ଷମତା ହରାଇଛି। ଲୋୱି ଇନ୍‌ଷ୍ଟିଚ୍ୟୁଟର ଏସିଆ ପାୱାର ଇଣ୍ଡେକ୍ସରେ ଲଦାଖ ଘଟଣା ପରେ ୨୦୨୦ରେ ଭାରତ ଏହାର 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କର ଭାରତ ୧୦ଟି ସ୍ଥାନ ନିମ୍ନକୁ ଆସିଛି। ଏବେ ବିଶ୍ୱ ବାୟୁ ଗୁଣବତ୍ତା ସୂଚକାଙ୍କରେ ଭାରତ ବିଶ୍ୱର ସବୁଠୁ ପ୍ରଦୂଷିତ ୩୦ଟି ସହର ମଧ୍ୟରେ ଭାରତର ୨୨ଟି ରହିଥିଲା। ୨୦୧୭ ପରେ ଏଥିରେ ୧୧ଟି ସହର ଯୋଡ଼ିହୋଇଛି। ଯେଲେ ପରିବେଶଗତ ପ୍ରଦର୍ଶନ ସୂଚକାଙ୍କ ଜୈବ ଶୃଙ୍ଖଳା ଉପରେ ଅନୁଧ୍ୟାନ କରିଥାଏ। ଏହାର ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୩ଟି ସ୍ଥାନ ତଳକୁ ଆସି ପାକିସ୍ତାନ, ନେପାଳ ଓ ବାଂଲାଦେଶ ପଛକୁ ଚାଲିଯାଇଛି। ସେହିଭଳି କ୍ଲାଇମେଟ ରିସ୍କ ଇଣ୍ଡେକ୍ସରେ ୧୩ ସ୍ଥାନ ନିମ୍ନଗାମୀ ହୋଇ ପୁନଶ୍ଚ ବାଂଲାଦେଶ ଓ ପାକିସ୍ତାନ ପଛରେ ଅଛି। ଭାରତ ମଧ୍ୟ ଶତତ ବିକାଶ ସୂଚକାଙ୍କରେ ୧୦ଟି ସ୍ଥାନ ତଳକୁ ଆସିଛି।

ଅଗଷ୍ଟ ୨୦୨୦ରେ ବୈଶ୍ୱିକ ତାଲିକାରେ ଭାରତର ର୍‍ୟାଙ୍କିଙ୍ଗ୍ ବଢ଼ାଇବାକୁ ଭାବମୂର୍ତ୍ତି ସୁଧାରିବା ପାଇଁ ମୋଦି ସରକାର ମିଡିଆ ପ୍ରଚାର ଯୋଜନା କରିଥିବା ଜଣାପଡ଼ିଥିଲା। ଯୋଜନା ମୁତାବକ ବିଭିନ୍ନ ପ୍ରକାର ମିଡିଆ ଓ ମନ୍ତ୍ରଣାଳୟ ଦ୍ୱାରା ଗଠିତ ୱେବ୍‌ସାଇଟକୁ ସାମିଲ କରାଯିବ ବୋଲି କୁହାଯାଇଥିଲା। ଏହି ପ୍ରଚାର ଭାରତ ଏବଂ ବିଶ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତର ଦୃଷ୍ଟିକୋଣକୁ ଦର୍ଶାଇ ଏକ ଭାବମୂର୍ତ୍ତି ଗଢିବା ସହ ବୈଶ୍ୱିକ ସୂଚକାଙ୍କର ମାପଦଣ୍ଡ ଏବଂ ତଥ୍ୟ ଉତ୍ସରେ ଥିବା ସମସ୍ୟାଗୁଡ଼ିକୁ ପ୍ରଚାର କରିବା ଲାଗି କୁହାଯାଇଥିଲା। ହେଲେ ପ୍ରଚାର କେମିତି ଭାରତର ର୍‍ୟାଙ୍କିଙ୍ଗ୍ ବଢ଼ାଇଲା ସେ ସମ୍ପର୍କରେ କିଛି କୁହାଗଲା ନାହିଁ। ଅଗଷ୍ଟ ୨୦୨୦ ପରେ, ଭାରତର ର୍‍ୟାଙ୍କିଙ୍ଗ ନିମ୍ନଗାମୀ ହେଉଥିବାରୁ ସୂଚକାଙ୍କଗୁଡ଼ିକୁ ସମର୍ଥନ କରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ନେଲେ। ଏହା ପରିବର୍ତ୍ତେ ସରକାର କହିଲେ ଯେ, ସେଗୁଡ଼ିକ ଭୁଲ୍ ଓ ପକ୍ଷପାତପୂର୍ଣ୍ଣ। ଯାହାହେଲେ ବି ସୂଚକାଙ୍କ ପ୍ରକାଶ ପାଇ ଚାଲିବ ଏବଂ ଭାରତ ଏମିତି ତଳକୁ ଖସି ଚାଲୁଥିବ। ସମସ୍ୟା ସୁଧାରିବା ପାଇଁ, ପ୍ରଥମେ ଜଣକୁ ସମସ୍ୟାଟିକୁ ଗ୍ରହଣ କରିବାକୁ ହେବ। ତା'ହେଲେ କ'ଣ ଭୁଲ ରହିଛି ଜଣେ ଭାବିବ ଏବଂ କି ପଦକ୍ଷେପ ନେବାକୁ ହେବ ବିଚାର କରିବ। ଆମେ ଆଜି ଅମୃତକାଳ ପର୍ଯ୍ୟାୟକୁ ଚାଲିଯାଇଥିବାରୁ ଏବେ କିଛି ବି ତ୍ରୁଟି ନାହିଁ ବୋଲି ବିଚାର କରୁଛୁ। ଏଥିପାଇଁ ଏହି ଧାରାରେ ଆମେ ଯେତେ ଯାଏ ପାରିବା ତଳକୁ ଖସିଚାଲୁଥିବା।

Email:aakar.patel@gmail.com

# ମାନବ ସେବାରେ ରେଡ୍‌କ୍ରସ



ମୋହନ ଚରଣ ବିଷି

ଯୁଦ୍ଧ ସରିଯାଇଛି। ଯୁଦ୍ଧର ବିଭୀଷିକାକୁ ଦେଖି ମ୍ରିୟମାଣ ହୋଇଛନ୍ତି। ପାରିବାଯାଏ ଆହତ, ମୁମୂର୍ଷୁ ସୈନିକମାନଙ୍କର ସେବା, ଶୁଶ୍ରୁଷା କରିଛନ୍ତି। ଏହି ଯୁଦ୍ଧର ଭୟବହତାକୁ ସେ ବର୍ଣ୍ଣନା କରନ୍ତି ''ମେମୋରି ଅଫ୍ ସଲ୍‌ଫରିନୋ'' ନାମରେ। ଏହି ପୁସ୍ତକ ହିଁ ଏକ ଅନ୍ତର୍ଜାତୀୟ ସେବା ସଂସ୍ଥା ସ୍ଥାପନ ପାଇଁ ସମ୍ଭାବନା ସୃଷ୍ଟି କରିଥିଲା। ଶେଷରେ ସ୍ୱପ୍ନ ସଫଳ ହୋଇଥିଲା। ୧୮୬୩ରେ ଜନ୍ମଲାଭ କଲା ରେଡ୍‌କ୍ରସ। ଏହାର ଜନ୍ମଦାତା ଭାବରେ ସାର୍ ଜନ୍ ହେନେରୀ ଡୁନାଣ୍ଟ ପ୍ରସିଦ୍ଧି ଲାଭ କରନ୍ତି।

ଡୁନାଣ୍ଟଙ୍କ ଜନ୍ମ ୮ମେ' ୧୮୨୮ରେ ସ୍ୱିଜରର୍ଲାଣ୍ଡର ଜେନେଭା ସହରରେ । ସେ ହେଉଛନ୍ତି ଜିନ୍ ଜାକ୍ୟୁସ୍ ଡୁନାଣ୍ଟ ଓ ଆଣ୍ଟୋ ଇନେଟି ଡୁନାଣ୍ଟଙ୍କ ପ୍ରଥମ ସନ୍ତାନ। ଡୁନାଣ୍ଟ ଜଣେ ସାମାଜିକ କର୍ମୀ, ମାନବବାଦୀ ତଥା ଜଣେ ବ୍ୟବସାୟୀ ଥିଲେ। ବ୍ୟବସାୟ ଉଦ୍ଦେଶ୍ୟରେ ଯାଇଥିବା ବେଳେ ୨୪ ଜୁନ ୧୮୫୯ରେ ସେ ସଲ୍‌ଫରିନୋ ସହରରେ ପହଞ୍ଚିଥିଲେ। ସେହି ସମୟରେ ଫ୍ରାନ୍ସର ନେପୋଲିୟନ ତୃତୀୟ, ସାରାଦିଆନର ଭିକ୍ଟର ଇମାନୁଏଲ ଦ୍ୱିତୀୟ ଓ ଅର୍ଷ୍ଟିଆର ଫ୍ରାନ୍‌ଜ ଜୋଶେଫଙ୍କ ମଧ୍ୟରେ ଯୁଦ୍ଧ ହୋଇ ସାରିଥିଲା। ପାଖାପାଖି ୪୦ ହଜାର ସୈନିକ ଓ ସାଧାରଣ ଲୋକ ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କରିଥିଲେ, କିଛି ବିକଳାଙ୍ଗ, ଆଉ କିଛି ଆହତ ହୋଇ ଛଟପଟ ହେଉଥିଲେ। ଡୁନାଣ୍ଟ ଏହି ଦୃଶ୍ୟ ଦେଖି ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ଲାଗିପଡିଲେ। ଅର୍ଷ୍ଟିଆର କିଛି ଡାକ୍ତର ମଧ୍ୟ ଡୁନାଣ୍ଟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାରେ ଲାଗିଥିଲେ। ଏହି ଯୁଦ୍ଧର ଭୟାବହତାକୁ ୧୮୬୨ରେ ''ମେମୋରି ଅଫ୍ ସଲ୍‌ଫରିନୋ'' ପୁସ୍ତକ ଆକାରରେ ପ୍ରକାଶ କଲେ। ନିଜ ଉଦ୍ୟମରେ ଏହି ପୁସ୍ତକର ୧୬୦୦ କପି କରିଥିଲେ। ଉକ୍ତ ପୁସ୍ତକ ଦ୍ୱାରା ପ୍ରଭାବିତ ହୋଇ ଅନେକ ରାଷ୍ଟ୍ରନାୟକ ଏକ ପକ୍ଷପାତିତା ବିହୀନ ସଂଘ ଗଠନ କରିବା ପାଇଁ ମନ ବଳାଇଥିଲେ। ସେବା ଉଦ୍ଦେଶ୍ୟରେ ଏକ ଆନ୍ତର୍ଜାତିକ ସଂସ୍ଥା ଗଠନ ପାଇଁ ପ୍ରଥମ ବୈଠକ ୧୭.୦୩.୧୮୬୩ରେ ବସିଥିଲା। ଏଥିରେ ଡୁନାଣ୍ଟଙ୍କ ସମେତ ଥିଲେ ମେୟନିର, ଆର୍ମି ଜେନେରାଲ ଡୁଫୋଇ, ଡାକ୍ତର ଲୁଇସ୍ ଏପି, ଥିଓଡର ମଉରିଅର। ଉକ୍ତ ବୈଠକ ପରେ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠନ ପାଇଁ ସୁଗମ ହୋଇଥିଲା। ୯ ଫେବୃୟାରୀ ୧୮୬୩ରେ ସୃଷ୍ଟି ହେଲା ଅନ୍ତର୍ଜାତୀୟ ସଂସ୍ଥା ରେଡ୍‌କ୍ରସ। ୧୮୬୪ରେ ଜେନେଭା କନ୍‌ଭେନ୍‌ଶନରେ ବିଭିନ୍ନ ନିୟମ ପ୍ରଣୟନ କରାଗଲା। ଯୁଦ୍ଧରେ ଆହତ ସୈନିକମାନଙ୍କୁ ଜାତି, ବର୍ଣ୍ଣ, ଧର୍ମ ଓ ଦେଶ ନିର୍ବିଶେଷରେ ସେବା ପ୍ରଦାନ କରିବା। ଏହିପରି ବିଶ୍ୱରେ ଭ୍ରାତୃଭାବ ଓ ସେବା ସହଯୋଗ ପାଇଁ ସଭ୍ୟ ରାଷ୍ଟ୍ର ଏହିସବୁ ନିୟମରେ ହସ୍ତାକ୍ଷର କରିବ। ପରବର୍ତ୍ତୀ ସମୟରେ ଏହିସବୁ ନିୟମକୁ ଆହୁରି ସାର୍ବଜନୀନ କରାଯାଇ ନୂଆ ନିୟମ ସଂଯୋଗ ହୋଇଛି। ରେଡ୍‌କ୍ରସର ଏକ ପତାକା ରହିଲା। ବିଭିନ୍ନ ଚିହ୍ନ ରେଡ୍‌କ୍ରସ ପତାକାରେ ବ୍ୟବହାର ହେଇ ଶେଷରେ ରେଡ୍‌କ୍ରସ, ରେଡ୍ କ୍ରିସାଣ୍ଟ ଓ ରେଡ୍ କ୍ରିଜାଣ୍ଟ ହିଁ ସ୍ଥାନ ପାଇଲା। ଦେଶ ଭିତ୍ତିରେ ଏହି ଚିହ୍ନ ବ୍ୟବହାର ହେଲା। ଚିହ୍ନର ରଙ୍ଗ ସବୁ ଲାଲ ରହିଲା।

ଡୁନାଣ୍ଟ ଓ ତାଙ୍କ ସାଥୀମାନଙ୍କ ମାର୍ଗଦର୍ଶନରେ ଅନେକ ଦେଶରେ ପ୍ରତିଷ୍ଠା ହୁଏ ରେଡ୍‌କ୍ରସ ସଂସ୍ଥା। ବିଧିବଦ୍ଧ ଭାବେ ୧୯୧୯ରେ ପ୍ରତିଷ୍ଠା ହେଲା ଅନ୍ତର୍ଜାତୀୟ ରେଡ୍‌କ୍ରସ ସଂସ୍ଥା, ଯାହାର ସଦସ୍ୟ ୧୯୦ ଦେଶ ଅଛନ୍ତି। ଏହି ଅନ୍ତର୍ଜାତୀୟ ସଂସ୍ଥାରେ ପାଖାପାଖି ୯୭ ମିଲିୟନ ସ୍ୱେଚ୍ଛାସେବୀ କାମ କରନ୍ତି। ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ୧୬୦ ମିଲିୟନ ଲୋକଙ୍କୁ ସହଯୋଗ କରିଥା'ନ୍ତି। ରେଡ୍‌କ୍ରସର ୭ଟି ନିୟମ ବା ସଂକଳ୍ପ ରହିଛି ଯଥା– ମାନବିକତା, ନିଷ୍ପକ୍ଷତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱଇଚ୍ଛା ସେବା, ଏକତା ଓ ବିଶ୍ୱଭ୍ରାତୃତ୍ୱ। ରେଡ୍‌କ୍ରସର ଜଣେ ସ୍ୱେଚ୍ଛାସେବୀ ଏହି ୭ଟି ଅଳଙ୍କାରରେ ଭୂଷିତ ହୋଇଥାଏ ଏବଂ ତା'ର କାର୍ଯ୍ୟ ମଧ୍ୟ ତଦନୁରୂପ ହୋଇଥାଏ। ତେବେ ତ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଉଥିଲେ ମଧ୍ୟ ଉଭୟ ପକ୍ଷର ଗୁଳି ରେଡ୍‌କ୍ରସ ସ୍ୱେଚ୍ଛାସେବୀକୁ ବାଜେ ନାହିଁ। କେବଳ ରେଡ୍‌କ୍ରସ ଚିହ୍ନିତ ହୋଇ ସେବା କରୁଥିବା ଆବଶ୍ୟକ। ରେଡ୍‌କ୍ରସ ପ୍ରତିଷ୍ଠା କରି ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିଗତ ଭାବରେ ଡୁନାଣ୍ଟ ୧୯୦୧ରେ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ରେଡ୍‌କ୍ରସ ସଂସ୍ଥା ୧୯୧୭, ୧୯୪୪, ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ପାଇସାରିଛି ଏବଂ ରେଡ୍‌କ୍ରସ ଘୋଷଣା କରିଛି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ଆଉ ଗ୍ରହଣ କରିବ ନାହିଁ। ୧୯୪୮ରେ ପ୍ରଥମ କରି ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ କରାଯାଇଥିଲା। ଏହାର ପରବର୍ତ୍ତୀ ସମୟରେ ଆନ୍ତର୍ଜାତିକ ରେଡ୍‌କ୍ରସ ସଂସ୍ଥା ଓ ରେଡ୍ କ୍ରିସାଣ୍ଟ ୧୯୮୪ ରେ ଘୋଷଣା ହୋଇ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ସେବା କାର୍ଯ୍ୟକ୍ରମ ସଫଳତା ସହ ଜାରି ରହିଛି। ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ତାରିଖରେ ପ୍ରତିବର୍ଷ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ହୋଇ ଆସୁଅଛି।




ବିଶ୍ୱ ରେଡ୍‌କ୍ରସ ଦିବସ ଉପଲକ୍ଷେ

୧୯୨୦ରେ କ୍ଲାଉଡ ହିଲ୍‌ଙ୍କ ଉଦ୍ୟମରେ ଭାରତରେ ରେଡ୍‌କ୍ରସ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଭାରତରେ ୩୫ଟି ଶାଖା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି। ଭାରତରେ ବିଭିନ୍ନ ଜିଲା ଓ ସବ୍‌ଡିଭିଜନରେ ୭୦୦ଟି ଶାଖା ରହିଛି। ଦେଶରେ ଭାରତର ରାଷ୍ଟ୍ରପତି ରେଡ୍‌କ୍ରସର ସଭାପତି ଥିଲା ବେଳେ ରାଜ୍ୟଗୁଡ଼ିକରେ ରାଜ୍ୟପାଳ ରେଡ୍‌କ୍ରସର ମୁଖ୍ୟ ଭାବରେ କାର୍ଯ୍ୟ କରିଥା'ନ୍ତି। ଯୁବ ରେଡ୍‌କ୍ରସ ଓ ଜୁନିୟର ରେଡ୍‌କ୍ରସ ପରି ଶାଖାମାନଙ୍କରେ ହଜାର ହଜାର ସ୍ୱେଚ୍ଛାସେବୀ ସୃଷ୍ଟି ହୋଇ ସେବା ସହଯୋଗ ଚାଲୁ ରଖିଛନ୍ତି। ରେଡ୍‌କ୍ରସ କେବଳ ଚିକିତ୍ସା ସେବା କି ରକ୍ତଦାନରେ ସୀମିତ ନାହିଁ। ଦେଶରେ ଭୂମିକମ୍ପ, ବନ୍ୟା, ବାତ୍ୟା, ନିଆଁପୋଡି, ବିଭିନ୍ନ ମହାମାରୀ ସମୟରେ ଆଗକୁ ଆସି ସଚେତନ ଓ ସହଯୋଗ କରୁଛି। କୋଭିଡ୍ ମହାମାରୀରେ ସାରା ପୃଥିବୀରେ ସେବା ଯୋଗାଇ ଆସୁଛି ରେଡ୍‌କ୍ରସ। ଓଡ଼ିଶାରେ ରାଜ୍ୟ ରେଡ୍‌କ୍ରସ ଶାଖା ତରଫରୁ ନିୟମିତ କୋଭିଡ୍ ସଚେତନତା ଓ ସେବା ସହଯୋଗ ଚାଲୁ ରହିଛି। ରେଡ୍‌କ୍ରସ ବର୍ତ୍ତମାନ ପରିସ୍ଥିତିରେ ହଜି ଯାଇଥିବା ଲୋକମାନଙ୍କ ଥଇଥାନ ପାଇଁ ମଧ୍ୟ କାର୍ଯ୍ୟ କରୁଅଛି। ରେଡ୍‌କ୍ରସ ଓଡ଼ିଶା ରାଜ୍ୟ ଶାଖାର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରେଡ୍‌କ୍ରସ ମାନବର ସେବା ପାଇଁ ଉତ୍ସର୍ଗୀକୃତ। ଆନ୍ତର୍ଜାତିକ ରେଡ୍‌କ୍ରସ ସଂଗଠନ ମାନବବାଦର ଜୟଗାନ କରିଥାଏ। ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରର୍ଲାଣ୍ଡର ଜେନେଭା ସହରରେ ଅବସ୍ଥିତ। ଏହି ସଙ୍ଗଠନର ଏକ ସମ୍ବିଧାନ ରହିଛି।

ଚଳିତ ବର୍ଷ ରେଡ୍‌କ୍ରସର ବାର୍ତ୍ତା ହେଉଛି– ମାନବ ପ୍ରତି ଦୟା ପ୍ରଦର୍ଶନ କରିବା। ମହାମାରୀ ସମୟରେ ମାନବ ପ୍ରତି ଯଥୋଚିତ ବ୍ୟବହାର ସ୍ନେହ, ସହାନୁଭୂତି, ଦୟାଭାବ ଉଦ୍ରେକ କରିବା। ସାରା ବିଶ୍ୱକୁ ନିଜର ପରିବାର ମନେକରିବା। ପରୋପକାର ପାଇଁ ଚେଷ୍ଟିତ ହେବା। ରେଡ୍‌କ୍ରସ ପରି ଏକ ଅନ୍ତର୍ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ହେବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା।

ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

# ସିଆଇଏ ସିଟିଓ

ବ୍ୟକ୍ତିତ୍ୱ



ନନ୍ଦ୍ ମୁଲଚନ୍ଦାନି

ପ୍ରଥମ ଥର ପାଇଁ ଜଣେ ଭାରତୀୟ ବଂଶୋଦ୍ଭବ ନନ୍ଦ୍ ମୁଲଚନ୍ଦାନି ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ) ନିଯୁକ୍ତ ହୋଇଛନ୍ତି। ଆମେରିକୀୟ ଗୋଇନ୍ଦାର ଏକ ଉଚ୍ଚ ପଦବୀରେ ମୁଲଚନ୍ଦାନି ଅବସ୍ଥାପିତ ହେବା ସଂକ୍ରାନ୍ତରେ ଘୋଷଣା କରିବା ଅବସରରେ ସିଆଇଏର ନିର୍ଦ୍ଦେଶକ ୱିଲିୟମ୍ ଯୋଶେଫ୍ ବର୍ନସ କହିଛନ୍ତି, ତାଙ୍କ ଅଭିଜ୍ଞତା ସଂସ୍ଥାକୁ ଆଗକୁ ନେବାରେ ଯଥେଷ୍ଟ ସହାୟକ ହେବ।

ମୁଲଚନ୍ଦାନିଙ୍କ ଶିକ୍ଷା ଓ ଅଭିଜ୍ଞତା ବିଷୟରେ ଆଲୋଚନା କରିବା ପୂର୍ବରୁ ସିଆଇଏର ସ୍ୱରୂପ ବିଷୟରେ ଟିକେ ବର୍ଣ୍ଣନା କରିବା ଦରକାର ପଡୁଛି। ସିଆଇଏ ୱେବ୍‌ସାଇଟ୍ ଅନୁଯାୟୀ, ଏହା ଆମେରିକାର ଏକ ସରକାରୀ ସଂସ୍ଥା। ନ୍ୟାଶନାଲ ସିକ୍ୟୁରିଟି ଆଇନ ୧୯୪୭ ଅନୁଯାୟୀ ଏହା ଗଠନ କରାଯାଇଥିଲା। ଏହା ବିଶ୍ୱ ସ୍ତରରୁ ନିରାପତ୍ତା ସମ୍ବନ୍ଧୀୟ ଗୋଇନ୍ଦା ସୂଚନା ସଂଗ୍ରହ କରିବା ପରେ ତାହାକୁ ବିଶ୍ଳେଷଣ କରିଥାଏ। ଆମେରିକାର ଗୋଇନ୍ଦା ଗୋଷ୍ଠୀ (ଆଇସି)ର ସିଆଇଏ ଏକ ସଦସ୍ୟ ହୋଇଥିବାରୁ ତାହା ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ନ୍ୟାଶନାଲ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକଙ୍କୁ ଦିଆଯାଇଥାଏ। ନିର୍ଦ୍ଦେଶକ ସମ୍ପୃକ୍ତ ରିପୋର୍ଟକୁ ରାଷ୍ଟ୍ରପତି ଓ କ୍ୟାବିନେଟ୍ ନିକଟରେ ଉପସ୍ଥାପନ କରିଥାଆନ୍ତି। ସିଆଇଏ କୌଣସି ନୀତି ପ୍ରଣୟନ କରେ ନାହିଁ। ସୂଚନା ଦେବାରେ ଏକ ସ୍ୱାଧୀନ ସଂସ୍ଥା ଭାବେ କାର୍ଯ୍ୟ କରୁଥିବାରୁ ତାହା ସ୍ୱଚ୍ଛତା ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଥାଏ। ସାଧାରଣତଃ ସିଆଇଏ ଓ ଏଫ୍‌ବିଆଇ (ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ) ମଧ୍ୟରେ ଥିବା ତଫାତ୍‌କୁ ବୁଝିବାରେ କେତେକଙ୍କ ପାଇଁ ସହଜ ହୋଇ ନ ଥାଏ। ସେହି ସୂକ୍ଷ୍ମ ଫରକ୍‌କୁ ଦେଖିଲେ ସିଆଇଏ ପ୍ରତିରକ୍ଷା ବିଭାଗ ଅଧୀନରେ ଆସିଥାଏ। ଅନ୍ୟପକ୍ଷରେ ଏଫ୍‌ବିଆଇ ଆମେରିକାର ନ୍ୟାୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ପରିଚାଳନା କରେ। ଏହାର ପ୍ରାରମ୍ଭିକ କାର୍ଯ୍ୟ ଦେଶ ଭିତରେ ଆତଙ୍କବାଦକୁ ପ୍ରତିହତ କରିବା ସହିତ ସଂଘୀୟ ଆଇନ କାର୍ଯ୍ୟକାରୀ କରିବା। ଦେଶ ମଧ୍ୟରେ ହତ୍ୟା, ଆନ୍ତଃରାଜ୍ୟ ଅପରାଧ ଓ ଅପହରଣ ଆଦି ମାମଲାର ତଦନ୍ତ କ୍ଷେତ୍ରରେ ସହାୟତା କରିବାରେ ଏଫ୍‌ବିଆଇ ପଦକ୍ଷେପ ନେଇଥାଏ। ଏସବୁ ଦୃଷ୍ଟିରୁ ଦେଖିଲେ ସିଆଇଏର ପରିସର ବ୍ୟାପକ ରହୁଛି। ଏଭଳି ଏକ ସଂସ୍ଥାରେ ମୁଲଚନ୍ଦାନି ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ହୋଇଥିବାରୁ ତାଙ୍କ ଆଗରେ ଅନେକ ଆହ୍ୱାନ ରହିବା ସ୍ୱାଭାବିକ।

ନନ୍ଦ୍ ମୁଲଚନ୍ଦାନିଙ୍କ ପାଠପଢ଼ା ଦିଲ୍ଲୀରେ ଆରମ୍ଭ ହୋଇଥିଲା। ବ୍ଲୁବେଲ୍‌ସ ସ୍କୁଲ ଇଣ୍ଟରନ୍ୟାଶନାଲରୁ ଉତ୍ତୀର୍ଣ୍ଣ ହେବା ପରେ ନ୍ୟୁୟର୍କର କର୍ନେଲ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ ଓ ଗଣିତରେ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଷ୍ଟାନ୍‌ଫୋର୍ଡରୁ ମ୍ୟାନେଜମେଣ୍ଟରେ ମାଷ୍ଟର ଅଫ୍ ସାଇନ୍ସ ଏବଂ ହାର୍ଭାର୍ଡରୁ ମାଷ୍ଟର ଅଫ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ ଡିଗ୍ରୀ ମଧ୍ୟ ସେ ହାସଲ କରିଥିଲେ। ସିଆଇଏରେ ଯୋଗଦେବା ପୂର୍ବରୁ ସେ ଆମେରିକାର ପ୍ରତିରକ୍ଷା ବିଭାଗର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସେଣ୍ଟରର ସିଟିଓ ତଥା କାର୍ଯ୍ୟକାରୀ ନିର୍ଦ୍ଦେଶକ ଥିଲେ। ସିଲିକନ୍ ଭ୍ୟାଲିରେ ମୁଲଚନ୍ଦାନିଙ୍କ ୨୫ ବର୍ଷର ବୈଷୟିକ ଅଭିଜ୍ଞତା ରହିଛି। ସେ ଅନେକ ସଫଳ ଷ୍ଟାର୍ଟଅପ୍‌ର ସହ–ପ୍ରତିଷ୍ଠାତା ମଧ୍ୟ ହୋଇପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଓପନ୍‌ଡିଏନ୍‌ଏସ୍ (ସିସ୍‌କୋ ଦ୍ୱାରା ଅଧିକୃତ), ଓବ୍‌ଲିକ୍ସ (ଓରାକଲ୍ ଅଧିକୃତ), ଡିଟରମିନା (ଭିଏମ୍‌ୱେର ଅଧୀନ) ଓ ସ୍କେଲ୍‌ଏକ୍ସଟ୍ରିମ୍ (ସିଟ୍ରିକ୍ସ ଅଧିକୃତ)।

ସିଆଇଏରେ ଯୋଗଦେବା ପରେ ମୁଲ୍‌ଚନ୍ଦାନି କହିଛନ୍ତି, ଏଭଳି ପଦବୀ ପାଇ ସେ ସମ୍ମାନିତ ହୋଇଛନ୍ତି। ସଂସ୍ଥାର ଅତୁଲ୍ୟ ପ୍ରଯୁକ୍ତିବିତ୍ ଓ ବିଶ୍ୱସ୍ତରୀୟ ଗୋଇନ୍ଦା କାର୍ଯ୍ୟରେ ଦକ୍ଷତା ରଖିଥିବା ବିଶେଷଜ୍ଞଙ୍କୁ ନେଇ ସେ କାର୍ଯ୍ୟ କରିବେ। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ହାସଲ କରିଥିବା ଜ୍ଞାନପୁଞ୍ଜି ସଂସ୍ଥାର ବିକାଶରେ ବ୍ୟୟ କରିବେ ବୋଲି ସେ କହିଛନ୍ତି।

ପାରିବାରିକ ଜୀବନ କହିଲେ ସର୍ବାଣି ବାନାର୍ଜୀ ଓ ଗୋଟିଏ ଝିଅକୁ ନେଇ ମୁଲ୍‌ଚନ୍ଦାନିଙ୍କ ସଂସାର। ଦିଲ୍ଲୀରେ ବଢ଼ିଥିବା ଛାତ୍ର ଏବେ ଆମେରିକାର ଏକ ପ୍ରମୁଖ ଗୋଇନ୍ଦା ସଂସ୍ଥାର ଅନ୍ୟତମ ସର୍ବୋଚ୍ଚ ପଦବୀରେ ଆସୀନ ହେବା ନିଶ୍ଚିତ ଭାବେ ପ୍ରଯୁକ୍ତିକୁ ନେଇ କ୍ୟାରିୟର କରୁଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ। ଆନନ୍ଦର ବିଷୟ ଯେ, ଭାରତର ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଅମେରିକା ଓ ବ୍ରିଟେନ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇ ନିଜ କର୍ଯ୍ୟଦକ୍ଷତାର ପ୍ରମାଣ ଦେଇପାରିଛନ୍ତି। ବୃତ୍ତି ପ୍ରତି ସେମାନଙ୍କ ନିଷ୍ଠାପର ଯୋଗଦାନ ଯୋଗୁ ଏସବୁ ସମ୍ଭବ ହୋଇପାରୁଥିବାରୁ ନୂଆ ପିଢ଼ି ସେଥିରୁ ପ୍ରେରଣା ପାଇବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପୋଲିସ ସେବା ଭଳି କଠୋର ଦାୟିତ୍ୱ ମଧ୍ୟରୁ ସମୟ ବାହାର କରି ପିଲାମାନଙ୍କୁ ପଢ଼ାଇବା କିଛି କମ୍ କଥା ନୁହେଁ। ଏଭଳି କାର୍ଯ୍ୟ କରି ଅଯୋଧ୍ୟାରେ ଜଣେ ପୋଲିସ ଇନ୍‌ସ୍‌ପେକ୍ଟର ରଣଜିତ ସିଂ ଯାଦବ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଯାଦବ ବସ୍ତିର ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ତେବେ ଦୁଇ ଶିଫ୍ଟ କାମ କରି ଏହି ଅଭିଯାନ ଚଳାଇବା ତାଙ୍କ ପାଇଁ କଷ୍ଟକର ହେଲେ ମଧ୍ୟ ତାଙ୍କ ପିଲାଦିନର ସଂଘର୍ଷମୟ ଜୀବନ ତାଙ୍କୁ ଏଥିପାଇଁ ପ୍ରେରିତ କରିଛି ବୋଲି କୁହନ୍ତି ରଣଜିତ। କୃଷକ ପରିବାରରେ ଜନ୍ମିତ ରଣଜିତ ପିଲାଦିନେ ବହୁ କଷ୍ଟ କରିଛନ୍ତି। କ୍ଷେତରେ କାମ କରିବା ସହ ତାଙ୍କୁ ପଢ଼ିବାକୁ ପଡ଼ିଛି ଓ ସେଥିରେ ସେ ସଫଳ ହୋଇ ପୋଲିସ ଚାକିରି କରିଛନ୍ତି। ଏଣୁ ଅଯୋଧ୍ୟାର ଘାଟଗୁଡ଼ିକର ବସ୍ତିରେ ରହୁଥିବା ପିଲାମାନଙ୍କ ସ୍ଥିତିକୁ ସେ ଭଲ ଭାବେ ଅନୁଭବ କରି ଏହି ଅଭିଯାନ ଚଳାଇଛନ୍ତି ଓ ପୋଲିସ ଦାୟିତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ପିଲାଙ୍କ ପାଇଁ ଶିକ୍ଷାର ବର୍ତ୍ତିକା ସାଜିଛନ୍ତି। ସେ ତାଙ୍କ ଶିକ୍ଷା ଅଭିଯାନର ନାମ ରଖିଛନ୍ତି 'ଆପନା ସ୍କୁଲ'। ଅଯୋଧ୍ୟା ଘାଟରେ ଚାଲିଥିବା ଏହି ସ୍କୁଲର ଶିକ୍ଷକ ରଣଜିତଙ୍କୁ ଲୋକେ 'ଖାକି ୱାଲେ ଗୁରୁଜୀ' ବୋଲି ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୭

- ବିଦ୍ରୋହୀମାନଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଜାଇରେ ରାଷ୍ଟ୍ରପତି ମୋବୁଟୋ ସେସେ ସେକୋଙ୍କ ଦେଶତ୍ୟାଗ।
- ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା କୁଖ୍ୟାତ ମାଫିଆ ଡନ୍ ଦାଉଦ୍ ଇବ୍ରାହିମ୍ ଏବଂ ତାଙ୍କର ୬ ଜଣ ସହଯୋଗୀଙ୍କୁ ଗିରଫ କରିବା ଲାଗି ସିବିଆଇକୁ କ୍ଷମତା ପ୍ରଦାନ।
- ଦକ୍ଷିଣ ତ୍ରିପୁରା ଜିଲ୍ଲାର ଅମରପୁର ସବ୍‌ଡିଭିଜନ ଅନ୍ତର୍ଗତ ବେଲାଗଞ୍ଜ ଖୁମଲୁଙ୍ଗ ଦୁର୍ଗମ ଅଞ୍ଚଳରେ ଅଜ୍ଞାତ ଆଦିବାସୀ ଉଗ୍ରପନ୍ଥୀମାନଙ୍କ ଆକ୍ରମଣରେ ୧୯ ଯବାନ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସ ଭୋଟ ହାର କମୁଛି

ମହାଶୟ,
୨୦୧୯ ସାଧାରଣ ନିର୍ବାଚନ ପରଠୁ ରାଜ୍ୟରେ କଂଗ୍ରେସ ଏକପ୍ରକାର ନେତୃତ୍ୱ ବିହୀନ ହୋଇ ରହିଛି। ଏହାର ସ୍ଥିତି ବିଗିଡ଼ିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ହେଉ ଅଥବା ପୌର ନିର୍ବାଚନ, ସବୁଠି କଂଗ୍ରେସ ଦଳର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ରହିଛି। ୨୦୧୯ ବିଧାନସଭା ନିର୍ବାଚନରେ ୧୬ ପ୍ରତିଶତ ଭୋଟ ପାଇଥିବା କଂଗ୍ରେସ ଦଳର ଭୋଟ ଚଳିତ ପଞ୍ଚାୟତ ନିର୍ବାଚନରେ ୧୩ ପ୍ରତିଶତକୁ ଖସି ଆସିଲା। ଇତିମଧ୍ୟରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ସମସ୍ତ ଉପନିର୍ବାଚନରେ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିବା ବେଳେ କେବଳ ତିର୍ତ୍ତୋଲକୁ ଛାଡ଼ି ଅନ୍ୟ ସମସ୍ତ ସ୍ଥାନରେ ଦଳ ଅମାନତ ହରାଇଲା। ବହୁ ଟାଣୁଆ ନେତା ଦଳର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ କଂଗ୍ରେସକୁ ନୂଆ ନେତୃତ୍ୱ ଯଥାଶୀଘ୍ର ଆବଶ୍ୟକ। ତୃଣମୂଳ ସ୍ତରୀୟ ସଂଗଠନକୁ ସୁଦୃଢ଼ କରିବାର ଦକ୍ଷତା ରଖିଥିବା ଜଣେ ରାଜନେତାଙ୍କୁ ଯଥାଶୀଘ୍ର ଏହି ପଦରେ ବସାଇବାର ସମୟ ଆସିଛି।

– ରତ୍ନରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର

### ବହୁ ଟ୍ରେନ୍ ସାକ୍ଷୀଗୋପାଳରେ ରହୁନି

ମହାଶୟ,
କରୋନାର ଭୟଙ୍କର ପ୍ରଭାବ ଯୋଗୁ ଏବଂ ଲୋକମାନଙ୍କର ଜୀବନରକ୍ଷା ଦୃଷ୍ଟିରୁ କେତେକ ଟ୍ରେନ୍‌କୁ ରେଳବାଇ କର୍ତ୍ତୃପକ୍ଷ ବାତିଲ କରିଦେଲେ। ଫଳରେ ସାକ୍ଷୀଗୋପାଳରେ ସଟଲ ଟ୍ରେନ, ଜଗନ୍ନାଥ ଏକ୍ସପ୍ରେସ, ପୁରୀ– ହାଓଡା ଏକ୍ସପ୍ରେସ, ଉତ୍କଳ ଏକ୍ସପ୍ରେସ, ପୁରୀ– ଖୋର୍ଦ୍ଧା ପାସେଞ୍ଜର ଗାଡ଼ିଗୁଡିକ ରହୁନି। ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି । କରୋନାର ପ୍ରଭାବ ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ମଧ୍ୟ ବହୁ ପରିମାଣରେ କମିଯାଇଛି। ଲୋକମାନେ ଭୟପ୍ରଦ ଜୀବନ ଯାତ୍ରାରୁ ରକ୍ଷା ପାଇଛନ୍ତି। ଏହା ସତ୍ତ୍ୱେ ବନ୍ଦ ହୋଇଥିବା ଟ୍ରେନ୍‌ଗୁଡ଼ିକ ଚାଲୁ ନ କରିବାର କାରଣ କ'ଣ। ଏ ବିଷୟରେ କୌଣସି ପଦକ୍ଷେପ ନିଆଯାଉନି। ଉପରୋକ୍ତ ଗାଡ଼ିସବୁ ସାକ୍ଷୀଗୋପାଳ ଷ୍ଟେଶନରେ ନ ରହିବା ଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକୁ ତୁରନ୍ତ ଚଳାଯାଉ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku / ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | 3 | | | 4 | |
| | 4 | | | 9 | | 8 | 7 | |
| 6 | | | | 8 | | | | |
| | | | | | | | | 2 |
| | 7 | | | | | 4 | 6 | |
| 4 | | 9 | | | 3 | | | |
| 8 | | 3 | 4 | | 2 | | | |
| | | | 8 | | | 1 | | |
| 5 | | | | | | 9 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 7 | 1 | 6 | 2 | 9 | 3 | 8 |
| 3 | 2 | 8 | 9 | 7 | 4 | 6 | 5 | 1 |
| 1 | 9 | 6 | 3 | 8 | 5 | 7 | 4 | 2 |
| 9 | 8 | 3 | 6 | 5 | 7 | 2 | 1 | 4 |
| 5 | 7 | 1 | 2 | 4 | 9 | 8 | 6 | 3 |
| 2 | 6 | 4 | 8 | 1 | 3 | 5 | 9 | 7 |
| 6 | 4 | 5 | 7 | 3 | 8 | 1 | 2 | 9 |
| 8 | 1 | 9 | 4 | 2 | 6 | 3 | 7 | 5 |
| 7 | 3 | 2 | 5 | 9 | 1 | 4 | 8 | 6 |

ଗତ କାଲିର ଉତ୍ତର

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ !
(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀଚରଣ ପାଣିଗ୍ରାହୀ

## ରାଜପଥ କଡ଼କୁ ଓଲଟିଲା ବସ୍, ୧୫ ଗୁରୁତର

**ଚଣ୍ଡିଖୋଲ,୭।୫(ଡି.ଏନ.ଏ.):** କଟକରୁ ମୟୂରଭଞ୍ଜ ଯାଉଥିବା ଜୟଦୁର୍ଗା ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ନଂ.(ଓଡି-୦୫-ଇଉ-୨୧୭୪) ଶନିବାର ରାତି ପ୍ରାୟ ୧୦ଟା୩୦ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାତ୍ରୀକାଳୀନ ଏହି ବସ୍‌ଟି ୧୬ ନଂ. ଜାତୀୟ ରାଜପଥର ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଗଣ୍ଡି ଛକ ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାଜପଥର କଡ଼କୁ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ପ୍ରାୟ ୫୦ ଯାତ୍ରୀଙ୍କ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚଣ୍ଡିଖୋଲ ଦମକଳ ବାହିନୀ ଓ ବଡ଼ଚଣା ପୋଲିସ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପରେ କ୍ରେନ ସାହାଯ୍ୟରେ ବସକୁ ଉଠାଯାଇଛି।



ମାତୃ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# 'ପକ୍ଷୀ ସଂରକ୍ଷଣର ଅନୁପମ ଉଦାହରଣ ମଙ୍ଗଳାଯୋଡ଼ି'




## ପୁସ୍ତକ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି' ଉପରେ ଆଲୋଚନା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

ପକ୍ଷୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ମଙ୍ଗଳାଯୋଡ଼ିକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ 'ସଙ୍ଗ୍ ଅଫ୍ ଦି ୱାଇଲ୍ଡ' ସଂସ୍ଥା ଅଣ୍ଟା ଭିଡ଼ିଛି। ମଙ୍ଗଳାଯୋଡ଼ିର ପ୍ରଚାର ନିମନ୍ତେ ସଂସ୍ଥା ପକ୍ଷରୁ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି' ନାମକ ଏକ କଫି ଟେବୁଲ ପୁସ୍ତକ ପ୍ରସ୍ତୁତ କରାଯାଇଛି, ଯାହାକୁ ଗତ ଏପ୍ରିଲ ୨୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ବନ୍ୟପ୍ରାଣୀ ଫଟୋଗ୍ରାଫର ଅବିନାଶ ଖେମ୍‌କା ଓ ପଞ୍ଚମୀ ମନୁ ଉକିଲଙ୍କ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆଲୋଚନା ହୋଇଥିଲା। ଭାରତର ବିଶିଷ୍ଟ ପକ୍ଷୀ ବିଶେଷଜ୍ଞ ତଥା ଲେଖକ ବିକ୍ରମ ଗ୍ରେୱାଲ ଯୋଗଦେଇ କଫି ଟେବୁଲ ବହିର ପ୍ରଶଂସା କରିବା ସହିତ ମଙ୍ଗଳାଯୋଡ଼ି ପକ୍ଷୀ ସଂରକ୍ଷଣର ଏକ ଅନୁପମ ଉଦାହରଣ ବୋଲି କହିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଲେ, ଓଡ଼ିଶାରେ ପର୍ଯ୍ୟଟକଙ୍କ ପାଇଁ ଯେତିକି ବିବିଧତା ରହିଛି, ଅନ୍ୟ ରାଜ୍ୟରେ ସେତିକି ନାହିଁ। ଗ୍ରାମ୍ୟ ଗମନାଗମନରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି, ଯାହା ପର୍ଯ୍ୟଟନ ପାଇଁ ପ୍ରକୃଷ୍ଟ କ୍ଷେତ୍ର ତିଆରି କରିଛି। ଇକୋ ରିଟ୍ରିଟ୍ ମାଧ୍ୟମରେ ଓଡ଼ିଶାର ଅଜଣା ପର୍ଯ୍ୟଟନକୁ ଆଗକୁ ନିଆଯାଉଛି। ପିସିସିଏଫ୍ ଶିଶିର ରଥ କହିଲେ, ମଙ୍ଗଳାଯୋଡ଼ି ବହିରେ ଓଡ଼ିଶା ତଥା ଚିଲିକାର ଏକ ଅଂଶର ଅତ୍ୟନ୍ତ ସୁନ୍ଦର ଉପସ୍ଥାପନା କରାଯାଇଛି। ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ କହିଲେ, ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ଅଧିକ ପ୍ରଚାର ଓ ପ୍ରସାର କରିବା ପାଇଁ ସୁଯୋଗ ରହିଛି। ମଙ୍ଗଳାଯୋଡ଼ି ସେଥିରୁ ଗୋଟିଏ ମୁଖ୍ୟ ଆକର୍ଷଣ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଲେ, ମଙ୍ଗଳାଯୋଡ଼ିରେ ଯେଉଁମାନେ ସଂରକ୍ଷଣ କାର୍ଯ୍ୟର ପୃଷ୍ଠଭାଗରେ ରହିଛନ୍ତି, ସେମାନେ ସମ୍ମାନାସ୍ପଦ। ଆଉ ଗୋଟିଏ ଜନ୍ମ ପାଇଲେ ଫୋଟୋଗ୍ରାଫର ହେବି। ଭଲ ଲୋକମାନେ ମିଳିମିଶି କାମ କଲେ ଏଭଳି ଭଲ ସୃଷ୍ଟି ହୋଇପାରିବ। ଏହି କଫି ଟେବୁଲ ବହିକୁ ଓଡ଼ିଆ ଭାଷାରେ ଏକ ସ୍କୁଲ ସଂସ୍କରଣ ପ୍ରକାଶ କଲେ ଛାତ୍ରୀଛାତ୍ର ଉପକୃତ ହେବେ। ମୁଁ ଏବଂ ସୁସ୍ମିତା ପ୍ରଥମ ୫୦୦ କପି କିଣିବୁ ବୋଲି ବାଗ୍‌ଚୀ କହିଥିଲେ। ଫଟୋଗ୍ରାଫର ଅବିନାଶ କହିଲେ, ୨୦୧୮ରୁ ମୁଁ ଓଡ଼ିଶା ବାହାରକୁ ଫଟୋଗ୍ରାଫି ପାଇଁ ଯାଉନାହିଁ। କାରଣ ଓଡ଼ିଶାରେ ଅନେକ ସ୍ଥାନ, ସୁଯୋଗ ଓ ବିଷୟ ରହିଛି। ମୋର ଆଗାମୀ ବହି ଭିତରକନିକାକୁ ନେଇ ଲେଖାଯାଉଛି। ଏଥିପାଇଁ ସେ ବନ ବିଭାଗର ସହଯୋଗ ଲୋଡ଼ିଥିଲେ।

# ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ପ୍ରକଳ୍ପ ବନ୍ଦ କରାଯାଉ


ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ମୁଖପାତ୍ର ଅନିଲ ଧୀର ଶନିବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି।

## ଏସ୍‌ଏମ୍‌ଏସ୍‌ଏର ଦାବି

**ନୂଆଦିଲ୍ଲୀ,୭।୫(ପି.ଟି.)**

ପୁରୀରେ ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ପ୍ରକଳ୍ପ ନିର୍ମାଣ ଶ୍ରୀମନ୍ଦିରର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରିଥିବା ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ (ଏସ୍‌ଏମ୍‌ଏସ୍‌ଏ) ପକ୍ଷରୁ ଅଭିଯୋଗ ଅଣାଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସମସ୍ତ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହ ଏହାର ବିଜ୍ଞାନସମ୍ମତ ଆକଳନ ଲାଗି ବିଶେଷଜ୍ଞ କମିଟି ଗଠନ କରାଯାଉ ବୋଲି ବିଶ୍ୱ ହିନ୍ଦୁ ପରିଷଦ ସମର୍ଥିତ ଉକ୍ତ ସଂଗଠନ ଦାବି କରିଛି।

ନୂଆଦିଲ୍ଲୀରେ ଏନେଇ ଏସ୍‌ଏମ୍‌ଏସ୍‌ଏର ମୁଖପାତ୍ର ଅନିଲ ଧୀର୍ ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶା ସରକାର ପ୍ରାଚୀନ ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ତଥା ଅବଶେଷ ଆଇନ (ଏଏମ୍‌ଏଏସ୍‌ଆର୍‌ଏ)ର ଉଲ୍ଲଂଘନ କରି ଉକ୍ତ ପ୍ରକଳ୍ପ ନିର୍ମାଣ କରାଉଥିବାରୁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଶୁକ୍ରବାର ସଂଗଠନର ୫ ଜଣ ସଦସ୍ୟ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କ୍ରିଷ୍ଣା ରେଡ୍ଡୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଇନର ଉଲ୍ଲଂଘନ ହେବ ବୋଲି ସେମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଉକ୍ତ ପ୍ରତିନିଧି ଦଳ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ ଏବଂ ଜାତୀୟ କୀର୍ତ୍ତିରାଜି କର୍ତ୍ତୃପକ୍ଷ ଅଧ୍ୟକ୍ଷଙ୍କୁ ମଧ୍ୟ ଭେଟିଥିଲେ।

ଅନିଲ ଆହୁରି କହିଛନ୍ତି, ଶ୍ରୀମନ୍ଦିର ଏବେ ବିପଜ୍ଜନକ ସ୍ଥିତିରେ ରହିଛି। ଏଭଳି ସମୟରେ ବୈଜ୍ଞାନିକ ମୂଲ୍ୟାଙ୍କନ ନ କରି ପ୍ରକଳ୍ପ କାର୍ଯ୍ୟକାରୀ କରାଗଲେ ମନ୍ଦିରର ଢାଞ୍ଚାଗତ ସ୍ଥିରତାକୁ ପ୍ରଭାବିତ କରିବ, ଯାହା କି ବଡ଼ ବିପର୍ଯ୍ୟୟର କାରଣ ସାଜିପାରେ। ବିଶେଷଜ୍ଞ କମିଟି ମୂଲ୍ୟାଙ୍କନ ପରେ ପ୍ରକଳ୍ପ ଦ୍ୱାରା ମନ୍ଦିରର କିଛି କ୍ଷତି ହେବନାହିଁ ବୋଲି ମତ ଦେଲେ ରାଜ୍ୟ ସରକାର ଯୋଜନା ଆଗକୁ ବଢ଼ାଇଲେ ଅସୁବିଧା ନାହିଁ ବୋଲି ବୋଲି ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ କୁହାଯାଇଛି।

# ସରିଲା ମାଟ୍ରିକ ପରୀକ୍ଷା

## ଉତ୍ତର ପତ୍ର ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ: ବୋର୍ଡ ସଭାପତି

**କଟକ ଅଫିସ, ୭।୫**

ଚଳିତ ବର୍ଷର ମାଟ୍ରିକ ସମେଟିଭ-୨ ପରୀକ୍ଷା ଶନିବାର ଶେଷ ହୋଇଛି। ଶେଷଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ଥିବାବେଳେ ଏଥିରେ କପି କରି ୪୩ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ମୋଟ୍ ୧୫୬ ଜଣ କପି କରି ଧରାପଡ଼ିଛନ୍ତି। ଆସନ୍ତା ୧୦ ତାରିଖରେ ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଶେଷ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଥିବାବେଳେ ଖାତାଦେଖା ଆସନ୍ତା ୨୦ କିମ୍ବା ୨୧ ତାରିଖରୁ ଆରମ୍ଭ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷାରେ ପ୍ରାୟ ୪୬ ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ଚର୍ଚ୍ଚା ହେଉଛି । ପ୍ରକୃତରେ କେତେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ସେ ନେଇ ବୋର୍ଡ ପାଖରେ ତଥ୍ୟ ନାହିଁ ବୋଲି ହାଜରା କହିଛନ୍ତି। ଏଥିସହ ସେ କହିଛନ୍ତି, ପରୀକ୍ଷା ପରିଚାଳନା ଆମ କାମ,

### କପି କରି ଧରାପଡ଼ିଲେ ୧୫୬ ଛାତ୍ରୀଛାତ୍ର

ପିଲା ଫର୍ମ ପୂରଣ କଲେ ଆମେ ପରୀକ୍ଷା କରେଇବୁ। ପ୍ରକୃତରେ ସେ ଠିକ୍ ପିଲା କି ନୁହେଁ ତାହା ଯାଞ୍ଚ କରିବା ପାଇଁ ଆମର କୌଣସି ବ୍ୟବସ୍ଥା ନାହିଁ। ଯେଉଁମାନେ ଫର୍ମ ପୂରଣ କରିଥିଲେ ଆମେ ତାଙ୍କ ପାଇଁ ଆଡ୍‌ମିଟ କାର୍ଡ ଇସ୍ୟୁ କରିବା ସହ ପରୀକ୍ଷା ବନ୍ଦୋବସ୍ତ କରିଥିଲୁ। ତେବେ ପ୍ରକୃତରେ କେତେ ପିଲା ପରୀକ୍ଷା ଦେଇଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆଉ ଦିନେ ଦୁଇଦିନ ମଧ୍ୟରେ ଏନେଇ ସୂଚନା ମିଳିଯିବ। ନୋଡାଲ ସେଣ୍ଟରଗୁଡ଼ିକରୁ ଉତ୍ତର ଖାତା ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ। ଏ ନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା ହୋଇଛି। ଇଂଲିଶ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟରେ ପାଠ୍ୟକ୍ରମ ବାହାରୁ ପ୍ରଶ୍ନପତ୍ରକୁ ନେଇ ପରୀକ୍ଷାର୍ଥୀ କରୁଥିବା ଅଭିଯୋଗର ତର୍ଜମା କରାଯିବ। କେବଳ ଇଂଲିଶ ବିଷୟର କିଛି ପ୍ରଶ୍ନକୁ ନେଇ ତ୍ରୁଟି ଥିବା ଜଣାପଡ଼ିଛି ବୋଲି ହାଜରା କହିଛନ୍ତି।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

**କୁଚିଣ୍ଡା,୭।୫(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ତହସିଲର ଅତିରିକ୍ତ ତହସିଲଦାର ସାରଦା ମହାରଣା ଶନିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କଠାରୁ ପୋଖରୀ ଖନନରେ ବ୍ୟବହୃତ ଜବତ ଗାଡି ରିଲିଜ ପାଇଁ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୁଚିଣ୍ଡା ତହସିଲ ଅନ୍ତର୍ଗତ ଖଣ୍ଡୋକଟା ପଞ୍ଚାୟତ ଜୁନାନୀ ଗ୍ରାମର ଅଶୋକ ପଟେଲ ଫ୍ୟାକ୍ଟ୍ରିରୁ ନିର୍ଗତ ପାଉଁଶ ନିଜ ଜମିରେ ଜମା କରିବା ପାଇଁ ଏକ ପୋଖରୀ ଖୋଳୁଥିଲେ। ଅଭିଯୋଗ ପାଇ କୁଚିଣ୍ଡା ଅତିରିକ୍ତ ତହସିଲଦାର ମହାରଣା ପୋଖରୀ ଖନନରେ ବ୍ୟବହୃତ ଗାଡି ଜବତ କରି ରୟାଲଟି ଓ ପେନାଲ୍‌ଟି ବାବଦକୁ ୪୦ ଲକ୍ଷ ଟଙ୍କା ଦାବି କରିଥିବା ଅଶୋକ ଅଭିଯୋଗ କରିଛନ୍ତି। ପରେ ଜବତ ଗାଡି ରିଲିଜ କରିବାକୁ ଅତିରିକ୍ତ ତହସିଲଦାରଙ୍କ ସହ ୧ଲକ୍ଷ ୨୦ ହଜାର ଟଙ୍କାରେ ଫାଇନାଲ କରି ଅଶୋକ ସମ୍ବଲପୁର ଭିଜିଲାନ୍ସ ବିଭାଗର ସହାୟତା ନେଇଥିଲେ। ଶନିବାର ସନ୍ଧ୍ୟାରେ ତହସିଲ ଅଫିସ ପ୍ରକୋଷ୍ଠରେ ଅତିରିକ୍ତ ତହସିଲଦାର ଉକ୍ତ ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢାଉ କରି ଟଙ୍କା ଜବତ କରିଥିଲେ। ପରେ ଭିଜିଲାନ୍ସ ବିଭାଗ ଅତିରିକ୍ତ ତହସିଲଦାରଙ୍କ ସରକାରୀ ବାସଭବନରେ ଚଢାଉ କରି ୧ ଲକ୍ଷ ୮୨ ହଜାର ୬୧୦ଟଙ୍କା ସର୍ବମୋଟ ୩ ଲକ୍ଷ ୩ହଜାର ୬୧୦ଟଙ୍କା ଜବତ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ଟ୍ରକ୍ ଧକ୍କାରେ ଚାଲିଗଲା ବାପଝିଅଙ୍କ ଜୀବନ

**ସମ୍ବଲପୁର,୭।୫(ବ୍ୟୁରୋ)**

ସମ୍ବଲପୁର-ବରଗଡ ୫୩ନଂ. ଜାତୀୟ ରାଜପଥର ବୁର୍ଲା ଥାନା ବଇଜାମୁଣ୍ଡାଠାରେ ଶନିବାର ଏକ ସଡକ ଦୁର୍ଘଟଣା ଘଟି ବାପଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍କଳ ଭୁଏ (୪୦) ଓ ଝିଅ ଡିଲେଶ୍ୱରୀ (୧୯)। ଏଥିରେ ଡିଲେଶ୍ୱରୀଙ୍କ ସାଙ୍ଗ ନୂପୁର ଭୁଏ (୨୦) ଆହତ ହୋଇଛନ୍ତି। ଏମାନଙ୍କ ଘର ବରଗଡ ଜିଲା ଅତାବିରା ଥାନା ଆମଜୋର ଗ୍ରାମରେ ବୋଲି ଜଣାପଡିଛି। ଏସ୍‌ଏସ୍‌ଇ ମଲ୍ଟି ଟାସ୍କ ସିଷ୍ଟମ (ଏମ୍‌ଟିଏସ୍) ପ୍ରବେଶିକା ପରୀକ୍ଷା ଦେବାକୁ ସେମାନେ ଅତାବିରାରୁ ବାଇକ୍ (ଓଡି୧୭ଟି-୬୮୫୮)ରେ ସମ୍ବଲପୁର ଆସୁଥିଲେ। ବଇଜାମୁଣ୍ଡାଠାରେ ଏକ ଟ୍ରକ୍ (ଏମ୍‌ଏଚ୍୨୦ଇଜି-୯୪୯୬) ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା।

# ମାଓବାଦୀଙ୍କ ଟାର୍ଗେଟରେ ଛତିଶଗଡ଼ ମନ୍ତ୍ରୀ

## ମାଓବାଦୀ ସଙ୍ଗଠନ ପକ୍ଷରୁ ଚିଠି ଜାରି

**ମାଲକାନଗିରି,୭।୫ (ଡି.ଏନ୍.ଏ.)**

କଂଗ୍ରେସ ଶାସନାଧୀନ ଛତିଶଗଡ଼ର ମନ୍ତ୍ରୀ କବାସି ଲକ୍ଷ୍ମାଙ୍କ ବିରୋଧରେ ମାଓବାଦୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ପୁଞ୍ଜିପତିଙ୍କ ଇଙ୍ଗିତରେ ଚାଲିବା ସହ ଆଦିବାସୀଙ୍କ ସଂସ୍କୃତି ନଷ୍ଟକରି ଅନ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଛତିଶଗଡ଼ର ବସ୍ତର ଜିଲା ସାଉଥ୍ ସବ୍ ଜୋନାଲ ବ୍ୟୁରୋ ସଙ୍ଗଠନର ନୂଆ ମୁଖପାତ୍ର ସମ୍‌ତା କହିଛନ୍ତି। ମନ୍ତ୍ରୀ ଲକ୍ଷ୍ମାଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ତେବେ ମନ୍ତ୍ରୀ ନିଜର ଆଚରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଏହାର ଫଳ ଭୋଗିବେ ବୋଲି ଏକ ଚିଠିରେ ଚେତାବନୀ ଦେଇଛନ୍ତି।

# ରାସ୍ତାରେ ଗୁଆଘିଅ ଗୀତରେ ଡ୍ୟାନ୍ସ



**ଦିଗପହଣ୍ଡି, ୭।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକେଇ ଗ୍ରାମ ଶିବାନନ୍ଦ ହାଇସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀମାନେ ଶନିବାର ପରୀକ୍ଷା ସରିବା ପରେ ଖୁସିରେ ମତୁଆଲ ହୋଇ ବିଭିନ୍ନ ଓଡ଼ିଆ ଗୀତର ତାଳେ ତାଳେ ନାଚିଛନ୍ତି। ଶନିବାର ମାଟ୍ରିକ ପରୀକ୍ଷାର ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟ ଥିଲା। ପରୀକ୍ଷା ସରିବା ପରେ ଛାତ୍ରମାନେ ନିଜେ ଚାନ୍ଦା କରି ଡିଜେ ସାଉଣ୍ଡ ବାକ୍ସ ଲଗାଇ ରାସ୍ତାରେ 'ଗୁଆଘିଅ' ଗୀତର ତାଳେ ତାଳେ ଡ୍ୟାନ୍ସ କରି ଗ୍ରାମର ପ୍ରମୁଖ ସାହି ବସ୍ତି ପରିକ୍ରମା କରିଥିଲେ।

## ମାଟ୍ରିକ ପରୀକ୍ଷା ପରେ ଖୁସି ମନାଇଲେ ଛାତ୍ର

ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରୀକ୍ଷାର୍ଥୀମାନେ କେତେଜଣ ଅଣଛାତ୍ରଙ୍କ ସହ ସ୍କୁଲ ୟୁନିଫର୍ମ ପିନ୍ଧି ନାଚୁଥିଲେ। ଅନ୍ୟପଟେ ଗୋପାଳପୁର ଅଞ୍ଚଳର କେତେଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ସରିବା ପରେ ସିଧାସଳଖ ଗୋପାଳପୁର ସମୁଦ୍ରରେ ପହଞ୍ଚି ବିପଦସଙ୍କୁଳ ସ୍ନାନ କରୁଥିବା ଭିଡିଓ ଭାଇରାଲ ହୋଇଛି।


## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧

ପତ୍ର ସଂଖ୍ୟା: 2840

### ନିଲାମ ଇସ୍ତାହାର

ତା: 7.5.2022

**No.C-229:-** ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada ଜରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ଼ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

**ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା**

OIPR-13078/11/0007/2223


## ପ୍ରଥମ ପୃଷ୍ଠାରୁ...

### ହାଣ୍ଡିଶାଳରେ...

ସିଲିଣ୍ଡର ପିଛା ଦର ମୁମ୍ବାଇରେ ୯୯୯.୫୦ ଟଙ୍କା ହୋଇଥିବାବେଳେ ଚେନ୍ନାଇ ଏବଂ କୋଲକାତାରେ ଯଥାକ୍ରମେ ୧,୦୧୫.୫୦ ଟଙ୍କା ଓ ୧,୦୨୬ ଟଙ୍କାରେ ପହଞ୍ଚିଛି। ଗତବର୍ଷ ଏପ୍ରିଲ ପରଠାରୁ ଦେଶରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି। ଅନ୍ୟପକ୍ଷେ ମେ' ୧ ତାରିଖରେ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡରରେ ୧୦୨ ଟଙ୍କା ବୃଦ୍ଧି କରାଯାଇଥିଲା। ଏହି ବୃଦ୍ଧି ସହ ଦିଲ୍ଲୀରେ ସିଲିଣ୍ଡର ପ୍ରତି ୨,୩୫୫.୫୦ ଟଙ୍କା ହୋଇଥିଲା। ସେହିପରି ୫ କେ.ଜି.ର ଏଲ୍‌ପିଜି କମର୍ସିଆଲ ସିଲିଣ୍ଡର ଦର ମଧ୍ୟ ୬୫୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପଛର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମହଙ୍ଗା ହେବା। ଗତ ମାର୍ଚ୍ଚରେ ଏହା ୧୩ ବର୍ଷର ରେକର୍ଡ ଭାଙ୍ଗି ୧୪୦ ଡଲାରରେ ପହଞ୍ଚିଥିଲା। ଶନିବାର ବ୍ରେଣ୍ଟ ବ୍ୟାରେଲ ପିଛା ୧୦୯.୭୭ ଡଲାର ରହିଛି। ସେହିପରି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏବେ ପ୍ରତି ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୭ ଟଙ୍କା ରହିଛି। ଭାରତ ନିଜର ୮୫% ତୈଳ ଆବଶ୍ୟକତା ପୂରଣ ପାଇଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭର କରିଥାଏ। ତେଣୁ ଡଲାରରେ କିଣିବା ଭାରତକୁ ମହଙ୍ଗା ପଡୁଛି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ହେଉଛି ସାମାଜିକ ଅନ୍ତର୍ଭୁକ୍ତୀକରଣ ଦିଗରେ ଏକ ପଦକ୍ଷେପ, ଯହିଁରେ ପ୍ରତ୍ୟେକ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ପରିବାରର ମହିଳାଙ୍କୁ ମାଗଣାରେ ଏଲ୍‌ପିଜି ସଂଯୋଗ ଦିଆଯାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ମେ' ୧ରେ ଉତ୍ତର ପ୍ରଦେଶର ବାଲିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ତୁ ଏହି ଯୋଜନାରେ ମାଗଣାରେ ସିଲିଣ୍ଡର ପାଉଥିବା ପରିବାରଗୁଡ଼ିକ ନିଜ ଅର୍ଥରେ ଫିଲିଂ କରାଇଥାଆନ୍ତି। ଏଲ୍‌ପିଜି ଦର କ୍ରମାଗତ ବୃଦ୍ଧି ହେଉଥିବାରୁ ଅନେକ ଅସ୍ୱଚ୍ଛଳ ପରିବାର ଅର୍ଥାଭାବ ଯୋଗୁ ରିଫିଲିଂ କରିବାକୁ ମନା କରୁଥିବା ଦେଖିବାକୁ ମିଳୁଛି।

### ସୁପ୍ରିମକୋର୍ଟରେ ୨...

ହାଇକୋର୍ଟର ମୁଖ୍ୟ ବିଚାରପତି ସୁଧାଂଶୁ ଧୁଲିଆ ଏବଂ ଗୁଜରାଟ ହାଇକୋର୍ଟ ବିଚାରପତି ଜଷ୍ଟିସ ଜାମସେଦ ବି. ପର୍ଡିୱାଲାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବା ଲାଗି ସୁପାରିସ କରିଥିଲେ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶନିବାର ଦୁଇଟି ଭିନ୍ନ ବିଜ୍ଞପ୍ତି ଜରିଆରେ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଛି। ସେମାନେ ଶପଥ ଗ୍ରହଣ କରିବା ପରେ ସୁପ୍ରିମକୋର୍ଟ ମଞ୍ଜୁରୀପ୍ରାପ୍ତ ପୂର୍ଣ୍ଣ କ୍ଷମତା ହାସଲ କରିବ। ସର୍ବୋଚ୍ଚ ଅଦାଲତକୁ ଯିବାରେ ଜଷ୍ଟିସ୍ ପର୍ଡିୱାଲା ହେଉଛନ୍ତି ପାର୍ସି ସମ୍ପ୍ରଦାୟର ଚତୁର୍ଥ ବିଚାରପତି। ସେହିପରି ଜଷ୍ଟିସ୍ ଧୁଲିଆ ଉତ୍ତରାଖଣ୍ଡରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବାରେ ଦ୍ୱିତୀୟ ବିଚାରପତି। ସେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ତିଗ୍‌ମାଂଶୁ ଧୁଲିଆଙ୍କ ଭାଇ। ତାଙ୍କର କାର୍ଯ୍ୟକାଳ ଆଉ ୩ ବର୍ଷ ରହିଛି। ଗତ ଜାନୁୟାରୀ ୪ରେ ଜଷ୍ଟିସ୍ ଆର୍. ସୁଭାଷ ରେଡ୍ଡୀଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତ ବିଚାରପତି ସଂଖ୍ୟା ୩୨କୁ ହ୍ରାସ ପାଇଥିଲା। ଉତ୍ତରାଖଣ୍ଡର ପୌରୀ ଗରୱାଲ ଜିଲା ଅନ୍ତର୍ଗତ ମଦନପୁରରେ ୧୯୬୦ ଅଗଷ୍ଟ ୧୦ରେ ଜନ୍ମିତ ଜଷ୍ଟିସ ଧୁଲିଆ ୧୯୮୬ରେ ଆଲ୍ଲାହାବାଦ ହାଇକୋର୍ଟ ବାର୍‌ରୁ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ସେହିପରି ୧୯୬୫ ଅଗଷ୍ଟ ୧୨ରେ ଜନ୍ମିତ ଜଷ୍ଟିସ ପର୍ଡିୱାଲା ୧୯୯୦ରେ ଗୁଜରାଟ ହାଇକୋର୍ଟରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ରମନା ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ସୁପ୍ରିମକୋର୍ଟରେ ୯ ଏବଂ ବିଭିନ୍ନ ହାଇକୋର୍ଟରେ ୬୦୦ ବିଚାରପତି ପଦବୀ ଖାଲି ପଡ଼ିଥିଲା।

### ଋଣଭାର: ମା', ପୁଅଙ୍କ...

ଆଣିଥିଲେ। ଦୀର୍ଘ ଦିନ ହେଲା ତାହା ଶୁଝିପାରୁ ନ ଥିବାରୁ ଧାର ଦେଇଥିବା ଲୋକଙ୍କଠାରୁ ଅନେକ ଅପମାନ ଶୁଣିବାକୁ ପଡୁଥିଲା। ପରେ ରଜନୀ ଟଙ୍କା ଧାର କରି ଝିଅର ବାହାଘର ମଧ୍ୟ କରିଥିଲେ। ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରିଥିବାବେଳେ ଲୋକେ ବାରମ୍ବାର ଟଙ୍କା ମାଗୁଥିଲେ। ଏମିତିକି ଋଣ ଦେଇଥିବା ବ୍ୟକ୍ତି କିଛିଦିନ ତଳେ ଘରେ ତାଲା ମଧ୍ୟ ପକାଇ ଦେଇଥିଲେ। ମା', ପୁଅଙ୍କୁ ଘର ବାହାରେ ରହିବାକୁ ପଡ଼ିଥିଲା। ପୋଲିସର ହସ୍ତକ୍ଷେପରେ ତାଲା ଖୋଲିଥିଲା। ଝିଅ ଏବଂ ଜ୍ୱାଇଁଙ୍କଠାରୁ ସୁନା ଆଣି ବିକ୍ରି କରି କିଛି ଋଣ ପରିଶୋଧ କରିଥିଲେ। ପରବର୍ତ୍ତୀ ସମୟରେ ଝିଅ ଏବଂ ଜ୍ୱାଇଁ ମଧ୍ୟ ସୁନା ଫେରାଇବାକୁ କହିଥିଲେ। ସୁନା ବଦଳରେ ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ଉଭୟଙ୍କ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହା ଉଭୟ ମା' ଓ ପୁଅଙ୍କୁ କଷ୍ଟ ଦେଇଥିଲା। ଟଙ୍କା ଫେରାଇବା ପାଇଁ ରଜନୀ ଏବଂ ଶ୍ୟାମ୍ ମାନସିକ ଚାପରେ ଥିଲେ ବୋଲି ସାହି ଲୋକେ କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ଶୁକ୍ରବାର ରାତିରେ ଦୁହେଁ ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସେମାନେ ଅନୁମାନ କରୁଛନ୍ତି। ଏମିତିକି ଶ୍ୟାମ୍ ଆଇପିଏଲ୍ ବେଟିଂରେ ମଧ୍ୟ ଟଙ୍କା ହରାଇଥିବା କୁହାଯାଉଛି। କୀଟନାଶକ ପିଇବା ଜାଣି ସାହି ଲୋକେ ଉଭୟଙ୍କୁ ପ୍ରଥମେ ଜେମାଦେଈପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ହିଁ ଶ୍ୟାମ୍‌ଙ୍କ ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ମା' ରଜନୀଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଖବର ପାଇ ଶେଷଖାଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଋଣଭାର ଯୋଗୁ ଦୁହେଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା କୁହାଯାଇଛି।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧି, ତେଜିଲା ଅସନ୍ତୋଷ







ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ନେଇ କଟକ କଲେଜ ଛକରେ ଏସ୍‌ୟୁସିଆଇ(ସି)ର ବିକ୍ଷୋଭ। ଭୁବନେଶ୍ୱର ରାଜଭବନ ସମ୍ମୁଖରେ ସମାଜବାଦୀ ପାର୍ଟି ରାଜ୍ୟ କମିଟି ପକ୍ଷରୁ ପ୍ରତିବାଦ କରାଯାଉଛି।

ଭୁବନେଶ୍ୱର, ୭।୫ (ବ୍ୟୁରୋ)

ଅତ୍ୟାବଶ୍ୟକ ସାମଗ୍ରୀର ଲଗାତର ଦରବୃଦ୍ଧି ସାଧାରଣ ଲୋକଙ୍କୁ ଛଟପଟ କରୁଛି। ପେଟ୍ରୋଲ୍‌ଠାରୁ ଆରମ୍ଭ କରି ଖାଇବା ତେଲ, ଡାଲି, ଚାଉଳ ପର୍ଯ୍ୟନ୍ତ ସବୁକିଛିର ଅତ୍ୟଧିକ ଦର ବିଶେଷକରି ଗରିବ, ମଧ୍ୟବିତ୍ତ ପରିବାରର ଅଣ୍ଟା ଭାଙ୍ଗି ଦେଇଛି। ଏଭଳି ସ୍ଥଳେ ଏଲ୍‌ପିଜି ଗ୍ୟାସ୍‌ର ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଶନିବାର ଗୋଟିଏ ଦିନରେ ୫୦ଟଙ୍କା ଦାମ୍ ବଢିବା ପରେ ୧୪.୨ କେଜିର ଗ୍ୟାସ ସିଲିଣ୍ଡର ଦାମ ୧ ହଜାର ଟଙ୍କା ପାର୍ କରିଛି। ଫଳରେ ଗ୍ରାହକଙ୍କୁ ଏବେ ୧ ହଜାର ୨୬ଟଙ୍କା ଦେବାକୁ ପଡିବ। ଏହି ଦରବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡିଥିବାବେଳେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଦରବୃଦ୍ଧି ପ୍ରତିବାଦରେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ସମାଜବାଦୀ ପାର୍ଟି ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱରର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ସୁଦର୍ଶନ ପ୍ରଧାନ, ନାରୀନେତ୍ରୀ ରୀତା ପଟ୍ଟନାୟକ ଓ ବିଜୟ ବେହେରାଙ୍କୁ ନେଇ ଏକ ପ୍ରତିନିଧି ଦଳ କେନ୍ଦ୍ରସରକାରଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏସ୍‌ୟୁସିଆଇ(ସି) ଜିଲା କମିଟି ସମ୍ପାଦକ ବିଶ୍ୱାବସୁ ଦାସ କହିଛନ୍ତି, ଦରଦାମ୍ ହ୍ରାସ ଦିଗରେ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଶକ୍ତିଶାଳୀ ଗଣ ଆନ୍ଦୋଳନ ସଙ୍ଗଠିତ କରାଯିବ।

### ବଞ୍ଚିବା କଷ୍ଟକର ହୋଇ ପଡ଼ିଲାଣି



ଗ୍ୟାସ୍ ଦରବୃଦ୍ଧି ଭାରି ବାଧୁଛି। ପନିପରିବାଠାରୁ ଆରମ୍ଭ କରି ରାଶନ ସାମଗ୍ରୀ ସବୁକିଛିର ଦାମ୍ ହୁ ହୁ ହୋଇ ବଢି ଚାଲିଥିବାବେଳେ ଏବେ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢିଛି। ଆମ ଭଳି ମଧ୍ୟବିତ୍ତ ପରିବାରର ସ୍ୱଳ୍ପ ଆୟରେ ଘରଭଡ଼ା, ପିଲାଙ୍କ ପାଠପଢା, ଘରଖର୍ଚ୍ଚ ସହ ରୋଷେଇ ଖର୍ଚ୍ଚ ତୁଲାଇବାକୁ ପଡୁଛି। ସରକାର ଯଦି ବାରମ୍ବାର ଏଭଳି ଦରବୃଦ୍ଧି କରି ଚାଲିବେ ତେବେ ଆମ ଭଳି ଲୋକ ଚଳିବା ଓ ବଞ୍ଚିବା କଷ୍ଟକର ହୋଇଯିବ।

–ଅଙ୍କିତା ବେହେରା, ଗୃହିଣୀ

### ସରକାର ସାଧାରଣ ଲୋକଙ୍କୁ ଶୋଷୁଛନ୍ତି

ସରକାର ସାଧାରଣ ଲୋକଙ୍କୁ ଶୋଷି ଚାଲିଛନ୍ତି। ଏଭଳି ସାମଗ୍ରୀର ଦର ବୃଦ୍ଧି କରୁଛନ୍ତି, ଯାହା ଗରିବଙ୍କଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ଆବଶ୍ୟକ। ଖାଦ୍ୟ ସାମଗ୍ରୀ ପରେ ଏବେ ଗୃହିଣୀଙ୍କୁ ଗ୍ୟାସ୍ ଚିନ୍ତା ଘାରିଲାଣି। ରୋଷେଇରେ ମାସକୁ ମୋର ଗୋଟେ ସିଲିଣ୍ଡର ଦରକାର ପଡୁଛି। ଗ୍ୟାସ୍ ଡେଲିଭରି କରିବାକୁ ଆସୁଥିବା ଲୋକ ବି ୨୦ରୁ ୩୦ଟଙ୍କା ନେଉଛନ୍ତି। ଏହାକୁ ମିଶାଇଲେ ଗୋଟେ ୧୪.୨ କେଜିର ସିଲିଣ୍ଡର ପିଛା ପ୍ରାୟ ୧ ହଜାର ୫୬ଟଙ୍କା ପଡିଲା। ଏହାବାଦ୍ ଘରଭଡ଼ା, ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ଏଭଳି ଦରବୃଦ୍ଧି ଜାରି ରହିଲେ ଆର୍ଥିକ ସଙ୍କଟ ଲାଗି ରହିବ।



–ସାଲୁ ସେଠୀ, ଗୃହିଣୀ

### ପ୍ରଧାନମନ୍ତ୍ରୀ ହନ୍ତସନ୍ତ କରୁଛନ୍ତି, ରାଜ୍ୟ ସରକାର ନିଦାବିଷ୍ଟୁ ସାଜିଛନ୍ତି



ଆଜି ଆଳୁ ଦର ବଢିଲାଣି ତ କାଲି ଟମାଟୋ, ତା'ପରଦିନ ଖାଇବା ତେଲ। ସରକାର ଜାଣିଶୁଣି ନିତ୍ୟବ୍ୟବହାର୍ଯ୍ୟ ଜିନିଷରେ ଦରବୃଦ୍ଧି କରୁଛନ୍ତି। ସ୍ୱଳ୍ପ ରୋଜଗାର କରୁଥିବା ଜଣେ ବ୍ୟକ୍ତି ଭୁବନେଶ୍ୱର ଭଳି ସହରରେ କେମିତି ନିଜ ପରିବାର ନେଇ ଚଳିବ ତାହା କେବେ କୌଣସି ସରକାର ଚିନ୍ତା କରୁନାହାନ୍ତି। ପ୍ରଧାନମନ୍ତ୍ରୀ ଅଚ୍ଛେ ଦିନ ଆଣିବାକୁ କହି ଜନସାଧାରଣଙ୍କୁ ହନ୍ତସନ୍ତ କରି ଚାଲିଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ସବୁ ଦେଖି ନିଦାବିଷ୍ଟୁ ପାଲଟିଛନ୍ତି।

–ରୋଜାଲିନ ସାହୁ, ଗୃହିଣୀ

### ଖର୍ଚ୍ଚ କାଟ୍‌ଛାଣ୍ଟ କରିବାକୁ ଚିନ୍ତା କରୁଛି



ସହରରେ ରୋଷେଇ ପାଇଁ ଗ୍ୟାସ୍ ଛଡା ଆଉକିଛି ବିକଳ୍ପ ନାହିଁ। ଦୁଇବେଳା ରୋଷେଇ ସାଙ୍ଗକୁ ବଡ଼ ପରିବାର ହୋଇଥିବାରୁ ମନ ପସନ୍ଦର ଖାଦ୍ୟ ରାନ୍ଧିବା ପାଇଁ କେହି କେହି ଫରମାଇସ୍ କରିଥାନ୍ତି। ତେଣୁ ଗୋଟେ ସିଲିଣ୍ଡର ମୋର ମାସେ ଠାରୁ କମ୍ ଦିନ ଯାଏ। ଗ୍ୟାସ୍ ଦର ଏବେ ହଜାରେ ଟଙ୍କା ପାର୍ କରିଥିବାରୁ କେମିତି ଖର୍ଚ୍ଚ କାଟ୍‌ଛାଣ୍ଟ କରିବି ସେ ନେଇ ଚିନ୍ତିତ ଅଛି। ସୀମିତ ଟଙ୍କାରେ ପିଲାଙ୍କ ପାଠପଢ଼ା, ମାସିକିଆ ସଉଦା, ଔଷଧପତ୍ର, ଅନ୍ୟାନ୍ୟ ଖର୍ଚ୍ଚକୁ ନେଇ ଘର ଚଳାଇବା କଷ୍ଟକର ହୋଇପଡିଲାଣି।

–ମାମା ବେହେରା, ଗୃହିଣୀ




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭ



@ ବିଜୟ



@ ଆଦିତ୍ୟ



@ ସୁଶାନ୍ତ



@ ମନ



@ ସୁଦୀପ୍ତ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୫।୨୦୨୨

| | |
|---|---|
| ୪,୦୧, ୭୧୫ ଟଙ୍କା | |
| ସୁନା | ୨୨୦ ମିଲି ଗ୍ରାମ୍ |
| ରୁପା | ୪.୫୦୦ ଗ୍ରାମ୍ |

## ହ୍ରିଷିତା ଅମାୟରା ମିସ୍, ଶ୍ରୀୟା ମିସେସ୍ ଇଣ୍ଡିଆ

ପୁରୀ ଅଫିସ, ୭।୫

ଇଣ୍ଡିଆନ୍ ବିୟୁଟି କାଉନସିଲ୍ ପକ୍ଷରୁ ପୁରୀ ପାନ୍ଥନିବାସରେ ଅମାୟରା ମିସ୍ ଇଣ୍ଡିଆ ଏବଂ ଆମ୍ୟାରା ମିସେସ୍ ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମବଙ୍ଗର ହ୍ରିଷିତା ସରକାର ପ୍ରଥମ ସ୍ଥାନ ଅଧିକାର କରି ଅମାୟରା ମିସ୍ ଇଣ୍ଡିଆ ଟାଇଟଲ ଜିତିଛନ୍ତି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୫ଟି ରାଜ୍ୟରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ହ୍ରିଷିତା ଅନ୍ୟମାନଙ୍କୁ ପଛରେ ପକାଇ ଟାଇଟଲ ଜିତିବା ସହ ମାନପତ୍ର ଏବଂ ନଗଦ ୫୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ସେହିପରି ଓଡ଼ିଶାର ଶ୍ରୀୟା କୁମୁଦ ଅମାୟରା ମିସେସ୍ ଇଣ୍ଡିଆ ବିଜେତା ହୋଇଛନ୍ତି। ଟାଇଟଲ ସହ ତାଙ୍କୁ ମାନପତ୍ର ଏବଂ ନଗଦ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟ ବିଜେତାମାନଙ୍କ ମଧ୍ୟରେ ଆସାମର ଭାୟୋଲିନା ବୋରୋ ପ୍ରଥମ ରନର୍ସଅପ୍ ଏବଂ ଓଡ଼ିଶାର ଆକାଂକ୍ଷା ପଟେଲ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ସେହିପରି ମିସେସ୍ ଇଣ୍ଡିଆ ଭାବେ ଝାଡ଼ଖଣ୍ଡର ସ୍ୱାତୀ ସିଂ ପ୍ରଥମ ଏବଂ ମହାରାଷ୍ଟ୍ରର ଅଞ୍ଜଳି ଶର୍ମା ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ସିମରନ୍ ଅଗ୍ରୱାଲ ସର୍ବୋତ୍ତମ ପ୍ରତିଭା, ବି. ଶ୍ରାବଣୀ ସର୍ବୋତ୍ତମ ହସ, ପିଙ୍କି ସେନଗୁପ୍ତା ସର୍ବୋତ୍ତମ ଆଖି, ରିକ୍ଷିତା ସାର୍କ କ୍ୟାଟୱାଲ, ତ୍ରୁପ୍ତି ୱେଡ୍ ଉତ୍ତମ ବ୍ୟକ୍ତିତ୍ୱ, ମାହେଶ୍ୱରୀ ସାନିଆଲ୍ ଉତ୍ତମ ମନୋଭାବ, ୟାସୁ ସୋନି ଉତ୍ତମ ପୋଷାକ, ଅଙ୍କିତା ତ୍ରିଲାଥୀ ସର୍ବୋତ୍ତମ କେଶ, ମନୀଷା କିରଣ ଫଟୋଜେନିକ୍ ଭାବେ ଯୋଗ୍ୟ ବିବେଚିତ ହୋଇ ପୁରସ୍କାର ପାଇଛନ୍ତି। ଅତିଥି ଓ ବିଚାରକ ଭାବେ ଆମେରିକାର କ୍ରିଷ୍ଟି ଜୁଡ଼ି, ଇଂଲଣ୍ଡର ମଞ୍ଜୁ ୱରାଙ୍କ ସମେତ ଶିଳା ପଟ୍ଟନାୟକ, ସ୍ନେହା ଚଟୱାନୀ, ସୌରଭ ତେଲୋରେ ଏବଂ ଏକତା ବାଘାରିଆ ଯୋଗଦେଇଥିଲେ। ପ୍ରତିଷ୍ଠାତା ନିର୍ଦ୍ଦେଶିକା ମିନତୀ ସାହୁ, ସ୍ନେହଲତା ତ୍ରିପାଠୀ ଏବଂ ସୁଚିସ୍ମିତା ଷଡ଼ଙ୍ଗୀ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ ମିଡିଆ ସଂଯୋଜକ ଥିଲେ।



ଟାଇଟଲ ଜିତିଥିବା ପଶ୍ଚିମବଙ୍ଗର ହ୍ରିଷିତା ସରକାର ଏବଂ ଓଡ଼ିଶାର ଶ୍ରୀୟା କୁମୁଦ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ରେଡ୍‌କ୍ରସ ଦିବସ ତଥା ରେଡ୍‌କ୍ରସର ପ୍ରତିଷ୍ଠାତା ଜାଁ ହେନେରୀ ଡୁନାଙ୍କ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରେଡ୍‌କ୍ରସ ଭବନ ପରିସର, ପୂର୍ବାହ୍ନ ୯ଟା।
- ବିଶ୍ୱ ମାତୃ ଦିବସ ଅବସରରେ ବସୁଧାମାତା ସମ୍ମାନ ସମାରୋହ-୨୦୨୨, ସୂଚନା ଭବନ, ପୂର୍ବାହ୍ନ ୯ଟା ୩୦।
- ହରେନ୍ଦ୍ର ନାରାୟଣ ଦାସଙ୍କ ଦ୍ୱାରା ରଚିତ ପୁସ୍ତକ 'ଅନାମିକା' ଉନ୍ମୋଚନ ଉତ୍ସବ, ପାନ୍ଥ ନିବାସ, କଳ୍ପନା ଛକ, ଅପରାହ୍ନ ୫ଟା।
- ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀର ଡ୍ୟାନ୍ସ ଏ ମ୍ୟୁଜିକ ଉତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ସନ୍ଧ୍ୟା ୬ଟା।
- ନୃତ୍ୟରଚନା ପକ୍ଷରୁ ୫ମ ଗୁରୁ ଦେବପ୍ରସାଦ ଦାଶ ସମ୍ମାନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ, ବାଳାଶ୍ରମ, ଖପୁରିଆ, ପୂର୍ବାହ୍ନ ୯ଟା।
- ଅଭୀପ୍ସାର ରୌପ୍ୟ ଜୟନ୍ତୀ ସମାରୋହ, ଶତାବ୍ଦୀ ଭବନ, ଟାଉନ ହଲ୍ ରୋଡ୍, ପୂର୍ବାହ୍ନ ୧୦ଟା।
- ଗଡ୍ ଇଜ୍ ୱାନର ପ୍ରତିଷ୍ଠା ଦିବସ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୦ଟା।
- ଦୟାସାଗର ବିଦ୍ୟାମନ୍ଦିର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ପୁରସ୍କାର ଦିବସ, ମହାନଦୀ ଭବନ, ମହାନଦୀ ବିହାର, ଅପରାହ୍ନ ୫ଟା।

**ଖୋର୍ଦ୍ଧା**

- ଖୋର୍ଦ୍ଧା ଅଞ୍ଜୁମାନ ଇସଲାମିଆ ଓ ନାଗରିକ ମଞ୍ଚ ପକ୍ଷରୁ ଇଦ୍ ମିଳନ କାର୍ଯ୍ୟକ୍ରମ, ଟାଉନ ହଲ୍, ଅପରାହ୍ନ ୫ଟା।

## ଆଜି ଅନ୍ତର୍ଜାତୀୟ ମାତୃ ଦିବସ

# ଦୁନିଆର ସବୁଠୁ ଆପଣାର

ମା'। ଯାହାର ମମତାକୁ ମାପି ହୁଏନା। ସନ୍ତାନ ପାଇଁ ସେ ଦୁର୍ଭେଦ୍ୟ ବଳୟ। ନିଷ୍କାମ ଶ୍ରଦ୍ଧାର ମୂର୍ତ୍ତିମନ୍ତ ବିଗ୍ରହ। ଦୁନିଆର ସିଏ ସବୁଠୁ ଆପଣାର। ଯେତେ ଉପମା ଦେଲେ ବି ତା' ପାଇଁ ଶବ୍ଦ ହୁଏ ନିଅଣ୍ଟ। ସେଇ ମମତାମୟୀ ମା' ଲାଗି ମେ' ମାସ ୨ୟ ରବିବାରକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ମାତୃ ଦିବସ ଭାବେ ପାଳିତ ହେଉଛି। ଦିନଟିଏ ନୁହେଁ, ସବୁଦିନ ହେଉ ମାତୃଦିବସ। ଏହି ଅବସରରେ ମା'ଙ୍କୁ ନେଇ ସେଲିବ୍ରିଟିଙ୍କ କେଇପଦ ଅଭୁଲା କଥା।

### ମା'ଙ୍କ ସହ ବିତିଥିବା ପ୍ରତି ମୁହୂର୍ତ୍ତ ସ୍ମରଣୀୟ

କେବଳ ଗୋଟିଏ ଦିନ ନୁହେଁ, ପ୍ରତ୍ୟେକ ଦିନ ମାତୃ ଦିବସ। ମା'ଙ୍କ ପାଇଁ ହିଁ ସମସ୍ତେ ଏହି ଦୁନିଆକୁ ଆସିଛନ୍ତି। ଯେତେ ରାଗ, ରୁଷା, ଅଭିମାନ ଥିଲେ ବି ମା' ହିଁ ଜଣେ, ଯିଏ ଆମର ଯତ୍ନ ନିଏ ଓ ସବୁକଥା ବୁଝିଥାଏ। ଆଉକେହି ବି ମା' ପରି ନୁହେଁ। ମା' ନ ଥିଲେ ଦୁନିଆ ନାହିଁ ଓ ସବୁରି ମୂଳରେ ମା'। ଯେତେ କହିଲେ ବି ମା' ବିଷୟରେ କହିବା ଅବର୍ଣ୍ଣନୀୟ। ମୋ ମା' କଳ୍ପନା ଦାସଙ୍କ ସହ ବିତିଯାଇଥିବା ପ୍ରତି ମୁହୂର୍ତ୍ତ ମୋ ପାଇଁ ସ୍ମରଣୀୟ ଓ ସ୍ୱତନ୍ତ୍ର।

–ସ୍ୱରାଜ ବାରିକ, ଅଭିନେତା



### ଆମେ ଦୁଇଜଣ ଭଲ ସାଙ୍ଗ



ମା'ର ସ୍ଥାନ ସବୁଠୁ ସ୍ୱତନ୍ତ୍ର। ମା' ଝିଅର ସମ୍ପର୍କଠାରୁ ଆମେ ଦୁଇଜଣ ବହୁତ ଭଲ ସାଙ୍ଗ। ମୋର ସବୁ ସମସ୍ୟାରେ ସମାଧାନର ବାଟ ଦେଖାଇଥାନ୍ତି ମୋ ମା'। ସାନ ଭଉଣୀ, ମା' ଓ ମୁଁ ସବୁବେଳେ ମଜାମସ୍ତି, ବୁଲିବା ସହ ଅନେକ ମୂହୁର୍ତ୍ତ କାଟିଛୁ। ଆମ ପାଇଁ ସବୁଦିନ ସ୍ମରଣୀୟ। ଆମେ ଦୁଇଜଣ ଏକା ସାଙ୍ଗେ ବହୁତଥର ବିଦେଶ ଯାତ୍ରା କରିଛୁ। ଏୟାରପୋର୍ଟ ହେଉ କି ଡିଜିଟାଲ କ୍ୟାମ୍ପ, ସବୁଠି ମା'ଙ୍କ ସହ ମଜା ନେଇଛି। ମୋ ମା' ବୈଜୟନ୍ତୀ ମିଶ୍ର ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା ଓ ଭଲ ଗୃହିଣୀ ମଧ୍ୟ।

–ଶିବାନୀ ସଙ୍ଗୀତା, ଅଭିନେତ୍ରୀ

### ବୋଉ ମୋ ପାଇଁ ସବୁକିଛି



ମୋ ବୋଉ ହରପ୍ରିୟା ଆଚାର୍ଯ୍ୟ ମୋ ପାଇଁ ସବୁକିଛି। ତା' କରଜ କେବେ ଶୁଝି ହେବ ନାହିଁ। ତା'ଠୁ ସବୁକିଛି ଆରମ୍ଭ। ସବୁ ପରିସ୍ଥିତି, ସବୁ ସମୟରେ ଜିଇଁବା ତା'ଠୁ ଶିଖୁ। ତା'ର କୌଣସି ବିକଳ୍ପ ନାହିଁ। ବୋଉଙ୍କ ସହ ମୋର ସବୁ ମୂହୁର୍ତ୍ତ ସ୍ୱତନ୍ତ୍ର। ବିଶେଷକରି ବୋଉ ବାପାଙ୍କ ବିବାହ ବାର୍ଷିକୀ ମୋତେ ସବୁଠୁ ଅଧିକ ଖୁସି ଦେଇଥାଏ।

–ସମ୍ବିତ ଆଚାର୍ଯ୍ୟ, ଅଭିନେତା

### ଭଗବାନଙ୍କ ଶ୍ରେଷ୍ଠ ସୃଷ୍ଟି ମା'



ଭଗବାନଙ୍କର ସ୍ୱତନ୍ତ୍ର ଓ ଶ୍ରେଷ୍ଠ ସୃଷ୍ଟି ମା'। ଆଉ କିଛି ବୋଧେ ତା'ଠାରୁ ଭଲ ଭଗବାନ ସୃଷ୍ଟି କରିପାରି ନ ଥାନ୍ତେ। ମୋ ମାମା ସ୍ୱର୍ଣ୍ଣଲତା ମିଶ୍ର ମୋ ପାଇଁ ଶ୍ରେଷ୍ଠ। ତାଙ୍କଠାରୁ ମୁଁ ସବୁକିଛି ଶିଖିଛି। ସେ ଜଣେ ବ୍ୟାଙ୍କ କର୍ମଚାରୀ। ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନକୁ କିପରି ପରିଚାଳନା କରିହୁଏ ତାହା ତାଙ୍କଠାରୁ ଶିଖିଛି। ମୋ ଜୀବନର କିଛି ବି ସମସ୍ୟା ହେଲେ ମୁଁ କହିବା ଆଗରୁ ସେ ସବୁକିଛି ଜାଣିପାରିଥାଏ। କେବଳ ମୋ ମାମା ନୁହେଁ, ସଂସାରର ସବୁ ମା' ତାଙ୍କ ପିଲାର ଅସୁବିଧାକୁ ଆଗ ଜାଣିପାରିଥା'ନ୍ତି। ମାତୃ ଦିବସ ଉପଲକ୍ଷେ ସେହି ମାମାନଙ୍କୁ ମୋର ଶତଶତ ପ୍ରଣାମ।

–ପୁନମ ମିଶ୍ର, ଅଭିନେତ୍ରୀ

ରିପୋର୍ଟ –ଶର୍ମିଷ୍ଠା ପାଣିଗ୍ରାହୀ

ଧରିତ୍ରୀ
DHARITRI
Bhubaneswar, Sunday, May 8, 2022

## ଏଲ୍‌ଆଇସିର ଘରୋଇକରଣ ଚର୍ଚ୍ଚା

ନୂଆଦିଲ୍ଲୀ: ଦେଶର ସର୍ବବୃହତ୍ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ର ଆଇପିଓ କାର୍ଯ୍ୟକ୍ରମ ପରେ ସରକାର କୌଣସି ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଏପରିକି ଉକ୍ତ ବୀମା କମ୍ପାନୀର ଘରୋଇକରଣ ମଧ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଜାତୀୟ ଗଣମାଧ୍ୟମରେ ଏ ନେଇ ମଧ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ ସରକାର ନିଜର ୩ ସାଧାରଣ ବୀମା କମ୍ପାନୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କୋ, ୟୁନାଇଟେଡ୍ ଇନ୍‌ସ୍ୟୁରାନ୍ସ କୋ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ମଧ୍ୟରୁ ଗୋଟିଏକୁ ଘରୋଇକରଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।



**ସଂକ୍ଷେପରେ**

### ରିଅଲ୍‌ମିର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୭।୫:** ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ଜିଟି ନିଓ ୩ ସହ ଏହାର ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ରିଅଲ୍‌ମି ପ୍ୟାଡ୍ ମିନି, ରିଅଲ୍‌ମି ବଡ୍‌ସ କ୍ୟୁ୨ଏସ୍ ଓ ରିଅଲ୍‌ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍‌ଡିର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ଜିଟି ନିଓ ୩ ହେଉଛି ୧୫୦ୱାଟ୍ ଅଲ୍‌ଟ୍ରା ଡାର୍ଟ ଚାର୍ଜ ସହ ଚାର୍ଜିଙ୍ଗ୍ ସ୍ମାର୍ଟଫୋନ୍ ଯାହା କେବଳ ୫ ମିନିଟ୍‌ରେ ୫୦% ପର୍ଯ୍ୟନ୍ତ ଚାର୍ଜ ହୋଇଥାଏ। ଏ ସମ୍ପର୍କରେ ରିଅଲ୍‌ମି ବିଜ୍‌ନେସ୍ ଗ୍ରୁପ୍‌ର ପ୍ରେସିଡେଣ୍ଟ ମାଧବ ସେଠ୍ କହିଛନ୍ତି, ଆମେ ଏକ ଏଭଳି ବ୍ରାଣ୍ଡ ହୋଇ ଉପଭୋଗ କରୁଛୁ, ଯାହା ଟେକ୍ ଇଣ୍ଡଷ୍ଟ୍ରିରେ ଉଦ୍ଭାବନଗୁଡ଼ିକୁ ପରିଚିତ କରାଉଛି ଏବଂ ଆମେ ରିଅଲ୍‌ମି ଜିଟି ନିଓ ୩ ସହିତ ୧୫୦ୱାଟ୍ ଫାଷ୍ଟ୍ ଚାର୍ଜିଂ ଟେକ୍ନୋଲୋଜି ଆଣି ଉତ୍ସାହିତ ରହିଛୁ। ରିଅଲ୍‌ମି ଜିଟି ନିଓ ୩ ସହିତ ଆମେ ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ଉତ୍ପାଦ ଆଣିଛୁ। ରିଅଲ୍‌ମିର ୨ୟ ଟାବ୍‌ଲେଟ୍ ରିଅଲ୍‌ମି ପ୍ୟାଡ୍ ମିନି, ରିଅଲ୍‌ମି ବଡ୍‌ସ କ୍ୟୁ୨ଏସ୍ ଓ ଏକ ନୂଆ ସ୍ମାର୍ଟ ଟିଭି ରିଅଲ୍‌ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍‌ଡିକୁ ଦୁଇଟି ଭିନ୍ନ ସାଇଜରେ ଅଣାଯାଇଛି।

# ରିଲାଏନ୍ସର ଆୟ ୧୦୦ ବିଲିଅନ ଡଲାର

ମୁମ୍ବାଇ,୭।୫




- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୪ର୍ଥ ତ୍ରୈମାସ ଫଳାଫଳ
- କମ୍ପାନୀର ନିଟ୍ ଲାଭରେ ୨୨.୫% ବୃଦ୍ଧି

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ନିକଟରେ ଏହାର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ତୈଳ ବିଶୋଧନରେ ବ୍ୟାପକ ମାର୍ଜିନ, ଟେଲିକମ୍ ଓ ଡିଜିଟାଲ ସେବାରେ ଦ୍ରୁତ ଅଭିବୃଦ୍ଧି ଓ ରିଟେଲ ବ୍ୟବସାୟରେ ଦୃଢ଼ ଗତିଶୀଳତା ଯୋଗୁ ମାର୍ଚ୍ଚ ଶେଷ ସୁଦ୍ଧା କମ୍ପାନୀର ତ୍ରୈମାସରେ ନିଟ୍ ଲାଭରେ ୨୨.୫% ବୃଦ୍ଧି ହୋଇଛି। ଫଳରେ ତୈଳରୁ ରିଟେଲ ଓ ଟେଲିକମ୍ ପର୍ଯ୍ୟନ୍ତ ଏହି ବ୍ୟବସାୟ ସାମ୍ରାଜ୍ୟର ନିଟ୍ ଲାଭ ୧୩,୨୨୭ କୋଟି ଟଙ୍କାରୁ ବୃଦ୍ଧି ପାଇ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୧୬,୨୦୩ କୋଟି ଟଙ୍କା ହୋଇଛି। ବଜାର ମୂଲ୍ୟ ଅନୁସାରେ ଦେଶର ସର୍ବବୃହତ୍ କମ୍ପାନୀର ଏକତ୍ରିତ ରାଜସ୍ୱ ୨୦୨୧-୨୨ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ବର୍ଷରୁ ବର୍ଷ ଭିତ୍ତିରେ ୩୫% ବୃଦ୍ଧି ପାଇ ୨.୩୨ ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ରିଲାଏନ୍ସ ନିଟ୍ ଲାଭ ୬୦,୭୦୫ କୋଟି ଟଙ୍କା ହୋଇଥିବା ବେଳେ ରାଜସ୍ୱ ୭.୯୨ ଲକ୍ଷ କୋଟି ଟଙ୍କା (୧୦୨ବିଲିଅନ ଡଲାର) ରହିଛି। ଏହା ହେଉଛି ପ୍ରଥମ ଭାରତୀୟ କମ୍ପାନୀ ଯାହା ଗୋଟିଏ ଆର୍ଥିକ ବର୍ଷରେ ୧୦୦ ବିଲିଅନ ଡଲାର ରାଜସ୍ୱ ଅତିକ୍ରମ କରିଛି। କମ୍ପାନୀ ସର୍ବକାଳୀନ ଶ୍ରେଷ୍ଠ ତ୍ରୈମାସ ଇବିଆଇଟିଡିଏ ହାସଲ କରିଛି, ଯାହା ବର୍ଷରୁ ବର୍ଷ ଭିତ୍ତିରେ ୨୮% ବୃଦ୍ଧି ପାଇ ୩୩,୯୬୮ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ତୈଳରୁ ରସାୟନ (ଓ୨ସି) ବ୍ୟବସାୟର ଇବିଆଇଟିଡିଏ୨୫% ବୃଦ୍ଧି ପାଇ ୧୪,୨୧୪ କୋଟି ଟଙ୍କା ହୋଇଥିବା ବେଳେ ଡିଜିଟାଲ୍ ବ୍ୟବସାୟର ଟିକସ ପୂର୍ବବର୍ତ୍ତୀ ଆୟ ଗତବର୍ଷ ତୁଳନାରେ ୨୫% ବୃଦ୍ଧି ପାଇ ୧୧,୨୦୯ କୋଟି ଟଙ୍କା ହୋଇଛି। ରିଟେଲ ବ୍ୟବସାୟର ଇବିଆଇଟିଡିଏ ୨.୫% ବୃଦ୍ଧି ପାଇ ୩,୭୧୨ କୋଟି ଟଙ୍କା ହୋଇଛି ଓ କେଜି-ଡି୬ ବ୍ଲକ୍‌ର ସାଟେଲାଇଟ୍ ଫିଲ୍ଡରୁ ଗ୍ୟାସ୍ ଉତ୍ପାଦନ ଯୋଗୁ ତୈଳ ଓ ଗ୍ୟାସ୍‌ର ଇବିଆଇଟିଡିଏ ୩ଗୁଣା ବୃଦ୍ଧି ପାଇ ୧,୫୫୬ କୋଟି ଟଙ୍କା ହୋଇଛି। କ୍ଷେତ୍ର ଇବିଆଇଟିଡିଏରେ ଉପଭୋକ୍ତା ବ୍ୟବସାୟ ଅବଦାନ ପାଖାପାଖି ୪୫% ରହିଛି।

ରିଲାଏନ୍ସ ରିଟେଲ୍‌ର ଦକ୍ଷତା ବଢ଼ାଇବା ଓ ସମ୍ପତ୍ତି ଅଧିଗ୍ରହଣ ପାଇଁ କମ୍ପାନୀ ୧ ବିଲିଅନ ଡଲାରରୁ ଅଧିକ ନିବେଶ କରିଛି ଏବଂ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଅଧିକ ଷ୍ଟୋର୍ ଖୋଲିଛି। ସବୁଜ ଶକ୍ତି ସମ୍ପର୍କିତ ଗିଗା ଫ୍ୟାକ୍ଟ୍ରି ଓ ଉତ୍ସାହଜନକ ଅପଷ୍ଟ୍ରିମ୍ କ୍ଷେତ୍ର ୪-୫ ବର୍ଷ ମନ୍ଥର ରହିବା ପରେ ଆଗାମୀ ୨୪-୩୬ ମାସ ପାଇଁ ଦୃଢ଼ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିଛି।

# ଜିତେନ୍ଦ୍ରଙ୍କୁ ନୂଆ ଦାୟିତ୍ୱ

କଟକ,୭।୫



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ବରିଷ୍ଠ ଅଧିକାରୀ ଜିତେନ୍ଦ୍ର ସ୍ୱାଇଁଙ୍କୁ ବ୍ୟାଙ୍କ ପକ୍ଷରୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ପିଏନ୍‌ବି କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ନିକଟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଛତିଶଗଡ଼ସ୍ଥିତ ଭିଲାଇ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୯ରେ ସେ ପିଏନ୍‌ବିରେ ଯୋଗ ଦେବା ସହ ବ୍ୟାଙ୍କର ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ଼ ଓ ଓଡ଼ିଶା ଭଳି ରାଜ୍ୟର ବିଭିନ୍ନ ଶାଖାରେ କାର୍ଯ୍ୟ କରିଛନ୍ତି। ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଅଧିକାଂଶ ସମୟ ଶାଖା ସ୍ତରରେ କାର୍ଯ୍ୟ କରି ଅନେକ ଅଭିଜ୍ଞତା ମଧ ହାସଲ କରିଛନ୍ତି। ବ୍ୟାଙ୍କର ରିଟେଲ୍ କ୍ଷେତ୍ରରେ ଅଧିକ ରୁଚି ରଖିଥିବା ସ୍ୱାଇଁ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ରିଟେଲ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି।

# ବେଦାନ୍ତର ଅଭିନବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୫

**ସ୍ଥାନୀୟ ପ୍ରତିଭାକୁ କମ୍ପାନୀର ଗୁରୁତ୍ୱ**

ବେଦାନ୍ତ ଲିମିଟେଡ୍‌ର ଲାଞ୍ଜିଗଡ଼ ୟୁନିଟ୍ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍‌ର ଆଲୁମିନିୟମ ନିର୍ମାତା ସହ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କିଡ୍‌ସ୍ ଆଥ୍‌ଲେଟିକ୍ସ ଦିବସ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରୀୟ କ୍ରୀଡ଼ା ସଂସ୍କୃତିକୁ ମଜଭୁତ କରିବା ପାଇଁ କମ୍ପାନୀ ସଂକଳ୍ପ ନେଇଛି। ବେଦାନ୍ତର କାର୍ଯ୍ୟ ପରିଚାଳନା ଦର୍ଶନରେ ଗୋଷ୍ଠୀ ବିକାଶ ଲକ୍ଷ୍ୟକୁ ନେଇ ବେଦାନ୍ତ ଲାଞ୍ଜିଗଡ଼ ଉକ୍ତ ଅଞ୍ଚଳରେ ବହୁ ସାମାଜିକ, ଅର୍ଥନୈତିକ ପ୍ରକଳ୍ପ ଆରମ୍ଭ କରିଛି। ବର୍ତ୍ତମାନ ୧୦୦ଜଣ ଛାତ୍ର ତୀରନ୍ଦାଜ ଓ ୮୦ଛାତ୍ର କରାଟେ ଶିକ୍ଷା ପାଇଁ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏସ୍‌ଏସ୍‌ଡି ସ୍କୁଲ, ଲାଞ୍ଜିଗଡ଼ରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଜାତୀୟ ତଥା ରାଜ୍ୟ ସ୍ତରରେ ପଦକ ଜିତିଛନ୍ତି। ଆଜି ପର୍ଯ୍ୟନ୍ତ ତୀରନ୍ଦାଜୀ ଛାତ୍ରମାନେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ୪ଟି ସ୍ୱର୍ଣ୍ଣ ପଦକ ଓ ୮ଟି ରୌପ୍ୟ ପଦକ ତଥା ୪ଟି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ନିକଟରେ ଜମ୍ମୁ କଶ୍ମୀରରେ ଆୟୋଜିତ ତୀରନ୍ଦାଜ ସିନିୟର ନ୍ୟାଶନାଲ ପ୍ରତିଯୋଗିତାରେ ଛାତ୍ର ସୀମାଞ୍ଚଳ କାଡ୍ରାକା ଓ ରତ୍ନା ମାଝି ଅଂଶ ଗ୍ରହଣ କରିଥିଲେ। କରାଟେ କ୍ଷେତ୍ରରେ ମଧ୍ୟ ଛାତ୍ରମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପୁରସ୍କାର ପାଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ର ସିଇଓ ଜି.ଜି.ପାଲ୍ କହିଛନ୍ତି, ଯଦି ଆମେ ନିଜର ଭବିଷ୍ୟତ ପାଇଁ ପିଲାମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ପାଇଁ ଆବଶ୍ୟକ ଉପକରଣ ସହିତ ସେମାନଙ୍କୁ ଉପଯୁକ୍ତ ତାଲିମ ଯୋଗାଇଦେବା ତେବେ ସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ ପିଲାକୁ ତା'ର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁଯୋଗ ଦିଆଯିବା ଉଚିତ। ଆମର ବିକାଶମୂଳକ ପଦକ୍ଷେପ ଆମ ପଡ଼ୋଶୀ ଗୋଷ୍ଠୀ ମଧ୍ୟରେ ଖେଳୁଥିବା ଆଥଲେଟିକ୍ସଙ୍କୁ ସାହାଯ୍ୟ କରିବ। ସେମାନେ ଚାହିଁଲେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିପାରିବେ।

### ହିଣ୍ଡୱେୟାର ଇଟାଲିଆନ୍ କଲେକ୍ସନ

**ନୂଆଦିଲ୍ଲୀ,୭।୫ :** ଆଇକୋନିକ୍ ବାଥ୍‌ୱେୟାର ବ୍ରାଣ୍ଡ 'ହିଣ୍ଡୱେୟାର' ପକ୍ଷରୁ ଇଟାଲିଆନ୍ କଲେକ୍ସନର ବଜାର ପ୍ରବେଶ କରାଯାଇଛି। ଏହା ହିଣ୍ଡୱେୟାର ଇଟାଲିଆନ୍ ଟାଇଲ୍ସ ଏବଂ ଟାଇଲ୍ସ ସେଗ୍‌ମେଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜାବର ରାଜପୁରାଠାରେ ଏକ ଡିପୋର ମଧ ଉଦ୍‌ଘାଟନ ସହ ଦେଶବ୍ୟାପୀ ମୋଟ ୧୮ଟି ଡିପୋ ଖୋଲିବା ନେଇ ମଧ କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କମ୍ପାନୀ ୨୫୯ଟି ସହରରେ ନିଜର ସର୍ବବୃହତ୍ ନେଟ୍‌ୱର୍କ ବିସ୍ତାର କରିଛି। ଏହି ଅବସରରେ ବ୍ରିଲୋକା ଲିମିଟେଡ୍‌ର ବାଥ୍ ଆଣ୍ଡ ଟାଇଲ୍ସ ବିଜ୍‌ନେସ୍‌ର ସିଇଓ ସୁଧାଂଶୁ ପୋଖ୍‌ରିଆଲ କହିଛନ୍ତି, ହିଣ୍ଡୱେୟାର ହେଉଛି ଏକ ଘରୋଇ ନାମ ଏବଂ ଏହା ଶିଳ୍ପର ପ୍ରଥମ ଡିଜାଇନ୍ ଓ ଉଦ୍ଭାବନଗୁଡିକର ଆଗରେ ରହିଆସିଛି।

# ଟିପିସିଓଡିଏଲ୍‌ର ସିସିସି ଉଦ୍‌ଘାଟିତ

ଭୁବନେଶ୍ୱର,୭।୫




ମାର୍ଶାଘାଇ ଅଞ୍ଚଳର ଗ୍ରାମୀଣ ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ତହସିଲରେ ଏହାର ପ୍ରଥମ ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ର (ସିସିସି)ର ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହି ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ରକୁ ପତାକା ଦେଖାଇ ଲୋକାର୍ପଣ କରିଛନ୍ତି। ଏହା ହେଉଛି କମ୍ପାନୀ ପକ୍ଷରୁ ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ସ୍ଥାପନ କରାଯାଇଥିବା ୧୫ତମ ଗ୍ରାହକ ସେବା କେନ୍ଦ୍ର।

ଏ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସବୁ ପ୍ରକାର ସେବା ପାଇଁ ଆମ ପାଖରେ ପହଞ୍ଚିବା ଲାଗି ସମସ୍ତ ଗ୍ରାହକଙ୍କୁ ଗ୍ରାହକ ସେବା କେନ୍ଦ୍ର ଏକ ମଞ୍ଚ ପ୍ରଦାନ କରୁଛି। ଏବେ ଆଉ ପାଦେ ଆଗକୁ ବଢ଼ି ଆମେ ଓଡ଼ିଶାର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଥିବା ଆମର ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଚାହୁଁଛୁ। ଏହାଦ୍ୱାରା ସେମାନେ ଆମର ବିଭିନ୍ନ ସେବା ଦ୍ୱାରା ଉପକୃତ ହୋଇପାରିବେ।

### ଏସ୍‌ସିଏଲ୍‌ର ନୂଆ ଏମ୍‌ଡି ନିଯୁକ୍ତ

ନୂଆଦିଲ୍ଲୀ,୭।୫

ଦେଶର ଅଗ୍ରଣୀ ଅଟୋ ଉପକରଣ ନିର୍ମାତା ସୁନ୍ଦରମ୍-କ୍ଲେଟନ୍ ଲିମିଟେଡ୍ (ଏସ୍‌ସିଏଲ୍) ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଡ. ଲକ୍ଷ୍ମୀ ବେଣୁ ଶ୍ରୀନିବାସଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ମଧ କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରୁଥିଲେ। ଡ. ଶ୍ରୀନିବାସ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସୁନ୍ଦରମ କ୍ଲେଟନ୍‌ର ନେତୃତ୍ୱ ନେଥବା ସହ ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି। ଏ ସମ୍ପର୍କରେ ସୁନ୍ଦରମ୍ କ୍ଲେଟନ୍‌ର ଅଧ୍ୟକ୍ଷ ଆର୍.ଗୋପାଳନ କହିଛନ୍ତି, ଲକ୍ଷ୍ମୀଙ୍କ ପାଖରେ ଗ୍ରାହକଙ୍କୁ ଗଭୀର ଭାବେ ବୁଝିବାର ଜ୍ଞାନ ରହିଛି। ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ସହିତ ସେ ଦୃଢ଼ ସମ୍ପର୍କ ବିକଶିତ କରିଛନ୍ତି।

**ଫୁର୍‌ସତ୍**

# ସଚେତନତା ହିଁ ପ୍ରକୃତ ନିଦାନ

**ବିଶ୍ୱ ଥାଲାସେମିଆ ଦିବସ**



**କୌଣସି** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବରୁ ଏନେଇ ସଚେତନତା ସୃଷ୍ଟି ଦ୍ୱାରା ବହୁ ଅସୁବିଧାରୁ ଦୂରେଇ ହୋଇ ରହିବା ସମ୍ଭବ ହୋଇଥାଏ। ଥାଲାସେମିଆ ଭଳି ଜିନ୍‌ଗତ ରକ୍ତ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମେ' ୮ରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଥାଏ। ଏହି ରୋଗରେ ଶରୀରରେ ଥିବା ରକ୍ତରେ ଯଥେଷ୍ଟ ହେମୋଗ୍ଲୋବିନ ସୃଷ୍ଟି କରିବାରେ ସମ୍ଭବ ହୋଇ ନଥାଏ। ଫଳସ୍ୱରୂପ ଲାଲ ରକ୍ତକଣିକା ଦୁର୍ବଳ ହୋଇଯାଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍‌ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଏହି ସମସ୍ୟା ଯୋଗୁ ରକ୍ତହୀନତା, ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା, ଅତ୍ୟଧିକ ଥକା ଏବଂ ଅନିୟମିତ ହୃତ୍‌ସ୍ପନ୍ଦନ ହୋଇଥାଏ। ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ରୋଗୀ, ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସହାୟତା କରିବା ସକାଶେ ବିଶ୍ୱ ଥାଲାସେମିଆ ଦିବସ ପାଳନର ଲକ୍ଷ୍ୟ ରଖାଯାଇଥାଏ। ୧୯୯୪ରେ ଥାଲାସେମିଆ ଇଣ୍ଟରନ୍ୟାଶନାଲ ଫେଡେରେଶନ (ଟିଆଇଏଫ୍) ଦ୍ୱାରା ପ୍ରତିଷ୍ଠାତା ପାନୋସ ଏଙ୍ଗଲେଜୋସଙ୍କ ପୁଅ ଜର୍ଜ ଏଙ୍ଗଲେଜୋସଙ୍କ ସ୍ମୃତିରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ ଅନୁସାରେ ପ୍ରତିବର୍ଷ ଭାରତରେ ଥାଲାସେମିଆ ସମସ୍ୟା ସହ ପ୍ରାୟ ୧୦ରୁ ୧୫ ହଜାର ଶିଶୁ ଜନ୍ମ ହୁଅନ୍ତି। ବିଶ୍ୱସ୍ତରରେ ପ୍ରତିବର୍ଷ ଏଭଳି ସମସ୍ୟା ଥିବା ପିଲାଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷରୁ ୫ ଲକ୍ଷ ରହିଥାଏ।

# 'କିପ୍ ସାଇନିଂ ଶେହନାଜ'



**ନୂଆଦିଲ୍ଲୀ:** ବିଗ୍ ବସ୍ ରିଆଲିଟି ଶୋ'ରୁ ହିନ୍ଦୀ ମନୋରଞ୍ଜନ ଜଗତରେ ପାଦ ଥାପିଥିବା ପଞ୍ଜାବର ଶେହନାଜ ଗିଲ୍ ଏବେ ଅନେକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ନିକଟରେ ବ୍ରହ୍ମାକୁମାରୀ ସଂସ୍ଥାନ ଶେହନାଜଙ୍କୁ କିପ୍ ସାଇନିଂ ସମ୍ମାନରେ ସମ୍ମାନିତ କରିଛନ୍ତି। ସଂସ୍ଥା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶେହନାଜ ଯୋଗ ଦେଇଥିଲେ। ସିରିଏଲ୍ ଅଭିନେତା ତଥା ବିଗ୍‌ବସ୍ ୧୩ର ବିଜେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ଅକାଳ ବିୟୋଗ ପରେ ତାଙ୍କ ବାନ୍ଧବୀ ଶେହନାଜ ଭାଙ୍ଗିପଡ଼ିଥିଲେ। ମାନସିକଚାପରେ ରହୁଥିବା ଶେହନାଜ ଶେଷରେ ବ୍ରହ୍ମାକୁମାରୀ ସଂସ୍ଥାନର ଆଶ୍ରୟ ନେବା ପରେ ସମସ୍ତ ପ୍ରକାର ଦୁଶ୍ଚିନ୍ତାରୁ ବାହାରି ଆସିପାରିଥିଲେ।

ନିକଟରେ ଶେହନାଜ ସଲମାନ୍ ଖାନ୍‌ଙ୍କ ଇଦ୍ ପାର୍ଟିରେ ଦେଖିବାକୁ ମିଳିଥିଲେ, ଯାହାକୁ ନେଇ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ ଶେହନାଜ ଖୁବ୍ ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସଲମାନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଶେହନାଜ ଦେଖିବାକୁ ମିଳିବେ।

# ୭୦୦ ବର୍ଷର ଗଛତଳେ ବିବସ୍ତ୍ର: ୬ ବର୍ଷ ଜେଲ

**ମସ୍କୋ:** ଇଣ୍ଡୋନେସିଆ ବାଲିରେ ଥିବା ୭୦୦ ବର୍ଷ ପୁରୁଣା ଗଛ ତଳେ ଉଲଗ୍ନ ଫଟୋ ଉତ୍ତୋଳନ କରିବା ପାଇଁ ରୁଷିଆର ଜଣେ ମଡେଲ ତଥା ଯୋଗ ଟ୍ରେନର୍‌ଙ୍କୁ ୬ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏଲିନା ନାମରେ ଏହି ଯୁବତୀ ଇନ୍‌ଷ୍ଟାଗ୍ରାମରେ ଉକ୍ତ ଫଟୋ ଶେୟାର କରିବା ପରେ ଇଣ୍ଡୋନେସିଆର ଜଣେ ବ୍ୟବସାୟୀ ଅଭିଯୋଗ କରିଥିଲେ, ଯାହାଫଳରେ ମଡେଲ ଜଣକ ଉକ୍ତ ଫଟୋକୁ ଇନ୍‌ଷ୍ଟାଗ୍ରାମରୁ ଡିଲିଟ୍ କରି ଦେଇଥିଲେ। ପର୍ଣ୍ଣୋଗ୍ରାଫିକୁ ନେଇ ଇଣ୍ଡୋନେସିଆରେ କଡ଼ା ଆଇନ୍ ପାଳନ କରାଯାଉଥିବାବେଳେ ବାଲିର ପବିତ୍ର ଗଛତଳେ ନଗ୍ନ ଫଟୋ ଉତ୍ତୋଳନ ଅଭିଯୋଗରେ ଏଲିନାକୁ ୫୫ ହଜାର ଡଲାର ଜରିମାନା ଦେବା ସହ ୬ ବର୍ଷ ଜେଲ୍ ଦଣ୍ଡ ମିଳିବା ଆଶଙ୍କା ଥିବା ଡେଲିମେଲ୍ ରିପୋର୍ଟରେ ପ୍ରକାଶ ପାଇଛି। ଇନ୍‌ଷ୍ଟାଗ୍ରାମରେ ଫଟୋ ହଟାଇବା ସହ ଏଲିନା କ୍ଷମା ମାଗୁଥିବାର ଏକ ଏକ ଭିଡିଓ ଜାରି କରିଛନ୍ତି। ବାବାକନ ମନ୍ଦିରରେ ଥିବା ଏହି ୭୦୦ ବର୍ଷ ପୁରୁଣା ଗଛ ବିଷୟରେ ତାଙ୍କରେ କୌଣସି ଧାରଣା ନ ଥିବା ସେ କହିଛନ୍ତି। ପବିତ୍ର ଗଛତଳେ ପ୍ରାର୍ଥନା କରିବା ସହ ପୋଲିସ ନିକଟରେ ତାଙ୍କ ଦ୍ୱାରା ହୋଇଥିବା ଭୁଲ ପାଇଁ ସେ କ୍ଷମା ମାଗିବାକୁ ପ୍ରସ୍ତୁତ ଥିବା ଜାରି ଭିଡିଓରେ କହିଛନ୍ତି।



# ଲେମ୍ବୁ ପାଇଁ ଜେଲ ଅଧିକାରୀ ନିଲମ୍ବିତ

**ଚଣ୍ଡିଗଡ:** ଲେମ୍ବୁକୁ ନେଇ ପଞ୍ଜାବରେ ଏକ ସମ୍ବେଦନଶୀଳ ଘଟଣା ଘଟିଛି। ଲେମ୍ବୁ ପାଇଁ ପଞ୍ଜାବର କପୁରଥାଲା ମଡର୍ନ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଗୁରନାମ ଲାଲ୍‌ଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଗୁରନାମ ଲାଲ୍ ବନ୍ଦୀମାନଙ୍କ ପାଇଁ ୫୦ କିଲୋଗ୍ରାମର ଲେମ୍ବୁ କିଣିଥିବାବେଳେ ସେଥିରୁ ଗୋଟିଏ ବି ଲେମ୍ବୁ କଏଦୀମାନଙ୍କୁ ଦିଆଯାଇ ନ ଥିଲା। ଏ ଘଟଣା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ଇନ୍‌ସ୍ପେକ୍‌ସନ୍ ଟିମ୍ ଜେଲ୍‌ରେ ପହଞ୍ଚିଥିଲେ। ଜେଲ୍‌ରେ କଏଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟରେ ଲେମ୍ବୁ ପରଷାଯାଇ ନ ଥିବା ଏବଂ ଅଟା ଓ ପରିବା କିଣାରେ ଅନିୟମିତତା ଅଭିଯୋଗ ଆସିଥିଲା, ଯାହାପରେ ପଞ୍ଜାବ ଖଣି, ପର୍ଯ୍ୟଟନ ଏବଂ ଜେଲମନ୍ତ୍ରୀ ହରଜୋତ ସିଂ ବେନ୍ସ ଅଚାନକ ପରିଦର୍ଶନ ପାଇଁ ଦୁଇ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜେଲ୍ ପରିଦର୍ଶନ ପାଇଁ ପଠାଇଥିଲେ। କଏଦୀମାନଙ୍କ ପାଇଁ ଯୋଗାଯାଉଥିବା ଖାଦ୍ୟରେ ଅନେକ ଦୁର୍ନୀତି ହେଉଥିବାର ପ୍ରମାଣ ମିଳିବା ପରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

# ମା' ଶିଶୁର ପ୍ରଥମ ଗୁରୁ

**ମାତୃ ଦିବସ**



**ମା'** ପ୍ରାଣୀଙ୍କଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ପ୍ରିୟ। ଜନ୍ମ ପରେ ଶିଶୁ ପ୍ରଥମେ ହିଁ ମା' ସ୍ନେହର ପରଶ ପାଇଥାଏ। ମା' ଶବ୍ଦ ସୃଜନର ଓଁକାର ଭରିଦିଏ। ସେହିପରି ମା' ପ୍ରତିଟି ଶିଶୁର ପ୍ରଥମ ଗୁରୁ। ମା' ଶିଶୁକୁ ସମସ୍ତ ଶିକ୍ଷାର ପ୍ରଥମ ପାହାଚରେ ପହଞ୍ଚାଇଥାଏ। ତେଣୁ ମା'ଙ୍କର ମହାନତାକୁ ହୃଦୟଙ୍ଗମ କରିବା ଲାଗି ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମେ' ୮ରେ ପାଳିତ ହେଉଛି। ୧୯୦୭ରେ ମାତୃ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସର ପାଳନ ଦୁଇଜଣ ବିଶିଷ୍ଟ ମହିଳା ଜୁଲିଆ ୱାର୍ଡ ହାଓ ଏବଂ ଆନ୍ନା ଜାରଭିସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ସେମାନେ ଆମେରିକାରେ ମାତୃ ଦିବସର ଶୁଭାରମ୍ଭ କରିଥିଲେ। ଆମେରିକାର ରାଷ୍ଟ୍ରପତି ଉଡ୍ରୋ ୱିଲସନ ଏହି ଦିବସକୁ ୧୯୧୪ରେ ଏକ ଜାତୀୟ ଛୁଟି ଘୋଷଣା କରିଥିଲେ। ମାତୃ ଦିବସ ହେଉଛି ଏକ ଉତ୍ସବ, ଯାହାକି ପରିବାରରେ ମାତାଙ୍କୁ ସମ୍ମାନିତ କରିବା ସହିତ ମାତୃତ୍ୱ, ମାତୃତ୍ୱ ବନ୍ଧନ ଏବଂ ସମାଜରେ ମା'ଙ୍କର ପ୍ରଭାବକୁ ସମ୍ମାନିତ କରିଥାଏ। ପ୍ରତ୍ୟେକ ମା'ଙ୍କ ପାଇଁ ଏହି ଦିବସଟି ଉତ୍ସର୍ଗୀକୃତ। କାରଣ ଜଣେ ଶିଶୁଙ୍କ ପାଇଁ ଦୁନିଆରେ ସମସ୍ତଙ୍କ ଅପେକ୍ଷା ବହୁ କାର୍ଯ୍ୟ କରିଥାନ୍ତି।

## ସଂକ୍ଷେପରେ

### ‘ଟୋପାଏ କାକରର ମୋହ’ ଉନ୍ମୋଚିତ

ଭୁବନେଶ୍ୱର,୭।୫(ବ୍ୟୁରୋ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ କବି ସଂଘମିତ୍ରା ରାଏ୍ ଗୁରୁଙ୍କ କବିତା ପୁସ୍ତକ ‘ଟୋପାଏ କାକରର ମୋହ’ ଉନ୍ମୋଚିତ ହୋଇଯାଇଛି। କୋଠଘରର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଡ. ଫନି ମହାନ୍ତି, ସାହିତ୍ୟିକା, ଅନୁବାଦିକା ଡ. ଶକୁନ୍ତଳା ବଳିୟାର ସିଂହ, ଲେଖିକା ଡ. ପ୍ରବାସିନୀ ମହାକୁଡ଼, କବି ବିପିନ ବିହାରୀ ଦଳାଇ, ହରିଶ୍ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର, ଡ. ଅଞ୍ଜଳି ତ୍ରିପାଠୀ, କବି ମମତା ବାରିକ, ନମିତା ପାଇକରାୟ, ସୁଷମା ପରିଜା, ଅନିତା ପାଣି ଯୋଗଦେଇ ଉନ୍ମୋଚିତ ପୁସ୍ତକରୁ କବିତା ପାଠ କରିଥିଲେ। ଟିଭି ଉପସ୍ଥାପକ ଶିବାନନ୍ଦ ବାରିକ, ସଂଯୋଜିକା ଶ୍ରାବଣୀ ଦାଶ ସଞ୍ଚାଳନା କରିଥିଲେ। ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

### ନିଖୋଜ ୨ ନାବାଳିକା ଉଦ୍ଧାର

ବାରଙ୍ଗ,୭।୫(ଡି.ଏନ୍.ଏ.): ଗୋଡିସାହି ଫାଣ୍ଡି ଅଧୀନ ବେରେଣା ଆଦିବାସୀ ସାହିରୁ ନିଖୋଜ ଥିବା ଦୁଇ ନାବାଳିକାଙ୍କୁ ପୋଲିସ ଶନିବାର ଉଦ୍ଧାର କରିଛି। ମା’ବାପା ଛେଉଣ୍ଡ ଏହି ଦୁଇ ନାବାଳିକା ଗତ ୨୭ତାରିଖରେ ଘରୁ ନିଖୋଜ ହୋଇଥିବା ନେଇ ୨୮ତାରିଖରେ ତାଙ୍କ ଜେଜେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇଥିବା ବେଳେ ନାବାଳିକା ଦ୍ୱୟ କୋଲକାତା ଖଡଗପୁର ଅଞ୍ଚଳର ଏକ ଆଶ୍ରମରେ ଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଫଳରେ ପୋଲିସର ଏକ ଟିମ୍ ଶୁକ୍ରବାର ରାତିରେ ସେଠାକୁ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲା। ଶନିବାର ତାଙ୍କ ଜେଜେଙ୍କ ଉପସ୍ଥିତିରେ ବସୁନ୍ଧରାକୁ ହସ୍ତାନ୍ତର କରିଥିଲେ। ତେବେ ଏହି ଦୁଇ ନାବାଳିକା କିପରି ଖଡଗପୁର ଗଲେ ସେନେଇ ପୋଲିସ ପଚରାଉଚୁରା ଚଳାଇଛି।

### ରାସ୍ତାରେ ଅଟକାଇ ଲୁଟ୍, ୨ ଗିରଫ

ଭୁବନେଶ୍ୱର,୭।୫(ବ୍ୟୁରୋ): ଜଣେ ଯୁବକଙ୍କୁ ରାସ୍ତାରେ ଅଟକାଇ ଲୁଟ୍ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେ ହେଲେ ନିଳାଦ୍ରିବିହାର ଅଞ୍ଚଳର ବିଜୟ ସାହୁ(୨୪) ଏବଂ ସିଲୁ ବେହେରା(୨୩)। ଏମାନଙ୍କ ଠାରୁ ଗୋଟିଏ ବାଇକ୍, ମୋବାଇଲ ଫୋନ, ନଗଦ ୩୦୦ ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୬୦/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ନାଉଗାଁ ଅଞ୍ଚଳର ପ୍ରସନ୍ନଜିତ୍ ସ୍ୱାଇଁ ଶୁକ୍ରବାର ରାତିରେ ଡ୍ୟୁଟି ସାରି ନୀଳାଦ୍ରି ବିହାରସ୍ଥିତ ଭଡା ଘରକୁ ଫେରୁଥିବାବେଳେ ଏଟିଏମ୍ ଛକ ନିକଟରେ ଦୁର୍ବୃତ୍ତମାନେ ତାଙ୍କଠାରୁ ମୋବାଇଲ ଏବଂ ୩୦୦ ଟଙ୍କା ଛଡାଇ ନେଇଯାଇଥିଲେ।

### ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୭।୫(ବ୍ୟୁରୋ): ‘ପ୍ରଗତି’ ପକ୍ଷରୁ କବି ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୧ତମ ଜୟନ୍ତୀ ରବୀନ୍ଦ୍ର ମଣ୍ଡପରେ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଟାଗୋରଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆୟକର କମିଶନର ତଥା କବି ଶରତ ଦାସ ଯୋଗଦେଇଥିଲେ। ସଭାପତି ୱିଙ୍ଗ୍ କମାଣ୍ଡର ଗୋବିନ୍ଦ ପଦ ଭଞ୍ଜ ଚୌଧୁରୀ, ଉପସଭାପତି ପୂର୍ବତନ ଆୟକର କମିଶନର ଡ. ମଲାକାର ଏବଂ ସମ୍ପାଦକ ଏସ୍. ମାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜୟନ୍ତ ଚକ୍ରବର୍ତ୍ତୀ, ମୌସୁମୀ ଚକ୍ରବର୍ତ୍ତୀ, ଅନିନ୍ଦିତା ଦାସ, ସୁପର୍ଣ୍ଣା ବନ୍ଦୋପାଧ୍ୟାୟ ସଙ୍ଗୀତ ପରିବେଷଣ କରିଥିଲେ।

# ପୁଣି ୫ ଦିନିଆ ରିମାଣ୍ଡରେ ପାୟଲ, ବିକାଶ

ଭୁବନେଶ୍ୱର,୭।୫(ବ୍ୟୁରୋ)

## ପ୍ରେମିକ ପାଇଁ ୯୭ ଲକ୍ଷ ଟଙ୍କା ହଡ଼ପ ମାମଲା

- ବିକାଶ ପଠାଇଥିବା ଜାଲ୍ ଡକ୍ୟୁମେଣ୍ଟ ମିଳୁନି
- ହ୍ୱାଟ୍‌ସଆପ୍ କମ୍ପାନୀକୁ ଚିଠି ଲେଖିଲା ପୋଲିସ



ସିଭି ରମଣ ବିଶ୍ୱବିଦ୍ୟାଳୟର ୯୭ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ଗିରଫ ହୋଇଥିବା ଆକାଉଣ୍ଟାଣ୍ଟ ପାୟଲ ମହାପାତ୍ର ଓ ପ୍ରେମିକ ବିକାଶ କୁମାରଙ୍କ ପ୍ରଥମ ପର୍ଯ୍ୟାୟର ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ଏହାପରେ କମିଶନରେଟ ପୋଲିସ ଉଭୟଙ୍କୁ କୋର୍ଟରେ ହାଜର କରିଥିଲା। କିନ୍ତୁ ୩ଦିନ ଧରି ଜେରା ସମୟରେ ଏହି ପ୍ରେମୀ ଯୁଗଳଙ୍କ କଥାରେ ତାଳମେଳ ରହି ନ ଥିଲା। ସେମାନେ ଠିକ୍ ତଥ୍ୟ ଦେଇ ନ ଥିବା ସନ୍ଦେହ କରି ପୋଲିସ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ପୁଣି ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିଲା। ଉକ୍ତ ଆବେଦନକୁ କୋର୍ଟ ଗ୍ରହଣ କରି ରିମାଣ୍ଡ ଅନୁମତି ଦେଇଛନ୍ତି। ରବିବାରଠାରୁ ଉଭୟଙ୍କର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଆରମ୍ଭ ହେବ। ଠକେଇର ଆଉ କିଛି ନୂଆ ଗୁମର ଖୋଲିବ ବୋଲି ପୋଲିସ ଆଶା ରଖିଛି।

ଅପରପକ୍ଷେ ଅଭିଯୁକ୍ତ ପ୍ରେମିକ ବିକାଶ ପ୍ରେମିକା ପାୟଲଙ୍କ ହ୍ୱାଟସ୍‌ଆପ୍‌କୁ ବିଭିନ୍ନ ସମୟରେ ଜାଲ୍ ଡକ୍ୟୁମେଣ୍ଟ ପଠାଉଥିଲେ, ଯାହାକି ତାଙ୍କର ମୋବାଇଲ ଫୋନ୍‌ରେ ନ ଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ତେଣୁ ପୋଲିସ ଏହାର ଠିକ୍ ତଥ୍ୟ ପାଇବା ଲାଗି ହ୍ୱାଟ୍‌ସ୍‌ଆପ୍ କମ୍ପାନୀକୁ ଏକ ପତ୍ର ଲେଖିଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଉଛି। ସେହିଭଳି ଅନ୍‌ଲାଇନ ଗେମ୍‌ରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା ବିକାଶ ପୋଲିସକୁ କହିଥିଲା। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବିକାଶଙ୍କୁ ମୋବାଇଲ ମାଗିବାବେଳେ ହଜିଯାଇଥିବା କହିଥିଲେ। ସେହିପରି ଉଭୟ ଚେନ୍ନାଇ, ବେଙ୍ଗାଲୁରୁ, ଜମ୍ମୁକଶ୍ମୀର ଆଦି ସ୍ଥାନକୁ ଯାଇ ମଉଜ କରୁଥିବା ଫଟୋ ପୋଲିସ ପାଇଥିଲେ ମଧ୍ୟ ଏତେ ଟଙ୍କା ବୁଲାବୁଲିରେ ଖର୍ଚ୍ଚ କରିଥିବା ପୋଲିସ ସହଜରେ ଗ୍ରହଣ କରିପାରୁନାହିଁ। ଏସବୁ ଦିଗରେ ପୋଲିସ ଖୋଳତାଡ ଜାରି ରଖିଥିବାବେଳେ ଏହି ୫ଦିନିଆ ରିମାଣ୍ଡରେ ସେମାନଙ୍କ ମୁହଁରୁ ସତ ବାହାର କରିବାକୁ ଚେଷ୍ଟା କରିବ ପୋଲିସ।

ସୂଚନାଯୋଗ୍ୟ, ପାୟଲ ଛାତ୍ରୀଛାତ୍ରଙ୍କଠାରୁ ଟ୍ୟୁଶନ ଫି ଓ ଆଡ୍‌ମିଶନ ବାବଦକୁ ଆଦାୟ ହେଉଥିବା ଟଙ୍କାକୁ ବିଶ୍ୱ ବିଦ୍ୟାଳୟ ଆକାଉଣ୍ଟରେ ଜମା ନ କରି ନିଜ ନାମରେ ଥିବା ଏକାଧିକ ଆକାଉଣ୍ଟରେ ଜମା କରୁଥିଲେ। ପରେ ତାହାକୁ ପ୍ରେମିକ ବିକାଶଙ୍କ ପାଖକୁ ଫୋନ ପେ ମାଧ୍ୟମରେ ପଠାଉଥିଲେ। ବାର୍ଷିକ ଅଡିଟ୍‌ରୁ ଟଙ୍କାର ହିସାବ ନ ମିଳିବାରୁ କଲେଜ ପକ୍ଷରୁ ତମାଣ୍ଡୋ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ତଦନ୍ତ କରି ପ୍ରଥମେ ପାୟଲଙ୍କୁ ନିଜ ଅଫିସ୍‌ରୁ ଓ ପରେ ବିକାଶଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିଥିଲା।

## ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର

କଟକ ଅଫିସ,୭।୫



ସନ୍ତୋଷ ଓଝା।

ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଓଡ଼ିଆ ଯୁବକ ସନ୍ତୋଷ ଓଝା ପ୍ରତିନିଧିତ୍ୱ କରିବେ। ସେ କଟକ ଖପୁରିଆସ୍ଥିତ ଆଇଟିଆଇର୨୦୧୭ ବ୍ୟାଚର ଛାତ୍ର। ଗତ ଜାନୁୟାରୀରେ ଦିଲ୍ଲୀଠାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ କ୍ୟାବିନେଟ୍ ତିଆରି ସ୍କିଲ୍‌ରେ ଏହି ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଥିଲେ। ଏହାପରେ ସେ ସାଙ୍ଘାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ଯାଜପୁର ଜିଲା ବରୁଆ ଗ୍ରାମରେ। ନୂତନ ଜ୍ଞାନକୌଶଳ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାରେ ଲାଗି ପଡିଥାନ୍ତି ସନ୍ତୋଷ। ଏ ସମ୍ପର୍କରେ ଅଧ୍ୟାପକ ଭୋଦେବ ସାହୁ କହିଛନ୍ତି, ୨୦୧୭ ମସିହାରୁ ତାଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଆସୁଥିଲୁ। ଏବେ ତାଙ୍କ ସଫଳତା ଦେଖି ମୁଁ ଗର୍ବିତ ମନେକରୁଛି। ତେବେ ସାଙ୍ଘାଇରେ ଆୟୋଜିତ ପ୍ରତିଯୋଗିତାରେ ସନ୍ତୋଷ ସ୍ୱର୍ଣ୍ଣପଦକ ଜିତିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧କୋଟି ଟଙ୍କା ମିଳିବ ବୋଲି ସୁବ୍ରତ ବାଗ୍‌ଚୀ ଟୁଇଟ୍ କରି ଜଣାଇଛନ୍ତି।



ଶ୍ରୁତି ପକ୍ଷରୁ ଶନିବାର ସୂଚନା ଭବନରେ ଅନୁଷ୍ଠିତ ୧୭ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହରେ ଅତିଥିମାନେ ବେହେଲା ବାଦନ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଅଜୟ ବାରିକଙ୍କୁ ‘ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସମ୍ମାନ’ ପ୍ରଦାନ କରୁଛନ୍ତି। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ମୀନତି ସିଂଙ୍କୁ ‘ଶ୍ରୁତି’ ସମ୍ମାନ ପ୍ରଦାନ କରାଯାଇଥିଲା।

## ଆଉ ଜଣଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ

### ସାଇବର ଠକଙ୍କୁ ପ୍ରି-ଆକ୍ଟିଭେଟ୍ ସିମ୍ ଯୋଗାଣ ମାମଲା

ଭୁବନେଶ୍ୱର,୭।୫ (ବ୍ୟୁରୋ)

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ ସାହୁଙ୍କ ସମେତ ୩ ଅଭିଯୁକ୍ତଙ୍କୁ ବୁଧବାରଠାରୁ ଜେଲରୁ ୫ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଥିବା ବେଳେ ଶନିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ସେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଲୁଅଝରଣ ଗ୍ରାମର ଦୋଳଗୋବିନ୍ଦ ପରିଡା (୨୧)। ମାମଲା ନଂ. ୬/୨୨ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହାକୁ ମିଶାଇ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୪କୁ ବୃଦ୍ଧି ପାଇଛି।

## ମୁମ୍ବାଇ-ଓଡ଼ିଶା ଟ୍ରେନ୍ ଚଳାଚଳରେ ଅଧିକ ସୁବିଧା ଦାବି

ଭୁବନେଶ୍ୱର, ୭।୫ (ବ୍ୟୁରୋ)

### ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ମୁମ୍ବାଇରେ ଲକ୍ଷାଧିକ ଓଡ଼ିଆ ବାସ କରୁଛନ୍ତି। କିଏ ରୋଜଗାର ପାଇଁ ତ ଆଉ କେହି ଚିକିତ୍ସା, ଭ୍ରମଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ମୁମ୍ବାଇକୁ ଯିବା ଆସିବା କରିଥାନ୍ତି। ଏଥିପାଇଁ ଶତକଡା ୯୫ ପ୍ରତିଶତ ଲୋକ ଟ୍ରେନ୍ ଉପରେ ନିର୍ଭର କରନ୍ତି। ମାତ୍ର ମୁମ୍ବାଇ-ଓଡ଼ିଶା ଟ୍ରେନ୍ ଚଳାଚଳରେ ସମସ୍ୟା ଲାଗି ରହିଥିବାରୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ବମ୍ବେ ଓଡ଼ିଆ ମହାସଂଘ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁମ୍ବାଇରୁ ଭାଇଜାଗ୍ ଆସୁଥିବା ଟ୍ରେନ୍ (ନଂ.୧୮୫୨୦ ଓ ୧୮୫୧୯) ଭୁବନେଶ୍ୱର ପର୍ଯ୍ୟନ୍ତ ଯିବା ଆସିବା କରିବା ସହିତ ମୁମ୍ବାଇରୁ ପୁଣେ ଆସୁଥିବା ଟ୍ରେନ୍ ପ୍ରତିଦିନ ଭୁବନେଶ୍ୱର ଆସିବାକୁ ଦାବି କରାଯାଇଛି। ସେହିପରି ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା କୋଣାର୍କ ଏକ୍ସପ୍ରେସ (ନଂ.୧୧୦୧୯ ଓ ୧୧୦୨୦) ଯଥାକ୍ରମେ ମୁମ୍ବାଇରେ ରାତି ୪ଟାରେ ଓ ଭୁବନେଶ୍ୱରରେ ରାତି ୧୧ରେ ପହଞ୍ଚୁଛି। ଫଳରେ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଥିପାଇଁ ମନ୍ତ୍ରୀ ବିହିତ ପଦକ୍ଷେପ ନିଅନ୍ତୁ। ଏହି ଟ୍ରେନ୍‌ଗୁଡ଼ିକ ଚାଲିଲେ ବହୁ ଓଡ଼ିଆ ଉପକୃତ ହେବେ ବୋଲି ମହାସଂଘର ସଭାପତି ଡ. ବିପିନ ବିହାରୀ ମିଶ୍ର, ଉପସଭାପତି ବିଜୟ ପାଣିଗ୍ରାହୀ, କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସକ ଗୋପାଳ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଦାବି ଜଣାଇଛନ୍ତି। ଉକ୍ତ ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟକୁ ପଠାଯାଇଛି।

## ଫେରାରବେଳେ ବୃଦ୍ଧାଙ୍କୁ ମୁଣ୍ଡିଆ ମାରିଥିଲେ ଡକାୟତ

ଭୁବନେଶ୍ୱର,୭।୫ (ବ୍ୟୁରୋ)

### ନୂଆଗାଁ ଡକାୟତି ଘଟଣା

ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ବଳରାମନଗର ଲେନ୍-୧ ଅଞ୍ଚଳରେ ରହୁଥିବା ରଞ୍ଜିତା ପଣ୍ଡା ଓ ତାଙ୍କ ବୃଦ୍ଧା ମା’ ଆଶାଲତା ଘରେ ଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ୧୫ ଲକ୍ଷ ଟଙ୍କାର ଗହଣା ଓ ନଗଦ ୨୫ ହଜାର ନେଇ ଚମ୍ପଟ ମାରିଥିଲେ। ଡକାୟତମାନେ ଫେରାର ହେଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ତାହାକୁ ଯାଞ୍ଚ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡକାୟତି ସମୟର ଏକ ଘଟଣା ପୋଲିସକୁ ଚକିତ କରିଛି। ଡକାୟତମାନେ ସୁନା ଓ ଟଙ୍କା ନେଇ ପଳାଉଥିବାବେଳେ ଘଟଣାକୁ ଦେଖୁଥିବା ବୃଦ୍ଧା ଆଶାଲତା କାହିଁକି ଚୋରି କରୁଛ ବୋଲି ସେମାନଙ୍କୁ ପଚାରିଥିଲେ। ହେଲେ ଡକାୟତମାନେ ପେଟ ପାଇଁ କରୁଛୁ କହି କିଛି ସମୟ କଥା ହୋଇଥିଲେ। ଶେଷରେ ତାଙ୍କୁ ମୁଣ୍ଡିଆ ମାରି ଘର ଛାଡ଼ିଥିଲେ। ଖବର ପାଇ ଘଟଣାରେ ଧଉଳି ଥାନା ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ୫ ଜଣ ହିନ୍ଦୀ ଭାଷାଭାସି ଲୋକ ଆସି ଲୁଟ୍ କରିଥିବା ଜଣାପଡିଛି । ସିସିଟିଭି ଯାଞ୍ଚ କରାଯାଇ ତଦନ୍ତ କରାଯାଉଛି ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ। ସେହିପରି ନିକଟରେ ସାମନ୍ତରାପୁର ଛକରେ ଥିବା ଦେବୀଦୁର୍ଗା ଜୁଏଲର୍ସର ମାଲିକ ଓ ତାଙ୍କ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଉନି ପୋଲିସ । କେବଳ ସିସିଟିଭି ଫୁଟେଜକୁ ଧରି ତଦନ୍ତ ଚାଲିଥିବା କହି ସମୟ ଗଡ଼ାଥିବାରୁ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପୁସ୍ତକ, ଗ୍ରନ୍ଥାଗାରିକ ପରସ୍ପର ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର,୭।୫(ବ୍ୟୁରୋ)

ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୧ତମ ଜୟନ୍ତୀ ଓ ରାଜ୍ୟ ଗ୍ରନ୍ଥାଗାରର ପ୍ରଥମ ନିର୍ଦ୍ଦେଶକ ପ୍ରଫେସର ଡ.ଦେଶରାଜ କାଳିଆଙ୍କ ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଶନିବାର ରାଜ୍ୟ ଗ୍ରନ୍ଥାଗାରରେ ପାଳନ ହୋଇଯାଇଛି। ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱକବି ରବୀନ୍ଦ୍ରନାଥ ଓ ଡ. କାଳିଆଙ୍କ ଉପରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ପାଠିକା ସରନ୍ୟା ନାୟକ, ତାଙ୍କ ପିତା ଶିକ୍ଷାବିତ୍ ଏ.ଜି.କେ. ନାୟକ, ପ୍ରଶାସକ ହିମାଂଶୁ ଶେଖର ବେହେରାଙ୍କ ସହିତ ଶୟ ନିର୍ଲିଫର ଅହମ୍ମଦଙ୍କ ନେତୃତ୍ୱରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ସୂଚନା ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ। ଲେଖକ, ପ୍ରକାଶକ, ମୁଦ୍ରାକର, ବିତରକ, ବିକ୍ରେତା, ପାଠାଗାର, ପୁସ୍ତକ ଓ ଗ୍ରନ୍ଥାଗାରିକ ପରସ୍ପରର ଅବିଚ୍ଛେଦ୍ୟ ଅଙ୍ଗ। ଏହି ପରିପ୍ରେକ୍ଷୀରେ ପାଠକମାନଙ୍କୁ ଉନ୍ନତମାନର ମାର୍ଗଦର୍ଶନ ଯୋଗାଇବାରେ ଗ୍ରନ୍ଥାଗାରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ପଦ୍ମନାଭ ଜେନା, ରୁଦ୍ରପ୍ରସାଦ ବେହେରା, ବିଦ୍ୟାଧର ପଣ୍ଡା, କଣ୍ଠମଣି ବିଶ୍ୱାଳ, ମଞ୍ଜୁରାଣୀ ମୁଦୁଲି, ସଲିତା ପାତ୍ର, ଭିକାରିଚରଣ ସାହୁ, ଦେବେନ୍ ମହାନ୍ତଙ୍କ ସହ ପାଠକମାନେ କବି ଗୁରୁଙ୍କ ଜୀବନାଦର୍ଶ ଓ ତାଙ୍କ ରଚନାବଳୀ ଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ। ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ପାରମ୍ପରିକ ବସ୍ତ୍ରକୁ ନେଇ ପ୍ରଦର୍ଶନୀ

ଭୁବନେଶ୍ୱର,୭।୫(ବ୍ୟୁରୋ)

ଓଡ଼ିଶାର ପାରମ୍ପରିକ ବସ୍ତ୍ର ଓ ହାତରେ ତିଆରି ବିଭିନ୍ନ ଡିଜାଇନର ଶାଢ଼ି, ଗାଉନ, ଡ୍ରେସ୍, ଲହେଙ୍ଗାକୁ ନେଇ ଶନିବାର ଡିଜାଇନ ସଂସ୍ଥା କୌଶୟା ପକ୍ଷରୁ ଭୁବନେଶ୍ୱର କ୍ଲବଠାରେ ଏକ ହ୍ୟାଣ୍ଡଲୁମର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ସ୍ମିତା ଜେଷ୍ଟିଙ୍କ ଆୟୋଜିତ ଏହି ପ୍ରଦର୍ଶନୀକୁ ପାରମ୍ପରିକ ବସ୍ତ୍ର ଓ ହସ୍ତତନ୍ତର ପୃଷ୍ଠପୋଷକ ମାନୁ ଉକିଲ୍ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତିକୁ ପାରମ୍ପରିକ ବସ୍ତ୍ର ମାଧ୍ୟମରେ ଆଗକୁ ନେବାକୁ ଓ ଲୋକଙ୍କ ପାଖେ ଏହାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର,୭।୫(ବ୍ୟୁରୋ)

ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। କ୍ୟାମ୍ପସ୍‌ର ଶିଶୁ ଉଦ୍ୟାନରେ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆଇଏମ୍‌ଏମ୍‌ଟି କର୍ମଚାରୀଙ୍କ ପିଲାମାନେ ଫ୍ୟାନ୍ସିଡ୍ରେସ୍‌ରେ ପ୍ଲାଷ୍ଟିକ୍ ଗର୍ଲ ଏବଂ ସ୍ୱଚ୍ଛତା ଗର୍ଲ ଭାବେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ରଚନା, କୁଇଜ, ନାଚ, ଗୀତ, ଚିତ୍ରାଙ୍କନ ଏବଂ ଫ୍ୟାନ୍ସି ଡ୍ରେସ୍ ଆଦିର ଆୟୋଜନ କରାଯାଉଛି। ସମସ୍ତ ବିଭାଗ ମଧ୍ୟରେ ସ୍ୱଚ୍ଛତା ନିମନ୍ତେ ପ୍ରତିଯୋଗିତା କରାଯାଉଛି। ସ୍ୱଚ୍ଛତା ସଚେତନତା ନିମନ୍ତେ ପ୍ରଭାତ ପରିକ୍ରମା କରାଯାଇଥିଲା। ଡ. ବର୍ଷା ଦାସ, ଡ. ସନ୍ତୋଷ ବେହେରା, ଡ. ସୀମାନ୍ତିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରକ୍ ପଛରେ ପିଟିହେଲା କଣ୍ଟେନର





ଭୁବନେଶ୍ୱର,୭।୫(ବ୍ୟୁରୋ)

### ଡ୍ରାଇଭର ଗୁରୁତର

ଭୁବନେଶ୍ୱର ରସୁଲଗଡ଼ ଓଭରବ୍ରିଜ୍‌ରେ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ସାତଟାରେ ଏକ ଦୁର୍ଘଟଣା ଘଟିଛି। ଅଟକି ରହିଥିବା ଟ୍ରକ ପଛରେ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର ପିଟି ହୋଇଯିବାରୁ ଡ୍ରାଇଭର ଓ ହେଲ୍‌ପର ଚାପି ହୋଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରଥମେ ହେଲପରଙ୍କୁ ବାହାର କରିଥିଲେ। ପରେ କଟର ସାହାଯ୍ୟରେ କଣ୍ଟେନର କ୍ୟାବିନକୁ କାଟି ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ତେବେ ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଭିଡ଼ ଜମିବାରୁ ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିବା ସହ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିଥିଲା। ଆହତଦ୍ୱୟଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଟ୍ରକଟି ଭୁବନେଶ୍ୱରର ବୋଲି ସୂଚନା ମିଳିଛି।

## ମଧ୍ୟାହ୍ନଭୋଜନ ଖାଇ ୬ ଛାତ୍ରୀଛାତ୍ର ଅସୁସ୍ଥ

ନିରାକାରପୁର/ ଟାଙ୍ଗୀ, ୭।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବୋଡ଼ଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନ ଖାଇ ୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ପଞ୍ଚମ ଶ୍ରେଣୀର ଶୁଭଲକ୍ଷ୍ମୀ ସାମନ୍ତରାୟ ଓ ଶ୍ରଦ୍ଧାଞ୍ଜଳି ପ୍ରଧାନ, ଚତୁର୍ଥ ଶ୍ରେଣୀର ଶୁଭସ୍ମିତା ସେଠୀ, ତୃତୀୟ ଶ୍ରେଣୀର ବାସୁଦେବ ମହାପାତ୍ର, ଦ୍ୱିତୀୟ ଶ୍ରେଣୀର ଶୁଭଲକ୍ଷ୍ମୀ ସାହୁ ଏବଂ ପ୍ରଥମ ଶ୍ରେଣୀର ରାଜେଶ ସେଠୀ। ଚିକିତ୍ସା ପାଇଁ ଏମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



ମେଜର ରମାରମଣ ପାଢ଼ୀଙ୍କ ଦୁଇଟି ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶନିବାର ରାଜଭବନଠାରେ ଉନ୍ମୋଚନ କରୁଛନ୍ତି।

## ଭୁବନେଶ୍ୱରରେ ଲାଗିବ ଆଉ ୧ହଜାର ଲାଇଟ୍

ଭୁବନେଶ୍ୱର,୭।୫(ବ୍ୟୁରୋ)

- ୨ ସଂସ୍ଥା କରିବେ ରକ୍ଷଣାବେକ୍ଷଣ
- ୬୭ ୱାର୍ଡ ପାଇଁ ମାତ୍ର ୬ ଜମାଦାର ନିୟୋଜିତ

ଭୁବନେଶ୍ୱରରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ବିଏମ୍‌ସି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛି। ସହରକୁ ଆଲୋକୀକରଣ କରିବା ପାଇଁ ମୋଟ ୭୬ହଜାର ୨୬୭ଟି ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ସେଥିମଧ୍ୟରୁ ୯୦ ପ୍ରତିଶତ ଏଲ୍‌ଇଡି ଲାଇଟ୍ ରହିଛି। ଜାଗା ମିଶନ ଅନ୍ତର୍ଗତ ୩୧୯ଟି ବସ୍ତିରେ ୧୪ଶହରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ତଥାପି ସହରର ଏକାଧିକ ଅଞ୍ଚଳ ଏବେ ବି ଅନ୍ଧାରରେ ରହୁଛି। ଏଥିପାଇଁ ବିଏମ୍‌ସି ପକ୍ଷରୁ ଷ୍ଟ୍ରିଟ୍ ଲାଇଟ୍ ନ ଥିବା ଅଞ୍ଚଳର ସର୍ଭେ କରାଯାଇ ଚିହ୍ନଟ ହୋଇଥିବା ସ୍ଥାନରେ ୧ହଜାର ଏଲ୍‌ଇଡି ଲାଇଟ୍ ସହିତ ୧୦୦ଟି ପୋଲ୍, ହାଇମାଷ୍ଟ ଲାଇଟ୍, ୩୦ଟି ମିନିମାଷ୍ଟ ଲାଇଟ୍ ଏବଂ ୧୦୦ଟି ଫୋର୍ ଆର୍ମ ଲାଇଟ୍ ଲଗାଯିବ। ଏନେଇ ଟେଣ୍ଡର ପ୍ରକ୍ରିୟା ସରିଥିବାବେଳେ ୨ମାସ ମଧ୍ୟରେ କାମ ସରିବ। ୨୦୨୧-୨୨ରେ ୯ହଜାର ୩୯୦ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିବାବେଳେ ୨ହଜାର ୪୩୦ଟି ପୋଲ୍ ପୋତାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ରହିଥିବାବେଳେ ମେଣ୍ଟେନାନ୍ସ ଅଭାବରୁ ଲାଇଟ୍ ଜଳୁନାହିଁ। ଏହାର ରକ୍ଷଣାବେକ୍ଷଣର ଦାୟିତ୍ୱ ଦୁଇଟି କମ୍ପାନୀ ଯଥା ଇ-ସ୍ମାର୍ଟ ଏବଂ ନିଭ୍ ଏନର୍ଜିକୁ ଦିଆଯାଇଛି। କୌଣସି ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୭୧୧୬/ ୦୬୭୪୨୪୩୦୦୫୧ ଏବଂ ୭୬୮୨୮୮୯୮୯୮ ଜାରି କରାଯାଇଛି। ତେବେ ବିଏମ୍‌ସି ପକ୍ଷରୁ ଏଗୁଡ଼ିକର ଯାଞ୍ଚ କରିବା ପାଇଁ ଏକ ୧୦ଜଣିଆ ଆଇଟିଆଇ ଟିମ୍ ଓ ୬ଜଣ ଜମାଦାର ରହିଛନ୍ତି। ତେବେ ୬୭ଟି ୱାର୍ଡର ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ହଜାର ହଜାର ଲାଇଟ୍ ଲଗାଯାଇଥିବାବେଳେ ଏହାର ମରାମତି ପାଇଁ ମାତ୍ର ୬ଜଣ ଜମାଦାର ରହିବା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଲଗାଉଛି। ଏ ସମ୍ପର୍କରେ ବିଏମ୍‌ସିର ଇଲେକ୍ଟ୍ରି ବିଭାଗର ଜଣେ ଅଧିକାରୀ କହିଛନ୍ତି, ଅଳ୍ପ କର୍ମଚାରୀଙ୍କୁ ନେଇ କାମ କରିବାକୁ ପଡୁଛି। ଏ ନେଇ ଆମେ ମେୟର ଏବଂ କମିଶନରଙ୍କୁ ଅବଗତ କରାଇଛୁ। ଜମାଦାରଙ୍କ ବ୍ୟତୀତ ଯେଉଁ ଅଞ୍ଚଳରେ ଷ୍ଟ୍ରିଟ ଲାଇଟ୍ ସମସ୍ୟା ହେଉଛି, ସେଠାକାର ସ୍ଥାନୀୟ ଲୋକ ଏବଂ କର୍ପୋରେଟରମାନେ ଟୋଲ୍ ଫ୍ରି ନମ୍ବରରେ ସୂଚନା ଦେଉଛନ୍ତି। ଏହାପରେ ତୁରନ୍ତ ସେଠାକାର ଲାଇଟ୍‌କୁ ସଜଡ଼ା ଯାଉଛି।

# ରାଜସ୍ଥାନ ପ୍ଲେଅଫ୍ ନିକଟତର


ଏକ ଦର୍ଶନୀୟ ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

**ମୁମ୍ବାଇ, ୭।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୨୦ ଓଭର ଖେଳି ୫ ଉଇକେଟରେ ୧୮୯ ରନ୍ କରିଥିଲା। ଜବାବରେ ଯଶସ୍ୱୀ ଜୟସ୍ୱାଲ (୬୮)ଙ୍କ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ଯୋଗୁ ସଞ୍ଜୁ ସାମ୍ସନଙ୍କ ରାଜସ୍ଥାନ ୧୪ ପଏଣ୍ଟ ସହ ଅଙ୍କ ତାଲିକାରେ ତୃତୀୟ ସ୍ଥାନ ବଜାୟ ରଖିବା ସହ ପ୍ଲେ-ଅଫ୍‌ର ନିକଟତର ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମୟଙ୍କ ଅଗ୍ରୱାଲ। ପଞ୍ଜାବ ପାଇଁ ଜନି ବେଆରଷ୍ଟୋ(୫୬ ରନ୍, ୮ ଚୌକା ଓ ୧ ଛକା) ଓ ଶିଖର ଧାୱନ (୧୨)ଙ୍କ ଓପ୍‌ନିଂ ଯୋଡ଼ି ୪୧ ରନ୍ କରିଥିଲା। ରାଜସ୍ଥାନକୁ ପ୍ରଥମ ଉଇକେଟ ଆଣିଦେଇଥିଲେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ତା'ପରେ ଭାନୁକା ରାଜପାକ୍ସା(୨୭ ରନ୍, ୨ ଲେଖାଏ ଚୌକା ଓ ଛକା)ଙ୍କ ସହ ମିଶି ବେଆରଷ୍ଟୋ ଦଳୀୟ ସ୍କୋରକୁ ୮୯ ପର୍ଯ୍ୟନ୍ତ ନେଇଥିଲେ। ଚଳିତ ଆଇପିଏଲ୍‌ରେ ପ୍ରଥମ ଥର ମଧ୍ୟକ୍ରମରେ ବ୍ୟାଟିଂ କରିଥିବା ମୟଙ୍କ (୧୫) କିଛି ଖାସ୍ କରିପାରି ନ ଥିଲେ। ଶେଷ ଆଡ଼କୁ ଜିତେଶ ଶର୍ମା (୩୮* ରନ୍, ୪ ଚୌକା ଓ ୨ ଛକା) ଓ ଲିଆମ ଲିଭିଂଷ୍ଟୋନ (୨୨ ରନ୍, ୧ ଚୌକା ଓ ୨ ଛକା)ଙ୍କ ଉପଯୋଗୀ ଯୋଗଦାନ ଯୋଗୁ ପଞ୍ଜାବ ୧୮୯/୫ରେ ପହଞ୍ଚି ପାରିଥିଲା। ଯୁଜ୍‌ବେନ୍ଦ୍ର ଚହଲ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଅଶ୍ୱିନ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ରାଜସ୍ଥାନକୁ ବିସ୍ଫୋରକ ଆରମ୍ଭ ଦେଇଥିଲା ଜୟସ୍ୱାଲ ଓ ବଟ୍‌ଲରଙ୍କ ଓପ୍‌ନିଂ ଯୋଡ଼ି। ଦଳୀୟ ସ୍କୋର ୪ ଓଭରରେ ୪୬ ହୋଇଥିବା ବେଳେ ବଟ୍‌ଲର (୩୦ ରନ୍, ୫ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ତାଙ୍କ ପରେ ଅଧିନାୟକ ସଞ୍ଜୁ ୨୩ ରନ୍ କରି ପ୍ୟାଭିଲିଅନ ଫେରିଥିଲେ। କିନ୍ତୁ ଜୟସ୍ୱାଲ ଗୋଟିଏ ପକ୍ଷ ସମ୍ଭାଳି ଖେଳ ଜାରି ରଖିଥିଲେ। ତୃତୀୟ ଉଇକେଟ ପାଇଁ ଦେବଦତ୍ତ ପଡିକଲ (୩୧) ଓ ଜୟସ୍ୱାଲ ୫୬ ରନ୍ ଯୋଡ଼ି ଦଳକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଦୁଇ ବ୍ୟାଟରଙ୍କୁ ଅର୍ଶଦୀପ ସିଂ ପ୍ୟାଭିଲିଅନ ପଠାଇଥିଲେ। ଶେଷକୁ ୧୬ ବଲରେ ୩ ଚୌକା ଓ ୨ ଛକା ସହାୟତାରେ ଶିମରନ ହେଟମେୟରଙ୍କ ୩୧* ରନ୍‌ର ଇନିଂସ ଯୋଗୁ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପାଇଁ ଜୈଶ୍ୱାଲ ୪୧ ବଲରେ ୬୮ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଏଭଳି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପଞ୍ଜାବ ପାଇଁ ଅର୍ଶଦୀପ ୨ ଉଇକେଟ ପାଇଥିବା ବେଳେ କାଗିସୋ ରବାଡା ଓ ରିଶି ଧାୱନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ପଞ୍ଜାବ କିଙ୍ଗ୍ସ:** ୨୦ ଓଭରରେ ୧୮୯/୫(ଜନି ବେଆରଷ୍ଟୋ-୫୬, ଜିତେଶ ଶର୍ମା-୩୮*, ଭାନୁକା ରାଜପାକ୍ସା-୨୭, ଯୁଜ୍‌ବେନ୍ଦ୍ର ଚହଲ-୩/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୩୨)।

**ରାଜସ୍ଥାନ ରୟାଲ୍ସ:** ୧୯.୪ ଓଭରରେ ୧୯୦/୪ (ଯଶସ୍ୱୀ ଜୟସ୍ୱାଲ-୬୮, ଶିମର ହେଟମେୟର-୩୧*, ଦେବଦତ୍ତ ପଡିକଲ-୩୧, ଅର୍ଶଦୀପ ସିଂ-୨/୨୯, ରିଶି ଧାୱନ-୨/୨୫ )।

## ଆଇପିଏଲ୍-୧୫
### ଆଜିର ମ୍ୟାଚ

**ସନରାଇଜର୍ସ ହାଇଦ୍ରାବାଦ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

**ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୧ | ୮ | ୩ | ୧୬ | +୦.୭୦୩ |
| ଗୁଜରାଟ ଟାଇଟାନ୍ସ | ୧୧ | ୮ | ୩ | ୧୬ | +୦.୧୨୦ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୬ | ୫ | ୧୨ | -୦.୪୪୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | +୦.୬୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୫ | ୫ | ୧୦ | +୦.୩୨୫ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୪ | ୭ | ୮ | -୦.୩୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୨ | ୮ | ୪ | -୦.୭୨୫ |

# ଶୀର୍ଷରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ


ଗୋଟିଏ ଓଭରରେ ଆଣ୍ଡ୍ରେ ରସେଲ ଓ ଅନୁକୂଳ ରୟଙ୍କୁ ଆଉଟ କରିବା ପରେ ଆଭେସ୍ ଖାନ୍ (ବାମ)।

**ପୁଣେ,୭।୫:** ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୭୫ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍)କୁ ହରାଇ ଦେଇଛି। ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିଥିବା ବେଳେ କେକେଆର୍ ୧୦୧ ରନ୍‌ରେ ସୀମିତ ରହିଥିଲା। ଏହି ବିଜୟ ଯୋଗୁ ୧୬ ପଏଣ୍ଟ ସହ ଲକ୍ଷ୍ନୌ ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ପରାଜୟ ସହ କୋଲକାତାର ପ୍ଲେଅଫ୍ ଆଶା ପ୍ରାୟତଃ ଶେଷ ହୋଇଛି। କେକେଆର୍ ଅଧିନାୟକ ଶ୍ରେୟାସ ଆୟାର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ମ୍ୟାଚ୍‌ର ପ୍ରଥମ ଓଭରରେ ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ କୌଣସି ବଲ ଖେଳିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ। ୩ ନଂରେ ଆସିଥିବା ଦୀପକ ହୁଡାଙ୍କ ସହ ଅନ୍ୟତମ ଓପନର କ୍ୱିଣ୍ଟନ ଡି'କକ୍ ମିଶି ପାୱରପ୍ଲେରେ ପ୍ରତିପକ୍ଷ ବୋଲରଙ୍କୁ ନିର୍ଘାତ ପ୍ରହାର କରିଥିଲେ। ଦୁହେଁ ୭ ଓଭରରେ ୭୧ ରନ୍ ଯୋଡ଼ିଥିଲେ। ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଡି'କକ୍‌ଙ୍କୁ ୮ମ ଓଭରରେ ପ୍ୟାଭିଲିଅନ ବାଟ ଦେଖାଇଥିଲେ ସୁନିଲ ନାରିନ। ଆଉଟ୍ ହେବା ପୂର୍ବରୁ ସେ ୪ ଚୌକା ଓ ୩ ଛକା ସହାୟତାରେ ୫୦ ରନ୍ କରିଥିଲେ। ସେହିଭଳି ହୁଡା (୨୭ ବଲରେ ୪୧ ରନ୍, ୪ ଚୌକା ଓ ୨ ଛକା) ଓ କ୍ରୁନାଲ ପାଣ୍ଡ୍ୟା (୨୫) ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତା' ପରେ ୧୯ତମ ଓଭରରେ ଶିଭମ ମାଭିଙ୍କ ପ୍ରଥମ ୩ ବଲରେ ଛକା ଲଗାଇବା ପରେ ଚତୁର୍ଥ ବଲରେ ଆଉଟ୍ ହୋଇଥିଲେ ମାର୍କସ ଷ୍ଟୋଇନିସ(୨୮)। ପରବର୍ତ୍ତୀ ଦୁଇ ବଲରେ ଦୁଇଟି ଛକା ମାରିଥିଲେ ଜାସନ ହୋଲ୍ଡର (୧୩)। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିବାକୁ ସକ୍ଷମ ହୋଇଥିଲା। କେକେଆର୍ ପକ୍ଷରୁ ଆଣ୍ଡ୍ରେ ରସେଲ ୨ ଉଇକେଟ ନେଇଥିବା ବେଳେ ଟିମ୍ ସୌଦି, ମାଭି ଓ ନାରିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କେକେଆର୍‌ର ଟପ୍ ଅର୍ଡର ଫେଲ ମାରିଥିଲା। ପ୍ରଥମ ଓଭରରେ ବାବା ଇନ୍ଦ୍ରଜିତ (୦) ଖାତା ଖୋଲିବା ପୂର୍ବରୁ ମୋହିସିନ ଖାନଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ପରେ ଅଧିନାୟକ ଶ୍ରେୟାସ (୬) ବଡି ଲାଇନ୍ ବାଉନ୍ସର ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଆରୋନ ଫିଞ୍ଚ (୧୪) ଓ ନୀତୀଶ ରାଣା (୩) ବିଫଳ ହେବାରୁ କେକେଆର୍ ୨୫ ରନ୍ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଯାଇଥିଲା। ତା' ପରେ ରସେଲ ଛକା ବର୍ଷା କରିଥିଲେ। ସେ ୧୯ ବଲରେ ୪୫ ରନ୍ କରିଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୫ ଛକା ସାମିଲ ଥିଲା। ଦଳ ମାତ୍ର ୧୪.୩ ଓଭରରେ ୧୦୧ ରନ୍‌ରେ ଅଲଆଉଟ୍ ହୋଇଥିଲା। ଆଭେସ୍ ଖାନ୍ ୧୯ ରନ୍ ବିନିମୟରେ ୩ ଇଉକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ:** ୨୦ ଓଭରରେ ୧୭୬/୭(କ୍ୱିଣ୍ଟନ ଡି'କକ୍-୫୦, ଦୀପକ ହୁଡା-୪୧, ମାର୍କସ ଷ୍ଟୋଇନିସ-୨୮, ଆଣ୍ଡ୍ରେ ରସେଲ-୨/୨୨, ଟିମ୍ ସୌଦି-୧/୨୮)।

**କୋଲକାତା ନାଇଟ୍ ରାଇଡର୍ସ:** ୧୪.୩ ଓଭରରେ ୧୦୧/୧୦(ଆଣ୍ଡ୍ରେ ରସେଲ ୪୫, ସୁନିଲ ନାରିନ ୨୨, ଅଭେସ ଖାନ-୩/୧୯, ଜାସନ ହୋଲ୍ଡର-୩/୨୯)।

# ଭୁବନେଶ୍ୱରରେ ହେବ ଇଣ୍ଡିଆନ୍ ଗ୍ରାଁ ପ୍ରି

**ଭୁବନେଶ୍ୱର, ୭।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସରକାର ଓ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଏବଂ ଓଡ଼ିଶା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଇଣ୍ଡିଆନ ଗ୍ରାଁ ପ୍ରି-୩ ଓ ଇଣ୍ଡିଆନ ଗ୍ରାଁ ପ୍ରି-୪ ଭୁବନେଶରରେ ଯଥାକ୍ରମେ ଚଳିତ ମାସ ୨୧ ଓ ୨୪ରେ ଅନୁଷ୍ଠିତ ହେବ। ପୂର୍ବରୁ ଏହି ଇଭେଣ୍ଟ ମଦୁରାଇରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଆଥଲେଟ୍‌ମାନଙ୍କ ପାଇଁ ଉନ୍ନତ ବ୍ୟବସ୍ଥା ରହିଥିବାରୁ ଇଭେଣ୍ଟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ସ୍ଥଗିତ ରଖାଯାଇଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ ଲାଗି ଏହି ଆଥଲେଟିକ୍ ମିଟ୍ ଦୁଇଟିର ବିଶେଷ ଗୁରୁତ୍ୱ ରହିଛି। ଉଭୟ ମିଟ୍‌ରେ ମୋଟ ୧୭ଟି ଇଭେଣ୍ଟ ହେବ। ତନ୍ମଧ୍ୟରେ ମହିଳା ପାଇଁ ୯ ଏବଂ ପୁରୁଷ ପାଇଁ ୮ ଇଭେଣ୍ଟ ରହିଛି। ଆଥଲେଟିକ ମିଟ୍ ଦୁଇଟି ଉଭୟ ଦିବସ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

# ବଧିର ଅଲିମ୍ପିକ୍ସ: ଅଭିନବଙ୍କୁ ସ୍ୱର୍ଣ୍ଣ ପଦକ


ଅଭିନବ ଦେଶୱାଲ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ବ୍ରାଜିଲର କାକ୍ସିଆସ ଡୁ ସୁଲ୍‌ଠାରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସରେ ଭାରତ ଶୁଟିଂରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଅଭିନବ ଦେଶୱାଲ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଛନ୍ତି। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ଉତ୍ତରାଖଣ୍ଡ ଅନ୍ତର୍ଗତ ରୁର୍କି ବାସିନ୍ଦା ଏହି ୧୫ ବର୍ଷୀୟ ଶୁଟର ରୌପ୍ୟ ବିଜେତା ୟୁକ୍ରେନ୍‌ର ଓଲେକ୍ସି ଲେଜ୍‌ବେନିକ୍ (୨୩୪.୨) ସହ ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ଅନୁଷ୍ଠିତ ଶୁଟ୍ ଅଫ୍‌ରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୦.୩-୯.୭ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଚାଇନିଜ ତାଇପେର ହୁ ମିଙ୍ଗ୍ ଜୁଇ ବ୍ରୋଞ୍ଜ ଜିତିଥିଲେ। ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିବା ଶୁଭମ ବଶିଷ୍ଠ ୫୬୩ ପଏଣ୍ଟ ସ୍କୋର କରିବା ସହ ୬ଷ୍ଠ ସ୍ଥାନରେ ରହିଥିଲେ। ବଧିର ଅଲିମ୍ପିକ୍ସ ଶୁଟିଂ ପ୍ରତିଯୋଗିତାରେ ବର୍ତ୍ତମାନ ଭାରତର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ଧନୁଷ୍ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସମାନ ଇଭେଣ୍ଟରେ ସୌର୍ଯ୍ୟ ସଇନି ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପରେ ଗୁରୁବାର ବେଦିକା ଶର୍ମା ମହିଳା ୧୦ ମିଟର ଏୟାର ପିସ୍ତଲରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ରାଜିଲ ବଧିର ଅଲିମ୍ପିକ୍ସକୁ ଭାରତ ୬୫ ଜଣିଆ ଦଳ ପଠାଇଛି। ତନ୍ମଧ୍ୟରେ ୧୦ ଶୁଟର ରହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ
ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୭।୫(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରେସ୍‌ଲିଂ ଆସୋସିଏଶନ ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଶନିବାର ୨୩ ଓ ୧୫ ବର୍ଷରୁ କମ୍ ଉଭୟ ମହିଳା ଏବଂ ପୁରୁଷ ବିଭାଗର ବିଭିନ୍ନ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହୋଇଯାଇଛି। ୨୩ ବର୍ଷରୁ କମ୍ ପୁରୁଷ ବିଭାଗରେ ପୁରୀର ବାପି ଦାସ (୫୭ କେଜି), ସଦାଶିବ ବାରିକ (୬୧ କେଜି), ପବିତ୍ର ସାହୁ (୬୫ କେଜି), ସମ୍ବଲପୁରର କାହ୍ନୁ ଚରଣ ସ୍ୱାଇଁ (୭୦ କେଜି), ପୁରୀର କିରଣ ଦଳାଇ (୭୪ କେଜି), ରୁଦ୍ରନାରାୟଣ ମହାପାତ୍ର (୭୯ କେଜି), କଟକର ବାଦଲ ସାମଲ(୮୬ କେଜି), ପୁରୀର ସୁଦର୍ଶନ ଦିକ୍ଷିତ (୯୧କେଜି) ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ପୁରୀର ସୁପ୍ରିୟା ମହାପାତ୍ର (୫୦ କେଜି), ଆଲୋକରଶ୍ମି ଗୁରୁ (୫୩ କଜି), କଟକର ରୋଜାଲିନ ପାଲ (୫୫ କେଜି), ବିସ୍ୱଟି ସାମଲ (୫୯କେଜି), ପୁରୀର ଦିବ୍ୟଜ୍ୟୋତି ନାୟକ (୬୨ କେଜି), କଟକର ମିତାଲି ନାୟକ (୬୫ କେଜି), ପୁରୀର ପୂଜା ମହାରଣା (୬୮ କେଜି) ଏହିସବୁ ବର୍ଗରେ ଶୀର୍ଷ ସଫଳତା ପାଇଛନ୍ତି। ସେହିଭଳି ୧୫ ବର୍ଷରୁ କମ୍ ବାଳକ ବିଭାଗର ୩୮, ୪୧, ୪୪, ୪୮, ୫୨, ୫୭, ୬୨ ଓ ୬୮ କେଜି ବର୍ଗରେ ଯଥାକ୍ରମେ ପୁରୀର ଜି. କିରଣ, ଶୁଭମ ସାହୁ, ଦେବାଶିଷ ପାଣିଗ୍ରାହୀ, ଆର୍ଯ୍ୟନ ସାହୁ, ସସ୍ମିତ ସାହୁ, ପ୍ରଭାସ ରଞ୍ଜନ ପ୍ରଧାନ, କୃଷ୍ଣ ଚନ୍ଦ୍ରନ ପଣ୍ଡା ଓ ଖୋର୍ଦ୍ଧାର ଆଦିତ୍ୟ ଅମ୍ଳାନ ରାଉତ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବର୍ଗର ୩୩, ୩୬, ୩୯, ୪୨, ୪୬, ୫୦, ୫୪, ୫୮ କେଜି ବର୍ଗରେ ଯଥାକ୍ରମେ ପ୍ରୀତିଶ୍ରୀ ପରିଡ଼ା (ପୁରୀ), ଶୁଭଲକ୍ଷ୍ମୀ ପାଲ (କଟକ), ଜ୍ୟୋତି ସେଠୀ (କଟକ), ପୁତା ସେଠୀ (କଟକ), ଅନ୍ନପୂର୍ଣ୍ଣା ନାୟକ (କଟକ), ଶ୍ରଦ୍ଧାଶ୍ରୀ ଉପାଧ୍ୟାୟ (ପୁରୀ), ସୋନିଆ ନାୟକ (କଟକ) ଓ ଚାନ୍ଦିନୀ ବେଗମ୍ (କଟକ) ପ୍ରମୁଖ ବିଜୟୀ ହୋଇଛନ୍ତି।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ ବୀଣାପାଣି ହରିଚନ୍ଦନ
ସ୍ୱାମୀ- ଶଶୀଭୂଷଣ ହରିଚନ୍ଦନ
ନୂଆପଲ୍ଲୀ, ଭୁବନେଶ୍ୱର ।
ଆବିର୍ଭାବ- ୦୯.୦୮.୧୯୪୭
ତିରୋଧାନ- ୨୮.୦୪.୨୦୨୨
ଚାହୁଁ ଚାହୁଁ ୧୧ଦିନ ବିତିଗଲା । ଏବେ ବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଛ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :- ବୁନୁ, ପୁକୁ, କୁନା, ଟିଟୁ, ମିତା, ଗୁଲୁ, ଦର୍ଶନା ଓ ଚୁମକି ।
ଧ-୩୫୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ନୀଳକଣ୍ଠ ମହାନ୍ତି
ଏନ୍-୪/୨୫୫, ଆଇଆରସି ଭିଲେଜ୍, ଭୁବନେଶ୍ୱର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ଆଜି ବି ଆପଣଙ୍କ ଅନୁପସ୍ଥିତି ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆମକୁ ଶୋକସାଗରରେ ଭସାଇଦେଇ ପ୍ରଭୁଙ୍କ କୋଳକୁ ବାହୁଡ଼ିଗଲେ । ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ପାଇ ପ୍ରେରଣାର ଉତ୍ସ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ଧର୍ମପତ୍ନୀ-ସୁରବାଳା ମହାନ୍ତି, ପୁତ୍ର-ସୁଜିତ, ପୁତ୍ରବଧୂ-ଲକି, କନ୍ୟା-ନାରାୟଣୀ, ଜ୍ୱାଇଁ-ଉପେନ୍ଦ୍ର, ନାତି-ଅଭିଷେକ, ସତ୍ୟମ୍, ବନ୍ଧୁ, ପରିବାରବର୍ଗ
ଧ-୭୧୦୩୩

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ନୃସିଂହ ଚରଣ ମହାନ୍ତି
କିଆଡିଗିରି, ନୂଆଡିହି, ଏରସମା, ଜଗତସିଂହପୁର
ଆବିର୍ଭାବ : ୨୦.୦୮.୧୯୪୧
ତିରୋଧାନ : ୧୯.୦୫.୨୦୨୧
ତୁମେ ଆମକୁ ଛାଡ଼ିଯିବାର ଦେଖୁ ଦେଖୁ ବର୍ଷେ ବିତିଗଲା । ତୁମେ ଥିଲ ଆମ ଜୀବନର ସ୍ପନ୍ଦନ । ଆମ ଆଖିର ଆଲୋକ, ଆମ ଆନନ୍ଦର ଉତ୍ସ, ଆମ ପାଇଁ ପୋତି ଦେଇଥିଲ ମାନବତାର ମାଇଲଖୁଣ୍ଟ । ତୁମେ ଗଲାପରେ ଆମେ ଜୀଉଛୁ ସ୍ପନ୍ଦନହୀନ ଏକ ନିଷ୍ପ୍ରଭ ଜୀବନ । ତୁମେ ସ୍ୱର୍ଗରେ ଆନନ୍ଦରେ ଥାଅ, ଅମରତ୍ୱ ପ୍ରାପ୍ତ କର, ଏତିକି ପ୍ରାର୍ଥନା ।
॥ତୁମର॥
ହତଭାଗ୍ୟ ବଡ଼ଭାଇ-ସାଧୁଚରଣ, ସାନଭାଇ-ଶ୍ୟାମସୁନ୍ଦର
ହତଭାଗିନୀ ସ୍ତ୍ରୀ - ସୁରମା,
ହତଭାଗ୍ୟ ପୁତ୍ର-ଚଗଲା, ପାଗଳା, ବୋହୂ-ରଶ୍ମୀ, ଲୋପା
ଝିଅ-ମାଳିନୀ, ନିନି, ଜ୍ୱାଇଁ-ବଳରାମ, ସଂଜୀବ,
ନାତିନାତୁଣୀ-ଶୁଭମ, ଲିକୁନ୍, ସାନି,
ପୁତୁରା-ଝିଆରୀ, ଭଣଜା-ଭାଣିଜି ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୩୬୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଦେବକୀ ପୋଥାଳ
(ସ୍ୱାମୀ- ୰ରାମଚନ୍ଦ୍ର ପୋଥାଳ)
ଶ୍ୟାମଦାସପୁର, କୁଜାହାଲା, ଯାଜପୁର
ତିରୋଧାନ: ୨୮।୦୪।୨୦୨୨
ମା', ତୋର କୋମଳ କୋଳର ଆଶ୍ରା, ପଣତର ଛାଇ ଓ ଅନାବିଳ ସ୍ନେହ, ମମତା ପାଖରେ ଆମେ ଚିର ଋଣୀ। ତୋର ପୂଜିତ ଗିରିଧାରୀ ଓ ଗୋବିନ୍ଦଙ୍କ ପାଖରେ ଏତିକି ପ୍ରାର୍ଥନା। ତୋର ପବିତ୍ର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ଝିଅ: ଲିଲି (ବୁଢ଼ୀ), ଜ୍ୱାଇଁ: ହୃଷୀକେଶ (ହୃଷୀ), ନାତି: ସୁନୁ (ହୃଦୟ ରଞ୍ଜନ), ନାତୁଣୀ: ଲିସି (ନିରାଲୀ) ।
ଧ-୬୫୯୨୯



# ମା’

## ମା’ ପାଇଁ ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ

*ଅଭିଷେକ ମହାନ୍ତି (କର୍ମଜୀବୀ, ଭୁବନେଶ୍ୱର)*– ଯାହା ହାତରନ୍ଧା ଖାଇଲେ ସବୁ କ୍ଷୁଧା ମେଣ୍ଟିଯାଏ, ଯାହା ପଣତକାନି ତଳେ ସବୁ ଡର ଛାଡ଼ିଯାଏ, ଯିଏ ସ୍ନେହରେ ଜାବୁଡି ଧରିଲେ ସବୁ ଦୁଃଖ ମେଣ୍ଟିଯାଏ, ସିଏ ମୋ ଅତି ଆପଣାର ମା’ (ପୁଷ୍ପଲତା ମହାନ୍ତି)। ତା’ର ସ୍ନେହ, ଶ୍ରଦ୍ଧା ଆଉ କର୍ତ୍ତବ୍ୟପରାୟଣତା ଆଗରେ ଆମେ ଭାଇଭଉଣୀ ଋଣୀ। କାରଣ ଖୁବ୍ କମ୍ ବୟସରୁ ବାପାଙ୍କୁ ହରାଇଲା ପରେ ମୋ ସହ ଆଉ ଦୁଇ ସନ୍ତାନଙ୍କୁ ବଡ଼ କରିବା ଲାଗି ମା’ ସହିଥିବା କଷ୍ଟକୁ ଦେଖିଛି। କାହାରି ବିନା ସହଯୋଗରେ ଜଣେ ଏକାକୀ ମା’ ପାଇଁ ତିନି ସନ୍ତାନଙ୍କୁ ପାଳିବା ଯେ କେତେ ବଡ଼ ଚ୍ୟାଲେଞ୍ଜ ତାହା ଅନୁଭବ କରିଛି। ସବୁ ସମୟରେ ଏବଂ ସବୁ ପରିସ୍ଥିତିରେ ସେ ଆମକୁ ଅଣ୍ଟା ସଳଖି ଚାଲିବା ଶିଖାଇଛି। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ସେଥିରେ ମୋ ମା’ର ଅବଦାନ ଅତୁଳନୀୟ। ତେଣୁ ଏଭଳି ମା’ ପାଇଁ ଆଜି ଗୋଟିଏ ଦିନ ନୁହେଁ, ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ।

## କଷ୍ଟ ଲୁଚାଇ ମୋତେ ହସାଏ

***ବିଶ୍ୱରୂପା ପ୍ରିୟଦର୍ଶିନୀ, ପୁରୀ***– ମୋ ମନରେ ଛପି ରହିଥିବା ପ୍ରତ୍ୟେକ ଅକୁହା କଥାକୁ ମା’ (ବିଜୟଲକ୍ଷ୍ମୀ ସାହୁ)ଠୁ ଭଲ ଭାବରେ ଆଉ କିଏ ବା ବୁଝିପାରେ! ପିଲାବେଳୁ ବାବା ମୋ ପାଖରେ ନାହାନ୍ତି, ଏକଥା ସେ କେବେ ଅନୁଭବ କରିବାକୁ ଦେଇନି। ଦିନରୁ ରାତି ଭିତରେ ତା’ର ଯେମିତି ବଡ଼ ଟେନ୍ସନ ମୋତେ ଖୁଆଇବା। ମମି ପେସାରେ ଶିକ୍ଷୟିତ୍ରୀ, ଚାକିରି କରିବା ସହ ଏକାକୀ ମୋର ଦାୟିତ୍ୱ ନେବା ପାଇଁ ସେ କେତେ କଷ୍ଟ କରେ ସେ କଥା ବଖାଣିବାକୁ ଭାଷା ନିଅଣ୍ଟ। ଯେତେ ବ୍ୟସ୍ତ ଥିଲେ ମଧ ଦିନଯାକ ମୋ ଖାଇବାଠୁ ଆରମ୍ଭ କରି ସ୍ୱାସ୍ଥ୍ୟ ଠିକ୍ ଅଛି ନା ନାହିଁ ପ୍ରତ୍ୟେକ କଥା ବୁଝିଥାଏ। ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଏତେ ଅସୁବିଧାରେ ଥାଇ ବି ସେ କେବେହେଲେ ମୋତେ ଟାଣ କଥା ପଦେ ବି କୁହେନି। ପ୍ରତ୍ୟେକ କାର୍ଯ୍ୟରେ ଏବଂ ଯେକୌଣସି ପରିସ୍ଥିତିରେ ମମି ମୋ ପଛରେ ସବୁବେଳେ ଠିଆ ହୋଇଥାଏ। ଆଉ ମୋର ପ୍ରତିଟି କାମ ପାଇଁ ମୋତେ ଉତ୍ସାହିତ କରେ। ମମି ପାଇଁ ଏତିକି କହିବି, ତା’ ଛଡା ଦୁନିଆରେ ମୋର କେହି ନାହିଁ। ସେ ପାଖରେ ରହିଲେ ମୋତେ ଦୁନିଆର ସବୁ ଖୁସି ମିଳିଯାଏ।

## ମା’ ପାଇଁ ମୁଁ ଆଜି ଗର୍ବିତ

***ଶୁଭମ୍ ପାତ୍ର*** (ବ୍ରହ୍ମପୁର)– ମା’ (ସନ୍ତୋଷୀ ପାତ୍ର) ବିନା ଜୀବନରେ କୌଣସି କାର୍ଯ୍ୟ ସଫଳ ହେବା ସମ୍ଭବପର ନୁହେଁ। କାରଣ ଦୀର୍ଘ ବର୍ଷ ଅନେକ କଷ୍ଟ ସହି ସେ ହିଁ ଏକାକୀ ଆମ ଦୁଇ ଭାଇ ଭଉଣୀଙ୍କୁ ସମ୍ଭାଳିଛି। ଆମେ ଛୋଟ ଥିବା ବେଳେ ଶାରୀରିକ ଅସୁସ୍ଥତା କାରଣରୁ ବାପାଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ପରିବାର ଚଳାଇବା ସହ ନିଜର ଦୁଇଟି ସନ୍ତାନଙ୍କୁ ପଢ଼ାଇ ଭଲ ମଣିଷ କରିବା ମା’ ପାଇଁ ଚିନ୍ତା ପାଲଟିଥିଲା। କିନ୍ତୁ ମା’ ହାର ମାନି ନ ଥିଲା ବରଂ ଏକ ଘରୋଇ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ସେଥିରୁ ମିଳୁଥିବା ସ୍ୱଳ୍ପ ଅର୍ଥରେ ସେ ଆମକୁ ପାଠ ପଢ଼ିବା ଲାଗି ସମସ୍ତ ସୁବିଧା ଯୋଗାଇ ଦେଇଥିଲା। ମା’ର ଆଶୀର୍ବାଦ ଓ ସହଯୋଗ କାରଣରୁ ଆଜି ମୁଁ ଏକ ଘରୋଇ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ ପାଇବାରେ ସଫଳ ହୋଇଛି। ସେହିପରି ମୋ ଭଉଣୀ ମଧ ପାଠପଢ଼ା ଜାରି ରଖିଛି। ଏଭଳି ଜଣେ ମା’ କୋଳରେ ଜନ୍ମ ନେଇ ଆମେ ବହୁତ ଗର୍ବିତ। ଭବିଷ୍ୟତରେ ଆହୁରି ଭଲ ଜବ୍ କରି ମା’ ଆମ ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରି ତା’ ମୁହଁରେ ହସ ଫୁଟାଇବା ଆମର ଏକ ମାତ୍ର ଲକ୍ଷ୍ୟ।

## ମା’ ହିଁ ମୋ ସାହସ

***ପବିତ୍ର କୁମାର ପ୍ରଧାନ*** *(ନିଆଳି, କଟକ)*– ମା’ (ଝୁନାଲତା ପ୍ରଧାନ) ମୋ ପାଇଁ ଏମିତି ଏକ ଶବ୍ଦ, ଯାହାର ଉଚ୍ଚାରଣ ମାତ୍ରେ ମୋ ମନରେ ସାହସ ଭରିଯାଏ। କାରଣ ସ୍କୁଲ୍‌ରେ ପଢ଼ିବା ବେଳେ ଯେବେ ହଠାତ୍ ବାପା ଚାଲିଗଲେ ଆମ ପାଇଁ ପୃଥିବୀ ଯେମିତି ଅନ୍ଧାର ହୋଇଗଲା। ପରିବାରରେ ଖେଳି ଯାଇଥିଲା ଦୁଃଖର ଛାୟା। କେମିତି ପରିବାର ଚଳିବ, କେମିତି ପିଲା ମଣିଷ ହେବେ ଇତ୍ୟାଦି ଚିନ୍ତାରେ ମା’ ଭାଙ୍ଗିପଡିଥିଲା। ତଥାପି ସେ ନିଜକୁ ସମ୍ଭାଳି ଆମକୁ ମଣିଷ କରିବା ଲାଗି ଚେଷ୍ଟା ଜାରି ରଖିଲା। ଯେତେ କଷ୍ଟରେ ଥିଲେ ବି ସେ ଆମକୁ ବାପାଙ୍କ ଅଭାବ ଅନୁଭବ ହେବାକୁ ଦେଇନି। ଆମ ମୁହଁରେ ହସ ଫୁଟାଇବାକୁ ନିଜ କଷ୍ଟକୁ ଲୁଚାଇ ରଖିଛି। ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାକୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇ ଦେଇଛି। ସତ କହିଲେ ମା’ ହେଉଛି ମୋର ସବୁଠୁ ବଡ ସାହସ। ତା’ ମୁହଁକୁ ଥରେ ଚାହିଁଦେଲେ ଦୁନିଆରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ମନେ ହୁଏ।

–ପୌର୍ଣ୍ଣମାସୀ

**ମା’। ଯାହା ପାଖରେ ଭରିରହିଛି ସନ୍ତାନ ପ୍ରତି ଅମାପ ସ୍ନେହ, ମମତା ଓ ଭଲଭାଇବା। ତା’ର ପ୍ରତିଟି ସମୟ ନିଜ ସନ୍ତାନ ପାଇଁ ଉତ୍ସର୍ଗୀକୃତ। ସନ୍ତାନଙ୍କୁ ସବୁ ଖୁସି ଆଉ ସୁବିଧା ସୁଯୋଗ ଅଜାଡ଼ି ଦେଇ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବାରେ ଯେମିତି ତା’ର ଶ୍ରମ ହୁଏ ସାର୍ଥକ। ତେବେ ସମାଜରେ ଏଭଳି କେତେଜଣ ମା’ ରହିଛନ୍ତି, ଯେଉଁମାନେ ନିଜର ଜୀବନସାଥୀଙ୍କୁ ବିଭିନ୍ନ କାରଣରୁ ହରାଇ ମଧ ନିଜ ସନ୍ତାନକୁ ଭଲ ମଣିଷ ଗଢ଼ିବାରେ ସଫଳ ହୋଇଛନ୍ତି। ଆଜି ମଦର୍ସ ଡେ’ ଅବସରରେ ନିଜର ସେଭଳି ମା’ଙ୍କ ସମ୍ପର୍କରେ ଯାହା କୁହନ୍ତି ଏମାନେ...**


ମା’ ପୁଷ୍ପଲତାଙ୍କ ସହ ଅଭିଷେକ


ମା’ ବିଜୟଲକ୍ଷ୍ମୀଙ୍କ ସହ ବିଶ୍ୱରୂପା


ମା’ ଝୁନାଲତାଙ୍କ ସହ ପବିତ୍ର


ମା’ ସନ୍ତୋଷୀଙ୍କ ସହ ଶୁଭମ୍ ଏବଂ ଶୁଭଶ୍ରୀ





## ଏ ସପ୍ତାହର ପ୍ରଶ୍ନ

୧– ରିପୋର୍ଟ ଅନ୍ କରେନ୍ସି ଆଣ୍ଡ ଫାଇନାନ୍ସ ................ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥାଏ ?
୨– ସେମିକନ୍ ଇଣ୍ଡିଆ କନ୍‌ଫରେନ୍ସ–୨୦୨୨.......... ଠାରେ ଆୟୋଜିତ ହୋଇଛି ?
୩– ଲିଫ୍ଟର ଉଦ୍ଭାବକ.............. ?
୪– ଇଣ୍ଟର ପାର୍ଲିଆମେଣ୍ଟାରୀ ୟୁନିଅନ୍‌ର ହେଡ୍‌କ୍ୱାର୍ଟର.......... ଠାରେ ଅବସ୍ଥିତ ?
୫– ମିଲ୍କ ଟ୍ରେ ପ୍ରଥମ ଥର........... ମସିହାରେ ପ୍ରସ୍ତୁତ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଆମେରିକା
୨ ସେଲ୍ୟୁଲଏଡ୍
୩ ଭାରତ
୪ ଡାଇଓପ୍ଟର
୫ ପାରୁଚ୍ଛ ଘଷି

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ବିଭାସ ମହାନ୍ତ, ବାରିପଦା


ପ୍ରଶାନ୍ତ କର, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## କାର୍ଟୁନ୍ ପ୍ରିଣ୍ଟ ଫ୍ୟାଶାନ



**ଯୁବପିଢ଼ି ସବୁବେଳେ କ୍ଲାସି ଲୁକ୍ ପାଇଁ ନୂଆ ନୂଆ ଭେରାଇଟିର ଡ୍ରେସ୍, ଶୁଜ୍, ଶାଢ଼ି ଇତ୍ୟାଦି ଟ୍ରାଏ କରିଥାଆନ୍ତି। ତେବେ ମାର୍କେଟ୍‌ରେ ଏବେ କାର୍ଟୁନ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଟ୍ରେଣ୍ଡ କରୁଛି। ଏହାକୁ ପିନ୍ଧିଲେ ଆପଣ ସମସ୍ତଙ୍କଠାରୁ ଆଟ୍ରାକ୍ଟିଭ୍, ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଲୁକ୍ ମଧ ପାଇପାରିବେ...**

**ଟି–ଶାର୍ଟ:** ଆପଣ ଫର୍ମାଲ ଟି–ଶାର୍ଟ ପିନ୍ଧିବାକୁ ଭଲ ପାଉଛନ୍ତି କି ? ତେବେ କାର୍ଟୁନ୍ ପ୍ରିଣ୍ଟର ଟି–ଶାର୍ଟ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାକୁ ପିନ୍ଧି ଆପଣ ସମସ୍ତଙ୍କଠାରୁ ୟୁନିକ୍ ଦେଖାଯିବେ। ଯୁବକ ହୁଅନ୍ତୁ କି ଯୁବତୀ, ଏହି ଟି–ଶାର୍ଟ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ। କୌଣସି ଟ୍ରିପ୍‌ରେ ଯାଉଥିଲେ ଏଥିରେ ଶର୍ଟ୍ସ କିମ୍ବା ଜିନ୍ସ ପେୟାର ଅପ୍ କରିପାରିବେ। ଯଦି ଆପଣଙ୍କୁ କଲାର ଥିବା ଟି–ଶାର୍ଟ ପସନ୍ଦ, କାର୍ଟୁନ୍ ପ୍ରିଣ୍ଟରେ କଲାର ଥିବା ଟି–ଶାର୍ଟ ମାର୍କେଟରେ ଉପଲବ୍ଧ। ଏଥିସହିତ ବିଭିନ୍ନ ଡିଜାଇନ୍‌ର କାର୍ଟୁନ୍ ପ୍ରିଣ୍ଟ ଟପ୍ସ ଏବଂ ଟିଜ୍ ମଧ ଟ୍ରେଣ୍ଡି ଲୁକ୍ ଦେବ।

**କାର୍ଟୁନ୍ ପ୍ରିଣ୍ଟ ଶାଢ଼ି:** ଯଦି ଆପଣ କାଜୁଆଲ କିମ୍ବା ଗର୍ଜିୟସ୍ ଶାଢ଼ି ପିନ୍ଧି ବୋର ହୋଇଗଲେଣି, ତେବେ କାର୍ଟୁନ୍ ପ୍ରିଣ୍ଟର ଶାଢ଼ି ବାଛିପାରିବେ। ଏଥିରେ ସବୁପ୍ରକାର କାର୍ଟୁନ୍ ଚରିତ୍ରକୁ ଅତି ସୁନ୍ଦର ଭାବରେ ପ୍ରିଣ୍ଟ କରାଯାଇଛି। ଆପଣଙ୍କର ମନପସନ୍ଦ ଉଭୟ କଲର୍ ସାଙ୍ଗକୁ କାର୍ଟୁନ୍ ପ୍ରିଣ୍ଟ ଶାଢ଼ି ମାର୍କେଟରେ ଉପଲବ୍ଧ ହେଉଛି। ଏହାକୁ ଆପଣ ଯେକୌଣସି ପାର୍ଟି ଫଙ୍କସନ୍ କିମ୍ବା ଟ୍ରିପ୍‌ରେ ପିନ୍ଧି ସମସ୍ତଙ୍କଠାରୁ ଅଲଗା ଦେଖାଯିବେ। ଏଥିସହ ଶାଢ଼ି ସହ ମ୍ୟାଚ୍ କରି ଆପଣ କାର୍ଟୁନ୍ ପ୍ରିଣ୍ଟ ବ୍ଲାଉଜ୍ ଟ୍ରାଏ କରିପାରିବେ। ଏହାକୁ ଆପଣ ଚାହିଁଲେ ଅନ୍‌ଲାଇନ୍‌ରୁ ଅର୍ଡର କରିପାରିବେ କିମ୍ବା ଶାଢ଼ିରେ ପ୍ରିଣ୍ଟ ହୋଇଥିବା କାର୍ଟୁନ୍ କ୍ୟାରେକ୍ଟର ଅନୁଯାୟୀ ବ୍ଲାଉଜ୍ ତିଆରି ବି କରିପାରିବେ। ଏହି ବ୍ଲାଉଜ୍‌କୁ ଆପଣ ଅନ୍ୟ ଶାଢ଼ିରେ ବି ଟିମ୍‌ଅପ୍ କରିପାରିବେ।

**ଶୁଜ୍:** କାଜୁଆଲ ଶୁ କିମ୍ବା ସ୍ନିକର୍ସ ପିନ୍ଧି ବୋର୍ ହୋଇଗଲେଣି କି, ତେବେ ଟ୍ରାଏ କରନ୍ତୁ କାର୍ଟୁନ୍ ପ୍ରିଣ୍ଟର ସ୍ନିକର୍ସ। ଏହା ଆପଣଙ୍କୁ ଫନ୍ ଲୁକ୍ ଦେବ। କାଜୁଆଲ୍ ଲୁକ୍ ପାଇଁ କାର୍ଟୁନ୍ ପ୍ରିଣ୍ଟର ସ୍ଲିପର୍ ପରଫେକ୍ଟ। ଏଥିସହିତ ହିଲ୍ସ ପିନ୍ଧିବାକୁ ପସନ୍ଦ କରୁଥିବା ଯୁବତୀମାନଙ୍କ ପାଇଁ କାର୍ଟୁନ୍ ପ୍ରିଣ୍ଟର ହିଲ୍ସ ମଧ ମାର୍କେଟ୍‌ରେ ଉପଲବ୍ଧ। ଯୁବତୀମାନେ ଏହାକୁ ପିନ୍ଧି ଗର୍ଜିୟସ୍ ଲୁକ୍ ପାଇପାରିବେ।



## ଜାଣନ୍ତୁ ଦୁନିଆ

# ମଦର୍ସ ଡେ’

**ଆଜି ମଦର୍ସ ଡେ’। ମା’ଙ୍କ ପ୍ରତି ଥିବା ଗଭୀର ସ୍ନେହ ଶ୍ରଦ୍ଧା ଦର୍ଶାଇବା ପାଇଁ ଏହି ଦିବସଟିର ପରିକଳ୍ପନା। ହେଲେ ଆପଣ ଜାଣନ୍ତି, ପୃଥିବୀର ସମସ୍ତ ଦେଶରେ ଆଜିର ଦିନରେ ଏହି ଦିବସ ପାଳନ ହୋଇ ନ ଥାଏ। ଆସନ୍ତୁ ଜାଣିବା କେଉଁ ଦେଶରେ କେବେ ପାଳନ ହୁଏ ମଦର୍ସ ଡେ’...**

୧୯୧୪ ମସିହା ମେ’ ୯ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲ୍‌ସନ୍ ମେ ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ’ ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ, ବାର୍ବାଡସ୍, ବେଲ୍‌ଜିୟମ୍, ବେଲିଜ, ବର୍ମୁଡା, ବୋନାଇରେ, ବୋତ୍ସ୍ୱାନା, ବ୍ରାଜିଲ୍, ବ୍ରୁନେଇ, କାନାଡ଼ା, କାମ୍ବୋଡ଼ିଆ, ଚିଲି, ଚାଇନା, କଲମ୍ବିଆ, କ୍ରୋଏସିଆ, କ୍ୟୁବା, କ୍ୟୁରାକାଉ, ସାଇପ୍ରସ, ଚେକ୍ ରିପବ୍ଲିକ୍, ଡେନ୍‌ମାର୍କ, ଡୋମିନିକା, ଇକ୍ୱେଡର, ଇସ୍ତୋନିଆ, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ, ଜର୍ମାନୀ, ଘାନା, ଗ୍ରୀସ୍, ଗ୍ରେନାଡା, ଗୁଆନା, ହଣ୍ଡୁରାସ, ହଂକଂ, ଆଇସ୍‌ଲାଣ୍ଡ, ଇଟାଲୀ, ଜାମାଇକା, ଜାପାନ, କେନିଆ, ଲାଟ୍‌ଭିଆ, ଲାଇବେରିଆ, ଲିଚେନ୍‌ଷ୍ଟେଇନ୍, ମକାଓ, ମାଲେସିଆ, ମାଲ୍‌ଟା, ମ୍ୟାନ୍‌ମାର୍, ନାମ୍ବିଆ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ପପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ପୋର୍ଟୋରିକୋ, ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଆଣ୍ଡ ଦି ଗ୍ରେନାଡାଇନ୍ସ, ସାମୋଆ, ସିଙ୍ଗାପୁର, ସେଣ୍ଟ ମାର୍ଟିନ, ସ୍ଲୋଭାକିଆ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ସୁରିନାମ, ସୁଇଜରଲାଣ୍ଡ, ତାଇୱାନ୍, ତାଞ୍ଜାନିଆ, ଟୋଙ୍ଗା, ତ୍ରିନିଦାଦ୍ ଆଣ୍ଡ ଟବାଗୋ, ତୁର୍କୀ, ଉଗାଣ୍ଡା, ୟୁକ୍ରେନ୍, ଉରୁଗୁଏ, ଭେନେଜୁଏଲା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶରେ ମେ’ ଦ୍ୱିତୀୟ ରବିବାରକୁ ମଦର୍ସ ଡେ’ ଭାବେ ପାଳନ କରାଯାଉଛି।

ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ–



ଫେବୃୟାରୀ ପ୍ରଥମ ରବିବାର: କୋସାଭୋ।
ଫେବୃୟାରୀ ଦ୍ୱିତୀୟ ରବିବାର: ନରୱେ।
ମାର୍ଚ୍ଚ ୩: ଜର୍ଜିଆ।
ମାର୍ଚ୍ଚ ୮: ଆଫଗାନିସ୍ତାନ, ଆଲ୍‌ବାନିଆ, ଆର୍ମେନିଆ, ଆଜରବୈଜାନ, ବୁଲ୍‌ଗେରିଆ, କାଜାଖସ୍ତାନ, ଲାଓସ୍, ମାସିଡୋନିଆ, ମାଲ୍‌ଡୋଭା, ମଣ୍ଟେନିଗ୍ରୋ, ରୋମାନିଆ, ରୁଷିଆ, ସର୍ବିୟା, ତାଜିକିସ୍ତାନ, ଭିଏତ୍‌ନାମ।
ମାର୍ଚ୍ଚ ୨୧: ବାହାରିନ୍, କମରୋ, ଜିବୁଟି, ଇଜିପ୍ଟ, ଇରାକ୍, ଜୋର୍ଡାନ, କୁଏଟ୍, ଲିବ୍ୟା, ଲେବାନନ୍, ମରିଟାନିଆ, ଓମାନ୍, କାତାର, ସୌଦିଆରବ, ସୋମାଲିଆ, ସୁଦାନ, ସିରିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ, ୟେମେନ୍।
ମାର୍ଚ୍ଚ ୨୫: ସ୍ଲୋଭେନିଆ।
ମାର୍ଚ୍ଚ ୪ର୍ଥ ରବିବାର: ଆୟର୍ଲାଣ୍ଡ, ନାଇଜେରିଆ, ଇଂଲଣ୍ଡ, ଗୁଏର୍ନସେ, ଜର୍ସି, ଆଇଲ୍ ଅଫ୍ ମ୍ୟାନ୍।
ମେ ପ୍ରଥମ ରବିବାର: ଆଙ୍ଗୋଲା, କେପ୍ ଭର୍ଡେ, ହଙ୍ଗେରୀ, ଲିଥୁଆନିଆ, ମୋଜାମ୍ବିକ୍, ପର୍ତ୍ତୁଗାଲ, ସ୍ପେନ୍।
ମେ ୮: ଦକ୍ଷିଣ କୋରିଆ।
ମେ ୧୦: ଇଆଇ ସାଲ୍‌ଭାଡର, ଗୁଏଟ୍‌ମାଲା, ମେକ୍ସିକୋ।
ମେ ୧୫: ପାରାଗୁଏ।
ମେ ୧୯: କିରଗିଜ୍‌ସ୍ତାନ।
ମେ ୨୬: ପୋଲାଣ୍ଡ।
ମେ ୨୭: ବଲିଭିଆ।
ମେ ଶେଷ ରବିବାର: ଆଲ୍‌ଜେରିଆ, ଡୋମନିକାନ୍ ରିପବ୍ଲିକ୍, ଫ୍ରାନ୍ସ, ଫ୍ରେଞ୍ଚ ଆଣ୍ଟିଲ୍ସ, ମାଡାଗାସ୍କାର, ମରକ୍କୋ, ହାଇତି, ମରିସସ୍, ସେନିଗାଲ, ସ୍ୱିଡେନ, ଟ୍ୟୁନିସିଆ।
ମେ ୩୦: ନିକାରାଗୁଆ।
ଜୁନ୍ ୧: ମଙ୍ଗୋଲିଆ।
ଜୁନ୍ ଦ୍ୱିତୀୟ ରବିବାର: ଲକ୍ସେନବର୍ଗ।
ଜୁଲାଇ ପ୍ରଥମ ସୋମବାର: ସାଉଥ ସୁଦାନ।
ଅଗଷ୍ଟ ୧୨: ଥାଇଲାଣ୍ଡ।
ଅଗଷ୍ଟ ୧୫: କୋଷ୍ଟାରିକା, ବେଲ୍‌ଜିୟମ୍।
ଅକ୍ଟୋବର ଦ୍ୱିତୀୟ ସୋମବାର: ମାଲାୱି।
ଅକ୍ଟୋବର ୧୪: ବେଲାରୁସ୍।
ଅକ୍ଟୋବର ତୃତୀୟ ରବିବାର: ଆର୍ଜେଣ୍ଟିଆ।
ନଭେମ୍ବର ୩: ଟିମର ଲେଷ୍ଟେ।
ଡିସେମ୍ବର ୮: ପାନାମା।
ଡିସେମ୍ବର ୨୨: ଇଣ୍ଡୋନେସିଆ।

## ଟପ୍ ୧୦

### ପୃଥିବୀର ଅଜବ ମ୍ୟୁଜିୟମ୍

୧– ମେଗୁରୋ ପାରାସାଇଟୋଲୋଜିକାଲ୍ ମ୍ୟୁଜିୟମ୍.... ଟୋକିଓ, ଜାପାନ
୨– ଦି ଡଗ୍ କଲାର ମ୍ୟୁଜିୟମ୍.....କେଣ୍ଟ, ଇଂଲଣ୍ଡ
୩– ମ୍ୟାକ୍‌ଡୋନାଲ୍ଡସ୍ ବିଗ୍ ମ୍ୟାକ୍ ମ୍ୟୁଜିୟମ୍.. ପେନ୍‌ସିଲ୍‌ଭାନିଆ, ଆମେରିକା
୪– ମ୍ୟୁଜିୟମ୍ ଅଫ୍ ବ୍ରେଡ୍ କଲ୍‌ଚର...... ଜର୍ମାନୀ
୫– ସୁଲଭ ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ୍ ଅଫ୍ ଟଏଲେଟ୍... ନୂଆଦିଲୀ, ଭାରତ
୬– ହିଷ୍ଟୋରିକ୍ ୱାଇନ୍ ଟୁଲ୍ ମ୍ୟୁଜିୟମ୍... କାଲିଫର୍ନିଆ, ଆମେରିକା
୭– କରିୱର୍ଷ୍ଟ ମ୍ୟୁଜିୟମ୍..... ବର୍ଲିନ୍, ଜର୍ମାନୀ
୮– ଦି ମ୍ୟୁଜିୟମ୍ ଅଫ୍ ବ୍ରୋକେନ୍ ରିଲେସନ୍‌ଶିପ୍...ଜାଗରେବ, କ୍ରୋସିଆ
୯– ଦି ଆଇସ୍‌ଲାଣ୍ଡିକ୍ ଫାଲୋଲୋଜିକାଲ୍ ମ୍ୟୁଜିୟମ୍...... ରେଜାଭିକ୍, ଆଇସ୍‌ଲାଣ୍ଡ
୧୦– କାନ୍ସାସ୍ ବାର୍‌ବେଡ୍ ୱାଏର୍ ମ୍ୟୁଜିୟମ୍....... କାନ୍ସାସ୍, ଆମେରିକା

**ଶନିଦେବଙ୍କ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ**

କାକଟପୁର,(ଡି.ଏନ୍.ଏ.): କାକଟପୁର ତହସିଲ ଛକ ମୂଳାଗଡ଼ ରାଧାକୃଷ୍ଣ ମେଳଣ ପଡ଼ିଆରେ ଗୁରୁବାରଠାରୁ ଚାଲିଥିବା ଗ୍ରହରାଜ ଶନିଦେବଙ୍କର ନବମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ମହୋତ୍ସବ ଓ ମେଳା ଶନିବାର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞରେ ଘିଅ, ଦୀପଦାନ କରି ନିଜ ପରିବାର ତଥା ବିଶ୍ୱର କଲ୍ୟାଣ ନିମନ୍ତେ ଶନିଦେବଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପୂଜକ ଅଜୟ କୁମାରଙ୍କ ପରିଚାଳନାରେ ଏହି ବିଶ୍ୱ ଶାନ୍ତି ଯଜ୍ଞରେ ସୁବାସ ଚନ୍ଦ୍ର ତ୍ରିପାଠୀ, ଚନ୍ଦନ ମିଶ୍ର ମୁଖ୍ୟ ପୂଜକ ଭାବେ ଯୋଗଦେଇ ପୂଜାପାଠ କରିଥିଲେ। ବିଶ୍ୱଜିତ, ଶୁଭଶ୍ରୀ, ରେବତୀ, ଜୟକୃଷ୍ଣ ଦାସ, ମନୋଜ କୁମାର ସାହୁ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିବାରୁ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନାୟକ ସାଧୁବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ହୃଦ୍‌ରୋଗ ପରାମର୍ଶ ପାଇଁ ଖୋଲିଲା ବହିର୍ବିଭାଗ

ପୁରୀ ଅଫିସ,୭।୫- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହୃଦ୍‌ରୋଗ ପରାମର୍ଶ ନିମନ୍ତେ ବହିର୍ବିଭାଗ ଶନିବାର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ସହଯୋଗରେ ପ୍ରତ୍ୟେକ ଶନିବାର ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ହୃଦରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ନିଆଯାଇପାରିବ। ହୃଦରୋଗ ସମ୍ପର୍କିତ ପରାମର୍ଶ ବ୍ୟବସ୍ଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ କରେଇବାକୁ ବହୁ ଦିନରୁ ଦାବି ହେଉଥିଲା। ଏହାଦ୍ୱାରା ହୃଦ୍‌ରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ସୁବିଧା ଜିଲାବାସୀ ନେଇପାରିବେ। ପ୍ରଥମ ଦିବସରେ ୨୫ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର ଏବଂ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଡିନ୍ ଡ. ମାୟା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ ଓଲଟିଲା: ୨ ଗୁରୁତର

ପିପିଲି,୭।୫(ଡି.ଏନ୍.ଏ.): ପିପିଲି ଥାନା ଅନ୍ତର୍ଗତ ଭୁବନେଶ୍ୱର- ପୁରୀ ୩୧୬ନଂ ଜାତୀୟ ରାଜପଥର ପୋଟଳ ଛକ ନିକଟରେ ଶନିବାର ଅପରାହ୍ନ ୪ଟାରେ ଏକ କାର୍ (ନଂ. ଓଡି ୦୨ଏଜେ ୮୧୮୬) ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟିପଡ଼ିଛି। ଫଳରେ କାର୍‌ରେ ଥିବା ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ପ୍ରଦ୍ୟୁମ୍ନ ମିଶ୍ର ଓ ଜୟଦେବ ମିଶ୍ର। ସୂଚନା ଅନୁଯାୟୀ, ପ୍ରଦ୍ୟୁମ୍ନ ଓ ଜୟଦେବ ଭୁବନେଶ୍ୱରରୁ ଉକ୍ତ କାର୍ ଯୋଗେ ସତ୍ୟବାଦୀକୁ ଯାଉଥିଲେ। ପୋଟଳ ଛକ ନିକଟରେ ହଠାତ୍ କାର୍‌ଟି ରାସ୍ତାପାର୍ଶ୍ୱକୁ ଓଲଟି ଏକ ଗଛରେ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ୨ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଜଣାଇଥିଲେ। ସାତଶଙ୍ଖ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ।

### ବଟି ଆଦାୟ: ୩ ଗିରଫ

ପୁରୀ ଅଫିସ, ୭।୫: ବଟି ଆଦାୟ ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳିଆପଣ୍ଡା ବସ୍ତି ମଙ୍ଗଳା ସାହିର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓରଫ ପୂର୍ଣ୍ଣ, କାହ୍ନା ମଲ୍ଲିକ୍ ଓରଫ ଶିବା ଏବଂ ଏଠାରେ ରହୁଥିବା ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳର ଦିଗପାଳ ସ୍ୱାଇଁ। ଏମାନଙ୍କ ନିକଟରୁ ଦୁଇଟି ଛୁରି, ଏକ ମୋବାଇଲ ଫୋନ୍ ଏବଂ ୪୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୬୧/୨୨) ରୁଜୁ ହୋଇଛି।

### ଜୟଦେବ ଜୟନ୍ତୀ, ଗୀତଗୋବିନ୍ଦ ଆସର

କାକଟପୁର,୭।୫(ଡି.ଏନ୍.ଏ.): ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦେଉଳି ମଠରେ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ସରପଞ୍ଚ ଅଭୟ ସେଠୀ ଓ ବ୍ଲକ ଜନମଙ୍ଗଳ ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇ ଜୟଦେବଙ୍କ ଜୀବନୀ ଓ ଗୀତଗୋବିନ୍ଦ ବିଷୟରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ଅନୁଜା ତାରିଣୀ ମିଶ୍ର ଓ ପ୍ରସିଦ୍ଧ କଳାକାରମାନେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରିୟ କାବ୍ୟ ପାଠ କରିଥିଲେ। ଏହି ଅବସରରେ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିନା ଅନୁମୋଦନରେ ଚାଲିଛି କାମ

**ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପ୍ରସଙ୍ଗ**

ପୁରୀ ଅଫିସ, ୭।୫:

ଶ୍ରୀମନ୍ଦିରଠାରୁ ଶହେ ମିଟର ପରିଧିର ନିଷିଦ୍ଧାଞ୍ଚଳରେ ଖନନ ଓ ନିର୍ମାଣ କାର୍ଯ୍ୟକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ଅନ୍ୟପଟେ ନିୟନ୍ତ୍ରିତ ଅଞ୍ଚଳରେ ନୂଆ ବିବାଦ ମୁଣ୍ଡ ଟେକିଛି। ମେଘନାଦ ପ୍ରାଚୀରଠାରୁ ପ୍ରଥମ ଶହେ ମିଟର ପରେ ଆସୁଥିବା ପରବର୍ତ୍ତୀ ୨ଶହ ମିଟରକୁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ) ଦ୍ୱାରା ନିୟନ୍ତ୍ରିତ ଅଞ୍ଚଳ ଭାବେ ବିବେଚନା କରାଯାଏ। ଏହି ଅଞ୍ଚଳରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବା ପୂର୍ବରୁ ଅନୁମତି ଆବଶ୍ୟକ ହୋଇଥାଏ। ତେବେ ଉକ୍ତ ନିୟନ୍ତ୍ରିତ ଅଞ୍ଚଳରେ ରାଜ୍ୟ ସରକାର ବିନାନୁମତିରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ କାମ କରୁଥିବା ଅଭିଯୋଗ ହେଉଛି। ଏହାକୁ ଜନସାଧାରଣ ଏବଂ ବିଭିନ୍ନ ସଙ୍ଗଠନ ବିରୋଧ କରୁଛନ୍ତି।

ସୂଚନା ଅନୁଯାୟୀ, ନିୟନ୍ତ୍ରିତ ଅଞ୍ଚଳରେ ନିର୍ମାଣ କାମ କରିବାକୁ ହେଲେ ଏନ୍‌ଏମ୍‌ଏରେ ଆବେଦନ କରାଯିବ।



ନିୟନ୍ତ୍ରିତ ଅଞ୍ଚଳରେ କରାଯାଉଥିବା ନିର୍ମାଣ କାର୍ଯ୍ୟ।

ଏହାପରେ ଏନ୍‌ଏମ୍‌ଏ କର୍ତ୍ତୃପକ୍ଷ ଏ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ମହାନିର୍ଦ୍ଦେଶକ(ଡିଜି)ଙ୍କୁ ସୁପାରିସ କରିବେ। ଯେଉଁଭଳି ଭାବେ ନିଷିଦ୍ଧାଞ୍ଚଳରେ ନିର୍ମାଣ କାର୍ଯ୍ୟ ଲାଗି ଏଏସ୍‌ଆଇ ଡିଜିଙ୍କ ଅନୁମୋଦନ ଆବଶ୍ୟକ ସେହିପରି ନିୟନ୍ତ୍ରିତ ଅଞ୍ଚଳରେ ନିର୍ମାଣ କାମ ସକାଶେ ଏଏସ୍‌ଆଇ ନିର୍ଦ୍ଦେଶକ କିମ୍ବା କମିଶନରଙ୍କ ଅନୁମୋଦନ ଆବଶ୍ୟକ ହୋଇଥାଏ। ନଚେତ୍ ରାଜ୍ୟରେ ଥିବା ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ମଧ୍ୟ କର୍ତ୍ତୃପକ୍ଷ ଭାବେ ଗ୍ରହଣ କରାଯାଇଥାଏ। ସମ୍ପ୍ରତି ଯୁଦ୍ଧକାଳୀନ ଭିତ୍ତିରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟର ନିର୍ମାଣ କାମ କରାଯାଉଛି। ମୂଳଦୁଆ କାମ ସରିଥିବାବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲାଣି। ରଥଯାତ୍ରାକୁ ଆଉ ଦୁଇମାସ ବାକି ଥିବାବେଳେ ଏହା ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ କାମ ସାରିବାକୁ ଚେଷ୍ଟା ଚାଲିଛି। ତେବେ ଏନେଇ ଜିଲା ପ୍ରଶାସନ ପାଖରେ ଅନୁମତି ନ ଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଏନ୍‌ଏମ୍‌ଏର ଅନୁମୋଦନ ଥିବା କହି ଜିଲା ପ୍ରଶାସନ ନାଟକ କରୁଛି। ବାସ୍ତବତା ହେଉଛି, ଏନ୍‌ଏମ୍‌ଏ କେବଳ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିପାରିବ। ଅନୁମୋଦନ କିମ୍ବା ଏନ୍‌ଓସି ଦେବା ଦାୟିତ୍ୱ ଏନ୍‌ଏମ୍‌ଏର କ୍ଷମତା ପରିସରଭୁକ୍ତ ନୁହେଁ। ଏଣୁ ନିୟନ୍ତ୍ରିତ ଅଞ୍ଚଳରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯାଉ ଏବଂ ରାଜ୍ୟ ସରକାର ପ୍ରଥମେ ଏଏସ୍‌ଆଇ ଡିଜିଙ୍କ ଅନୁମୋଦନ ପତ୍ର ସାର୍ବଜନୀନ କରନ୍ତୁ। ଏଏସ୍‌ଆଇ ମଧ୍ୟ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ରଖୁ। ଶ୍ରୀମନ୍ଦିର କାର୍ଯ୍ୟାଳୟ କାମ ଆଇନତଃ ହେଉ ବୋଲି ବରାଳ ଦାବି କରିଛନ୍ତି। ସେହିପରି ନିର୍ମାଣ କାମ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବାରୁ ଆସନ୍ତା ରଥଯାତ୍ରାବେଳେ ସମସ୍ୟା ଉପୁଜିପାରେ ବୋଲି ସ୍ଥାନୀୟ ଲୋକେ ମତ ରଖିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ଶନ୍ ଲିମିଟେଡ୍ (ଓବିସିସି) କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ସମ୍ପ୍ରତି ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ କାମ ବନ୍ଦ ରହିଛି। ତେବେ କାହିଁକି ବନ୍ଦ ରହିଛି ସେନେଇ କୌଣସି ପ୍ରତିକ୍ରିୟା ରଖିବାକୁ ସେ ମନା କରିଦେଇଛନ୍ତି।

## ରଥଖଳାରୁ

# ୩୦ ତୁମ୍ବ ଗୋଲେଇ କାର୍ଯ୍ୟ ସରିଲା



ତୁମ୍ବ ନିର୍ମାଣ ପାଇଁ ମୁଖ୍ୟ ମହାରଣା ସେବକ ମାପ ନେଉଛନ୍ତି।

ପୁରୀ ଅଫିସ, ୭।୫:

ପବିତ୍ର ଅକ୍ଷୟ ତୃତୀୟା ପରଦିନଠାରୁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥନିର୍ମାଣ କାର୍ଯ୍ୟ ଜାରି ରହିଛି। ବିଶ୍ୱକର୍ମା ମହାରଣା ଓ ଭୋଇସେବକଙ୍କ ଉପସ୍ଥିତିରେ ରଥଖଳା ଚଳଚଞ୍ଚଳ ହୋଇଉଠିଛି। କରତି ସେବକ ରଥଚକ ପାଇଁ ତୁମ୍ବ ଗଢ଼କରି ଯୋଗାଇଥିବା ମୋଟ ୩୦ଟି ତୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶନିବାର ଶେଷ ହୋଇଛି। ତାଳଧ୍ୱଜ ରଥର ୧୦ଟି, ଦେବଦଳନ ରଥର ୮ଟି ଏବଂ ନନ୍ଦିଘୋଷ ରଥର ୧୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ସରିଛି। ୧୨ଟି ତୁମ୍ବ ପାଇଁ ଫାସୀ କାଠ କଟକ ସ'ମିଲ୍‌ରୁ ଆସି ଶନିବାର ସନ୍ଧ୍ୟାରେ ରଥଖଳାରେ ପହଞ୍ଚିଥିଲା। ତିନିରଥର ବାକିଥିବା ତୁମ୍ବ ନିର୍ମାଣ କାର୍ଯ୍ୟ ରବିବାର ଆରମ୍ଭ ହେବ। ତିନି ରଥର ୪୨ଟି ତୁମ୍ବ କାର୍ଯ୍ୟ ସରିବା ପରେ ଦୁଇରୁ ତିନି ଦିନ ମଧ୍ୟରେ ତୁମ୍ବଗୁଡ଼ିକରେ ସୂତା ବାଡ଼ିଆ କାର୍ଯ୍ୟ ଆରମ୍ଭ ହେବ। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ରଥ ନିର୍ମାଣର ଚତୁର୍ଥ ଦିବସରେ ୩୩ ଜଣ ମହାରଣା ସେବକ, ୨୪ ଭୋଇ ସେବକ, ୪ କରତି ସେବକ, ଜଣେ ପାହି ମହାରଣା, ୬ଜଣ ଓଝା ବା କମାର ସେବକଙ୍କ ସମେତ ଜଣେ ସହାୟକଙ୍କୁ ମିଶାଇ ମୋଟ ୬୯ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।




ପୁରୀ ସଂସ୍କୃତି ଭବନରେ ଶନିବାର ଆୟୋଜିତ ଜାତୀୟ କର୍ମଶାଳାରେ ପୁଷ୍ପା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅନାମ କାବ୍ୟ ଆନ୍ଦୋଳନ ସଂକ୍ରାନ୍ତ ଆଲୋଚନା

- ପୁଷ୍ପା ମହାନ୍ତି, ନାରାୟଣ ପ୍ରସାଦ ସିଂହ ସମ୍ବର୍ଦ୍ଧିତ
- ପୁସ୍ତକ ଉନ୍ମୋଚିତ, ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା ଆୟୋଜିତ

ପୁରୀ ଅଫିସ, ୭।୫:

ପ୍ରଖ୍ୟାତ ଚିତ୍ରକର ସୟଦ୍ ହାଇଦର ରଜାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରଜା ଫାଉଣ୍ଡେଶନ୍ ନୂଆଦିଲ୍ଲୀ ଏବଂ ଧଉଳି ରିଭ୍ୟୁ ଟ୍ରଷ୍ଟ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଶନିବାର ପୁରୀ ସଂସ୍କୃତି ଭବନରେ 'କବିତାର ପ୍ରତିବାଦ ଓ ଅନାମ କାବ୍ୟ ଆନ୍ଦୋଳନ' ଶୀର୍ଷକ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହାକୁ ବିଶିଷ୍ଟ କବି ଉଦୟନ ବାଜପେୟୀ ଓ କବି ସତ୍ୟ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଆଲୋଚନାଚକ୍ରରେ ଉଦୟନ ବାଜପେୟୀଙ୍କ ସମେତ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ, ମରାଠୀ କବି ପ୍ରଫୁଲ୍ଲ ଶିଲେଦାର, ଇଂରାଜୀ କବି, ପ୍ରକାଶକ ଓ ସ୍ତମ୍ଭକାର ସତ୍ୟ ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାସ, କବି ପବିତ୍ର ମୋହନ ଦାଶ, ଅସିତ ମହାନ୍ତି, ବିଭୂ ପ୍ରସାଦ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନାମ କାବ୍ୟ ଆନ୍ଦୋଳନର ମୁଖ୍ୟ ପୁରୋଧା କୁମାର ମହାନ୍ତିଙ୍କ ସହଧର୍ମିଣୀ ପୁଷ୍ପା ମହାନ୍ତି ଓ କବି ନାରାୟଣ ପ୍ରସାଦ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ହୁତାଶନ ବାଜପେୟୀଙ୍କ କବିତା ସଙ୍କଳନ 'ମିରର୍ ଉଇଥ୍ ଏ ନିୟୁ ଫେସ୍ ଏଭ୍ରିଟାଇମ୍ ଏବଂ କବି ଡ. ହୃଷୀକେଶ ମଲ୍ଲିକଙ୍କ ସମାଲୋଚନାତ୍ମକ ପୁସ୍ତକ 'ଅନାମ କବିତା ଅନାମ ଆନ୍ଦୋଳନ'ର ଲୋକାର୍ପଣ କରାଯାଇଥିଲା। ମନୁ ଦାଶଙ୍କ ଦ୍ୱାରା ସମ୍ପାଦିତ ଅନାମ କାବ୍ୟ ଆନ୍ଦୋଳନ (ଦ୍ୱିତୀୟ ସଂସ୍କରଣ)ର ପ୍ରଚ୍ଛଦଚିତ୍ର ଉନ୍ମୋଚିତ ହୋଇଥିଲା। ଅପରାହ୍ନରେ କବି ଚିନ୍ମୟ ବିବେକଙ୍କ କବିତା ବହି 'ନେପଥ୍ୟରେ ଥାଇ' ଲୋକାର୍ପଣ କରାଯାଇଥିଲା। କବି ନେତ୍ରାନନ୍ଦ ସାମନ୍ତରାୟ, ନାରାୟଣ ପ୍ରସାଦ ସିଂ, ସୁଚେତା ମିଶ୍ର, ଶ୍ୟାମପ୍ରକାଶ ସେନାପତି, ଦେବୀ ପ୍ରସନ୍ନ ନନ୍ଦ, ଉମାକାନ୍ତ ମହାପାତ୍ର ଏବଂ ସମରେନ୍ଦ୍ରନାଥ ମହାପାତ୍ର ପ୍ରମୁଖ ଅନାମ କବିତା ଆବୃତ୍ତି କରିଥିଲେ। ଯଦୁନାଥ ପଣ୍ଡା ଓ ସହଯୋଗୀମାନେ କବିତାର ସଙ୍ଗୀତ ରୂପ ଦେଇଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ହୋଇଥିଲା। ପୁରୀ ଆର୍ଟ ସୋସାଇଟି ଦ୍ୱାରା ଚିତ୍ରକଳା ଓ ଭାସ୍କର୍ଯ୍ୟର ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଶିଳ୍ପୀ ଦୁର୍ଗାମାଧବ କର, ଅନିରୁଦ୍ଧ ଘଟୁଆରୀ, ପୁଷ୍ପାଞ୍ଜଳି ରାଓ, ଶଶିକାନ୍ତ ସାହୁ, ଶ୍ରୀଧର ଦାସ ଏବଂ ଅନନ୍ତ କୁମାର ନାୟକ ଭାଗ ନେଇଥିଲେ। ଚିତ୍ରକର ଏସ୍.ଏଚ୍. ରଜାଙ୍କର କେତୋଟି ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରେଶ ପଟ୍ଟନାୟକ ପରିଚାଳନା କରିଥିବାବେଳେ ମନୁ ଦାଶ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ କବି, ଲେଖକ ଓ କଳାକାର ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କରେ ଆଲୋକପାତ

ପୁରୀ ଅଫିସ, ୭।୫:

ଓଡ଼ିଆ ଭାଷା ପ୍ରତିଷ୍ଠାନ ସହଭାଗିତାରେ ଶୁକ୍ରବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଭାଷା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ଏହାକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସମ୍ମାନରେ ସଭାପତିତ୍ୱ କରି ଓଡ଼ିଆ ଭାଷାର ମୌଳିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଭାଷା କର୍ମଶାଳା ଓ ପ୍ରଶିକ୍ଷଣ, ପ୍ରୟୋଗ ଏବଂ ଶିବିର ପ୍ରଭୃତି ଆୟୋଜନ କରାଯିବ ବୋଲି ସେ କହିଥିଲେ। ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ଭାଷାର ଯଥାର୍ଥତା ପ୍ରତିପାଦନ କରିଥିଲେ। ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଓଡ଼ିଆ ବର୍ଣ୍ଣମାଳା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବେ ଗବେଷକ ସାରଙ୍ଗଧର ରାୟଗୁରୁ ଯୋଗଦେଇ ଭାଷା ଓ ଜାତୀୟତା ସମ୍ପର୍କରେ ଆଲୋଚନା କରି ଅଭିଲେଖ ଓ ପ୍ରାଚୀନ ମୂର୍ତ୍ତିକଳାରେ ଓଡ଼ିଆ ଜାତିର ପ୍ରାଚୀନତା ଅନ୍ୱେଷଣ କରିଥିଲେ। ଆଲୋଚକ ଡ. ହରପ୍ରସାଦ ମିଶ୍ର ମାନକଭାଷା ଓ ଆଞ୍ଚଳିକ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ ଓଡ଼ିଆ ଧ୍ୱନିର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ଶୁଭଶ୍ରୀ ସୌମ୍ୟା ସାହୁ ଧନ୍ୟବାଦ ଦେଇଥିଲେ।

# ରେଳ ଷ୍ଟେଶନରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ପୁରୀ ଅଫିସ,୭।୫

ଶ୍ରୀକ୍ଷେତ୍ର ପୁରୀକୁ ଆସୁଥିବା ଲକ୍ଷାଧିକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ନିମନ୍ତେ ଓ ବିଶେଷକରି ଆସନ୍ତା ରଥଯାତ୍ରା ଉପଲକ୍ଷେ ପୁରୀରେ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି କୋଲକାତାର ସାମାଜିକ କର୍ମୀ ଅନୀତା ଡାଲମିୟା ଓ ରୋଟାରୀ କ୍ଲବ୍ ପୁରୀର ମିଳିତ ଆନୁକୂଲ୍ୟରେ ପୁରୀ ରେଳ ଷ୍ଟେଶନ୍‌ରେ ଏକ ଉନ୍ନତମାନର ପିଇବା ପାଣି ପ୍ରକଳ୍ପ ୱାଟର ଫିଲଟର ଲଗାଯାଇଛି। ରୋଟାରୀ କ୍ଲବ୍ ପୁରୀ ସାମାଜିକ ପ୍ରତିବଦ୍ଧତା ଦୃଷ୍ଟିରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ବର୍ଷତମାମ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବାର ବ୍ୟବସ୍ଥା ପୁରୀ ରେଳ ଷ୍ଟେଶନ୍‌ର ୫ନଂ. ପ୍ଲାଟଫର୍ମରେ କରାଯାଇଛି। ଏହି ଅବସରରେ ସାମାଜିକ କର୍ମୀ ଅନୀତା ଡାଲମିୟା, ପୁରୀସ୍ଥିତ ରୋଟାରୀ କ୍ଲବ ସଭାପତି ବଦ୍ରିନାରାୟଣ ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଅଜୟ ସାହା, ଜୟ ଦାସ ଗୁପ୍ତା, ପୁରୀ ରେଳ ଷ୍ଟେଶନର ଅଧିକାରୀଙ୍କ ସମେତ ପୁରୀ ରୋଟାରୀ କ୍ଲବର ସଦସ୍ୟଗଣ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ସୁରକ୍ଷା, ସଂରକ୍ଷଣ ପାଇଁ ଦାବି

**ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପୁରୀ ଅଫିସ, ୭।୫:

ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ପାଇଁ ଦାବି ତେଜିବାରେ ଲାଗିଛି। ଏ ନେଇ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଶନିବାର ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅଭିଯାନର ପୁରୀ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ବେଆଇନ କାର୍ଯ୍ୟ ତୁରନ୍ତ ବନ୍ଦ କରାଯାଉ। ଏ ସମ୍ପର୍କରେ ରାଜ୍ୟ ସରକାର ପ୍ରଥମେ ଜନସାଧାରଣଙ୍କୁ ସ୍ପଷ୍ଟୀକରଣ ଦିଅନ୍ତୁ। ମେଘନାଦ ପାଚେରିଠାରୁ ୭୫ ମିଟର ପରିସରରେ ହେଉଥିବା ନିର୍ମାଣ କାହା ନିର୍ଦ୍ଦେଶରେ କରାଯାଉଛି ଏବଂ ଏହାଦ୍ୱାରା ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି ହେଲେ କିଏ ଦାୟୀ ହେବେ ବୋଲି ଅଭିଯାନ ପ୍ରଶ୍ନ କରିଛି। ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଭିଯାନ କର୍ମକର୍ତ୍ତା କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନର ପୁରୀ ଜିଲା ସଂଯୋଜକ ପ୍ରଭାତ କୁମାର ମହାପାତ୍ର, ସଦସ୍ୟ ସତ୍ୟନାରାୟଣ ଦାଶ, ରାଜେନ୍ଦ୍ର ମହାନ୍ତି, କିଶୋରୀ ମୋହନ ସିଂ, ଦେବାର୍ପିତ ମହାନ୍ତି, ସନ୍ତୋଷ କୁମାର ଖୁଣ୍ଟିଆ, ଅଭିଷେକ ମେକାପ, ସନ୍ତୋଷ ସେଠୀ, ବିଷ୍ଣୁ ଦାସ, ମାନସ ଲେଙ୍କା, ତାରାପ୍ରସାଦ ଦାସ, ପ୍ରିୟରଞ୍ଜନ ଜେନା ଏବଂ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଶ୍ରୀମନ୍ଦିର ସୁରକ୍ଷା ଅଭିଯାନର କର୍ମକର୍ତ୍ତା।

### ବୈଠକକୁ ଅଧିକାରୀ ନ ଆସିବାରୁ ଅସନ୍ତୋଷ

ଗୋପ,୭।୫(ଡି.ଏନ୍.ଏ.): ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ଗୋପ ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ବୈଠକକୁ ଅଧିକାଂଶ ଅଧିକାରୀ ଆସି ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ଅଧିକାଂଶ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତି ବସିଥିବା ଜଣା ଜଣାପଡିଥିଲା। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ, ଅତିରିକ୍ତ ବିଡିଓ ଦୀପକ କୁମାର ସାହୁ, କୃଷି ଅଧିକାରୀ ନକୁଳ କୁମାର ମଲ୍ଲିକ, ପ୍ରାଣୀ ଚିକିତ୍ସା ଅଧିକାରୀ ରଞ୍ଜନ ସାହୁ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜ, ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ବେହେରା ଏବଂ ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ବାତ୍ୟା ମୁକାବିଲା ଲାଗି ୩ଟି ଅଗ୍ନିଶମ ଟିମ ଓ ପିଇବା ପାଣି ଯୋଗାଇବା ପାଇଁ ବ୍ଲକ ଜଳ ପରିମଳ ବିଭାଗର ୩ଟି ଟିମ ଗଠନ କରାଯାଇଥିଲା। ସେହିପରି ଗର୍ଭବତୀ, ବୟସ୍କ ନାଗରିକ, ରୋଗୀ ଆଦିଙ୍କୁ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ଅଧିକାରୀ ବ୍ଲକ ହେଡ କ୍ୱାର୍ଟରରେ ରହିବା ଲାଗି ବିଡିଓ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବୈଠକରେ ତହସିଲଦାର, ଥାନା କର୍ମଚାରୀ ସହିତ ଅନ୍ୟ କେତେକ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରି ନ ଥିଲା।

# ପରିତ୍ୟକ୍ତ ଅବସ୍ଥାରେ ପବିତ୍ର ରୋହିଣୀକୁଣ୍ଡ

- ପାଣି ସିଞ୍ଚନରୁ ଶ୍ରଦ୍ଧାଳୁ ବଞ୍ଚିତ ହେଉଥିବାରୁ ପଦକ୍ଷେପ ନିଆଯାଉ
- ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେଉ

ପୁରୀ ଅଫିସ, ୭।୫:

ଶ୍ରୀମନ୍ଦିର ପରିସରସ୍ଥ ରୋହିଣୀକୁଣ୍ଡ ଖୋଲିବା ସହ ମହାପ୍ରଭୁଙ୍କ ଦର୍ଶନ ଲାଗି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ରୋହିଣୀ କୁଣ୍ଡ ଅନ୍ୟତମ। ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରୀକ୍ଷେତ୍ରକୁ ଦୂରଦୂରାନ୍ତରୁ ଭକ୍ତମାନେ ଧାଇଁ ଆସନ୍ତି। ସେମାନେ ନିଜ ମସ୍ତକରେ ପଞ୍ଚତୀର୍ଥର ପାଣି ସିଞ୍ଚନ କରିଥାନ୍ତି। ମସ୍ତକରେ ରୋହିଣୀ କୁଣ୍ଡର ଜଳ ସିଞ୍ଚନ ଦ୍ୱାରା ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ପରିତାପର ବିଷୟ, ଅବହେଳିତ ଅବସ୍ଥାରେ ପବିତ୍ର ରୋହିଣୀ କୁଣ୍ଡ ପଡ଼ିରହିଛି। ଫଳରେ ଏହାର ପାଣି ସିଞ୍ଚନରୁ ଭକ୍ତ ବଞ୍ଚିତ ହେଉଛନ୍ତି। ଏହା ସେମାନଙ୍କ ଧାର୍ମିକ ଭାବନା ପ୍ରତି କୁଠାରାଘାତ ସଦୃଶ। ସେହିପରି ବାରମ୍ବାର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ତେଣୁ ଶ୍ରୀମନ୍ଦିରକୁ ଆସୁଥିବା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉ। ସେହିପରି ତୁରନ୍ତ ରୋହିଣୀ କୁଣ୍ଡକୁ ଖୋଲାଯାଉ। ଏନେଇ ସଂଘର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ସଂଘର ଆବାହକ ଅନିଲ୍ କୁମାର ସାହୁ, ସଭାପତି ବିଶ୍ୱଜିତ ପ୍ରଧାନ, ଶୁଭାଶିଷ ମହାନ୍ତି, ପ୍ରଶାନ୍ତ କୁମାର ରଣା, ସୁରେଶ ମହାପାତ୍ର ଏବଂ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶାସନକୁ ଦାବିପତ୍ର ଦେବା ପାଇଁ ଆସିଥିବା ପୁରୀ ଜିଲା ଯୁବ ଅଧିବକ୍ତା ସଂଘର ସଦସ୍ୟ।

# ଜିଲାରେ ୧୭୯ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ

**୯ ସୁଦ୍ଧା ସୁରକ୍ଷିତ ସ୍ଥାନକୁ ଡଙ୍ଗା ଆଣିବାକୁ ନିର୍ଦ୍ଦେଶ**

ପୁରୀ ଅଫିସ,୭।୫:

ସମ୍ଭାବ୍ୟ ବାତ୍ୟା ଆସାନୀର ମୁକାବିଲା ପାଇଁ ପୁରୀ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀଙ୍କ ସହ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାରେ ଥିବା ୧୭୯ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇ ରହିଛି। ସମସ୍ତ ଆଶ୍ରୟସ୍ଥଳୀରେ ପିଇବା ପାଣି ଓ ଆଲୋକ ବ୍ୟବସ୍ଥା ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି। ଜିଲାରେ ୬୪୫ କୁଇଣ୍ଟାଲ ଚୁଡ଼ା, ୧୬୪ କୁଇଣ୍ଟାଲ ଗୁଡ଼, ବିଭିନ୍ନ ଗୋଦାମରେ ୧୫ ହଜାର କୁଇଣ୍ଟାଲ ଚାଉଳ ମହଜୁଦ ରହିଛି। ଔଷଧ ଓ ପଶୁଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖାଯାଇଛି। ଆବଶ୍ୟକ ସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ଲାଗି ଅଗ୍ନିଶମ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ପ୍ରସ୍ତୁତ ହୋଇ ରହିଛନ୍ତି। ଜିଲାରେ ଜରୁରିକାଳୀନ ସେବା ଯେଉଁଭଳି ଅବ୍ୟାହତ ରହିବ ସେନେଇ ସଜାଗ ରହିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ବ୍ଲକ୍‌ରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ତଳିଆ ଅଞ୍ଚଳ ଓ କଚ୍ଚାଘର ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯିବ। ବାତ୍ୟାରେ କ୍ଷୟକ୍ଷତିର ଠିକ ଆକଳନ କରାଯିବ। ବାତ୍ୟା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଚିଲିକା ଓ ସମୁଦ୍ରରେ ମାଛ ମାରୁଥିବା ଡଙ୍ଗାଗୁଡ଼ିକୁ ଆସନ୍ତା ୯ ତାରିଖ ସୁଦ୍ଧା ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ବାଲୁଖଣ୍ଡ, ଅସ୍ତରଙ୍ଗ, ବ୍ରହ୍ମଗିରି ଓ କାକଟପୁରରେ ବନ ବିଭାଗ ପକ୍ଷରୁ ୮ଟି ଟିମ୍ ମୁତୟନ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜେସିବି ଓ ଟ୍ରାକ୍ଟର ନିୟୋଜିତ କରାଯିବ। ୨୬ ହଜାର ୮୧୭ ହେକ୍ଟର ଜମି ମଧ୍ୟରୁ ୧୯ ହଜାର ୬୮୧ ହେକ୍ଟର ଜମିରୁ ଧାନ ଅମଳ ସରିଥିବା ବେଳେ ୫୧ ହଜାର ୧୪୫ ହେକ୍ଟର ମଧ୍ୟରୁ ୩୧ ହଜାର ୫୩୦ ହେକ୍ଟରରୁ ଅଣଧାନ ଅମଳ କରାଯାଇଛି। ଅମଳ ଶସ୍ୟକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଜରୁରିକାଳୀନ ନିମନ୍ତେ ୨ଶହ ଅତିରିକ୍ତ କର୍ମଚାରୀଙ୍କୁ ମୁତୟନ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଡିଏଫ୍‌ଓ ପି. ରାମସ୍ୱାମୀଙ୍କ ସମେତ ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ।

### ଅବ୍ୟାହତ ରହିବ ଅତ୍ୟାବଶ୍ୟକ ସେବା

ସାକ୍ଷୀଗୋପାଳ,୭।୫(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରି ବାତ୍ୟା ସମୟରେ ସମସ୍ତ ଅତ୍ୟାବଶ୍ୟକ ସେବା ଅବ୍ୟାହତ ରଖିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟଜଳ, ବିଦ୍ୟୁତ୍, ଆଶ୍ରୟସ୍ଥଳୀ, ଚିକିତ୍ସା, ଶୁଖିଲା ଖାଦ୍ୟ, ଗମନାଗମନ, ଆଇନଶୃଙ୍ଖଳା, ଉଦ୍ଧାର ଆଦି ନିରବଚ୍ଛିନ୍ନ ସେବା ଯୋଗାଇଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରସ୍ତୁତି ସମ୍ପର୍କରେ ବିଡିଓ କ୍ଷୀରୋଦ କୁମାର ବେହେରା ସୂଚନା ଦେଇଥିଲେ। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ଆଇଆଇସି ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

**୨୬ରେ ପାଣି ପଞ୍ଚାୟତ ନିର୍ବାଚନ**

କଟକ ସଦର,(ଡି.ଏନ୍.ଏ.): ମାଛଗାଁ ମୁଖ୍ୟ କେନାଲର ୧୯ନଂ. ଶାଖା କେନାଲର ପରମହଂସନାଥ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଆସନ୍ତା ୨୬ରେ କଇଜଙ୍ଗାସ୍ଥିତ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ଜଳ ସମ୍ପଦ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ଶତପଥୀ ବିଜ୍ଞପ୍ତି ଜାରି କରିଛନ୍ତି। ଏହାଛଡ଼ା ଚକ କମିଟି ଗଠନ ପାଇଁ ମଧ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ରଘୁନାଥପୁର ଚକ କମିଟି ପାଇଁ ଆସନ୍ତା ୧୩ରେ ନାମାଙ୍କନପତ୍ର ଦାଖଲ ଓ ୧୪ ତାରିଖରେ ବୁଢ଼ିଆଣୀ ପୀଠରେ ନିର୍ବାଚନ ହେବ। ସେହିପରି ବମ୍ଭୁରି ଚକ କମିଟି ପାଇଁ ଆସନ୍ତା ୧୬ରେ ନାମାଙ୍କନପତ୍ର ଦାଖଲ ଓ ୧୭ ତାରିଖରେ ନିତାଇଗୌର ମଠରେ ନିର୍ବାଚନ ହେବ। ଅଥଙ୍ଗା ଚକ କମିଟି ପାଇଁ ଆସନ୍ତା୧୮ରେ ନାମାଙ୍କନପତ୍ର ଦାଖଲ ଓ ୧୯ ତାରିଖରେ କୁଲେଇଶୁଣୀ ପୀଠରେ ନିର୍ବାଚନ ହେବ।

## ସଂକ୍ଷେପରେ

### ବାର୍‌ହା ମାଂସ ଜବତ, ଜଣେ ଗିରଫ

ଖୁଣ୍ଟୁଣୀ,୭।୫(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ରାଧାକିଶୋରପୁର ପଞ୍ଚାୟତର ମଚ୍ଛପୁର ଗ୍ରାମ ପାଖ ଏକ ଫାର୍ମ ହାଉସ୍‌ରେ ଶନିବାର ବନ ବିଭାଗ ଚଢ଼ାଉ କରିଥିଲା। ସେଠାରେ ବାର୍‌ହା ମାଂସ ରାନ୍ଧୁଥିବା ମଚ୍ଛପୁର ଗ୍ରାମର ପ୍ରଭାତ କୁମାର ରାଉତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ଏକ କଡେଇ ସହ ୪ କେଜି ରନ୍ଧା ବାର୍‌ହା ମାଂସ ଜବତ କରାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ ମାଥୁର କହିଛନ୍ତି, ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହାକୁ ମାରି ତାର ମାଂସକୁ ଉକ୍ତ ଫାର୍ମ ହାଉସ୍‌ରେ କେତେଜଣ ରୋଷେଇ କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପରେ ବନ କର୍ମଚାରୀମାନେ ଚଢ଼ାଉ କରିବାବେଳେ ଅନ୍ୟମାନେ ଖସି ପଳାଇଥିଲେ। ଏହି ଚଢ଼ାଉରେ ବନପାଳ ସରୋଜ ପଣ୍ଡା, ଲମ୍ବୋଧର ନାୟକ, ବନରକ୍ଷୀ ରୂପାଲୀ ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

### ନୀତି ଆୟୋଗ ଉପଦେଷ୍ଟାଙ୍କ ଏସ୍‌ଭି ନିର୍‌ତାର ପରିଦର୍ଶନ

କଣ୍ଟାପଡା,୭।୫(ଡି.ଏନ୍.ଏ.): କେନ୍ଦ୍ର ନୀତି ଆୟୋଗଙ୍କ ଉପଦେଷ୍ଟା ମି.ମୁନୀ ରାଜୁ ଶନିବାର କଟକ ଜିଲା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ଗବେଷଣା ଓ ସ୍ୱାସ୍ଥ୍ୟକେନ୍ଦ୍ର ଏସ୍‌ଭି ନିର୍‌ତାର ପରିଦର୍ଶନ କରିଛନ୍ତି। ପରେ ସେ ଅନୁଷ୍ଠାନର ଅଡିଟୋରିୟମରେ ନିର୍‌ତାରର ସମସ୍ତ ବିଭାଗର ଶିକ୍ଷକ, ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କ ସହିତ ମତ ବିନିମୟ କରିଥିଲେ। ଭବିଷ୍ୟତରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅଧାପିକାଅଧାପକମାନେ କିପରି ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ସହ ଯୋଡିହେବେ ସେ ସମ୍ପର୍କରେ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଥିଲେ। ଗସ୍ତ ସମୟରେ ସେ ପିଏମ୍‌ଆର୍‌ଡି, ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି, ସ୍ପିଚ୍‌ଥେରାପି, ପ୍ରସ୍ଥେଟିକ ଆଣ୍ଡ୍ ଅର୍ଥୋଟିକ, ତତ୍କାଳ ଚିକିତ୍ସା ବିଭାଗ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଭି ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର, ଡା. ପବିତ୍ର ସାହୁ, ଅଧାପିକା ମୋନାଲିସା ପଟ୍ଟନାୟକ, ପ୍ରଜ୍ଞାସିଂ, ଅଧାପକ ଶ୍ରୀକାନ୍ତ ମହାରଣା, ଡା. ଦୀପକ ସିଂ ପ୍ରମୁଖ ଯୋଗ ଦେଇଥିଲେ।

### ଶନିଦେବଙ୍କୁ ଜଳଲାଗି କଲେ ଶ୍ରଦ୍ଧାଳୁ

ଚୌଦ୍ୱାର,୭।୫(ଡି.ଏନ୍.ଏ.): ଗ୍ରହରାଜ ଶନିଦେବଙ୍କ ଜନ୍ମଦିବସ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମାଗୁରା ପଞ୍ଚାୟତ ଅଡ଼ମ୍ବରସ୍ଥିତ ଶନି ମନ୍ଦିରରେ ଶନିବାର ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋରରୁ ଶ୍ରଦ୍ଧାଳୁମାନେ ମନ୍ଦିର ନିକଟ ପୋଖରୀରୁ କଳସରେ ଜଳ ଆଣି ଶନିଦେବଙ୍କ ମସ୍ତକରେ ଲାଗି କରିଥିଲେ। ଏଥିସହ ଅନେକ ମାନସିକଧାରୀ ଅଧିଆ ପଡ଼ିବା ସହ ଶନିଦେବଙ୍କ ପୂଜା କରିଥିଲେ। ଶନିଦେବଙ୍କ ନିକଟରେ ଦୀପଦାନ ସହିତ ସାରାଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଟାଙ୍ଗୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅନୁରୂପ ଭାବେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

### 'ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ କରି ପ୍ରସ୍ତୁତ ରୁହ'

ଆଠଗଡ,୭।୫(ସ୍ୱ.ପ୍ର): ସମ୍ଭାବ୍ୟ ବାତ୍ୟାର ମୁକାବିଲା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଶନିବାର ଆଠଗଡ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରୁଣ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ମଚାରୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କଟକିଆସାହି ପଞ୍ଚାୟତର ପାଟେଣୀଗାଁ ବାତ୍ୟା ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରି ପ୍ରସ୍ତୁତି ହୋଇ ରହିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବ୍ଲକ କର୍ମଚାରୀଙ୍କ ସହଯୋଗରେ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ୨ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧୬୮ଟି ବିଦ୍ୟାଳୟକୁ ସମ୍ଭାବ୍ୟ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ। ବାତ୍ୟା ଆଶ୍ରୟସ୍ଥଳୀରେ ୬ଜଣ କର୍ମଚାରୀ ଓ ବିଦ୍ୟାଳୟ ଆଶ୍ରୟସ୍ଥଳୀରେ ୩୧୪ଜଣ ଶିକ୍ଷକ ଏବଂ ୩୧୪ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଛି। ଶୁଖିଲା ଓ ରନ୍ଧାଖାଦ୍ୟ ସହ ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ପରଖିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ହୋଇଛି। ବୈଠକକୁ ବ୍ଲକ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ରାଉତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡଙ୍ଗୀ ପରିଚାଳନା କରିଥିଲେ।

# ବେଆଇନ ପାର୍କିଂ, ବଢୁଛି ଟ୍ରାଫିକ ସମସ୍ୟା

କଟକ ଅଫିସ, ୭।୫

କଟକ ସହରର ବିଭିନ୍ନ ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ କରାଯାଉଛି। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ପାର୍କିଂସ୍ଥଳରେ ଗାଡି ରଖିବାକୁ ଟ୍ରାଫିକ ପୋଲିସ ପକ୍ଷରୁ ଚାଳକଙ୍କୁ ସଚେତନ କରାଯାଉଛି। ଏଥିସହ ନିୟମ ମାନିଲେ ସେମାନଙ୍କଠାରୁ ଜରିମାନା ଆଦାୟ ପାଇଁ ବ୍ୟବସ୍ଥା କରାଯାଇଛି। ଏହାସତ୍ତ୍ୱେ ଅଧିକାଂଶ ଗାଡି ଚାଳକ ନିୟମକୁ ବେଖାତିର କରିବା ସହ ରାସ୍ତାପାର୍ଶ୍ୱରେ ଗାଡି ରଖି ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ସହରର ପ୍ରବେଶପଥ ମଧୁପାଟଣା ଛକ,



ବାଦାମବାଡ଼ି ରାସ୍ତାରେ ବେଆଇନ ପାର୍କିଂ ।

ନିମଚୌଡି ନୟାସଡ଼କ, ବକ୍ସିବଜାର, ଓଏମ୍‌ପି, ଚୌଧୁରୀ ବଜାର, ରାଣୀହାଟ, ମଙ୍ଗଳାବାଗ ଓ କଲେଜଛକ ଅଞ୍ଚଳରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ବ୍ୟବସ୍ଥା ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି। ବାଦାମବାଡିରୁ ମଧୁପାଟଣା ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଭାରିଯାନ ପାର୍କିଂ କରାଯାଉଛି। ସହରର ମୁଖ୍ୟରାସ୍ତାରେ ଘରୋଇ ବସ୍‌ଗୁଡିକ ମନଇଚ୍ଛା ରଖି ଯାତ୍ରୀଙ୍କୁ ଉଠାଉଛନ୍ତି। ବ୍ୟବସାୟୀ କେନ୍ଦ୍ର ଭରତିୟା ଟାୱାର ସମ୍ମୁଖରେ ବେଆଇନ ପାର୍କିଂ ଯୋଗୁ ବାଦାମବାଡି ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ହେଉଛି। ସେହିପରି ନିମଚୌଡି, ନୟାସଡକ ରାସ୍ତାରେ ସମାନ ଅବସ୍ଥା ସୃଷ୍ଟି ହେଉଛି। ବେଆଇନ ପାର୍କିଂ କଲେ ଜରିମାନା ଦେବାକୁ ପଡିବ ବୋଲି ପୋଲିସ ସୂଚନାଫଳକ ଲଗାଇ ଦାୟିତ୍ୱ ସାରିଦେଇଛି। ହେଲେ ଏ ଦିଗରେ ଦୃଢ ପଦକ୍ଷେପ ନିଆଯାଉ ନ ଥିବାରୁ ବେଆଇନ ପାର୍କିଂ ବଢୁଛି ବୋଲି ସ୍ଥାନୀୟ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ପରିଚୟ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ଟ୍ରାଫିକ ଆଇଆଇସି କିଶୋର କୁମାର ପ୍ରଧାନ କହିଛନ୍ତି, ବେଆଇନ ପାର୍କିଂ କରୁଥିବା ଗାଡି ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ଏହାକୁ ଜୋର୍‌ଦାର କରାଯିବ।



ଶନିବାର ଗ୍ରହରାଜ ଶନିଙ୍କ ଜୟନ୍ତୀ ଅବସରରେ କଟକ ପୁରୀଘାଟସ୍ଥିତ ଶନିମନ୍ଦିର ନିକଟରେ ଥିବା ଶନିଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି।



ଶନିବାର ମାଟ୍ରିକ ପରୀକ୍ଷା ସରିବା ପରେ କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ଫେରୁଛନ୍ତି।

# ପରୀକ୍ଷା ହଲ୍‌ରେ ଛାତ୍ରୀ ସଂଜ୍ଞାହୀନ

ଆଠଗଡ, ୭।୫(ସ୍ୱ.ପ୍ର.)

ଅଘୋଷିତବିଦ୍ୟୁତ୍‌କାଟଯୋଗୁଆଠଗଡ଼ରେ ଲୋକେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା'ର ଏକ ଉଦାହରଣ ଶନିବାର ଗୋପବନ୍ଧୁ ଜୁନିୟର ମହିଳା କଲେଜରେ ଦେଖିବାକୁ ମିଳିଛି। ଏହି କଲେଜରେ ଯୁକ୍ତ ୨ ପରୀକ୍ଷା ଚାଲିଥିବାବେଳେ ବିଦ୍ୟୁତ୍ କାଟ ଯୋଗୁ ଗରମ ସହି ନ ପାରି ପରୀକ୍ଷା ଦେଉଥିବା ଜଣେ ଛାତ୍ରୀ ସଂଜ୍ଞାହୀନ ହୋଇଯାଇଥିଲେ। ସେ ହେଲେ ମୁଣ୍ଡଳୀ ଅଞ୍ଚଳର ନମିତା ଭୋଇ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ବିଦ୍ୟୁତ୍ କାଟ ଯୋଗୁ ଗତ କିଛିଦିନ ତଳେ ଆଠଗଡ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟର ଜଣେ ଅଧାପିକା ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବର୍ଷା ପୂର୍ବରୁ କାମ ସାରିବାକୁ ମେୟରଙ୍କ ନିର୍ଦ୍ଦେଶ

କଟକ ଅଫିସ,୭।୫

ବାତ୍ୟା ଓ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶନିବାର ସହରର ମୁଖ୍ୟ ଡ୍ରେନ୍‌ର ସ୍ଥିତି ପରଖିଛନ୍ତି। ବିଶେଷକରି ମାତୃଭବନ ନିକଟ ଡ୍ରେନ୍‌ର ପଙ୍କୋଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ପରେ ବଜ୍ରକବାଟି ପୋଲଠାରେ ଜାଇକା ଦ୍ୱାରା ନିର୍ମିତ ବକ୍ସଡ୍ରେନ ଓ ତୁଳସୀପୁର ୮ନଂ. ୱାର୍ଡଠାରେ ଥିବା ପମ୍ପ ହାଉସକୁ ଯାଇ ଜଳ ନିଷ୍କାସନ ବ୍ୟବସ୍ଥା ତଦାରଖ କରିଥିଲେ। ତେବେ ବର୍ଷା ପୂର୍ବରୁ ସବୁ କାମ ସାରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସମ୍ଭାବନା ନାହିଁ । ଯଦି କୌଣସି ସ୍ଥାନରେ ପାଣି



କଟକ ମାତୃଭବନ ନାଳ ନିକଟରେ ସିଏମ୍‌ସି କମିଶନର, ମେୟର, ଡେପୁଟି ମେୟର ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଜମେ ତେବେ ୨ଘଣ୍ଟା ମଧ୍ୟରେ ଜଳ ନିଷ୍କାସନ କରାଯିବ ବୋଲି ମେୟର କହିଛନ୍ତି। ଏହି ଗସ୍ତ ସମୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି ଶତପଥୀ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଡେପୁଟି ମେୟର ଦମୟନ୍ତୀ ମାଝି, କର୍ପୋରେଟର ଯତୀନ କୁମାର ବେହେରା ଓ ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କାଳବୈଶାଖୀ ପ୍ରଭାବରେ ଫସଲ ନଷ୍ଟ

ବାଙ୍କୀ,୭।୫(ସ୍ୱ.ପ୍ର)

କାଳବୈଶାଖୀ ପ୍ରଭାବରେ ଗତ ୩ ଦିନ ଧରି ବାଙ୍କୀରେ ବର୍ଷା ଲାଗି ରହିବାରୁ ଚାଷୀଙ୍କ ଉପରେ ପ୍ରଭାବ ପଡ଼ିଛି। ବିଶେଷକରି କରବର, ଶିମିଳିପୁର, ପାଥପୁର, କୁସୁପଙ୍ଗି ପ୍ରଭୃତି ଅଞ୍ଚଳରେ ପନିପରିବା ଓ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବହୁ ଚାଷୀ କରଜ କରି ଚାଷ କରିଥିବାବେଳେ ବିଲରେ ଧାନ ସବୁ ପାଣିରେ ବୁଡ଼ି ରହିଛି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ସେମାନଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳର ଚାଷୀ ନକୁଳ ବେହେରା, ଗଣେଶ୍ୱର ବେହେରା ଓ ମନ୍ଦର ନାୟକ ସ୍ଥାନୀୟ ପ୍ରଶାସନକୁ ଦାବି କରିଛନ୍ତି।

### ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସିଏମ୍‌ସି ଡେପୁଟି କମିଶନରଙ୍କୁ ସ୍ମାରକପତ୍ର

କଟକ ଅଫିସ, ୭।୫

ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପରବର୍ତ୍ତୀ ସମସ୍ୟାର ସମାଧାନ ପାଇଁ କଟକ ନଗର ଭାଜପାର ଏକ ପ୍ରତିନିଧିମଣ୍ଡଳୀ ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଶନିବାର ଭେଟି ଆଲୋଚନା କରିଥିଲେ। ଏଥିସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କଟକ ସହରରେ ନାଳରୁ ପଙ୍କ ଉଦ୍ଧାର, ଜରୁରିକାଳୀନ ସହାୟତା ପାଇଁ ଫୋର୍ସ ମୁତୟନ, ତଳିଆ ଅଞ୍ଚଳରୁ ଜଳ ନିଷ୍କାସନ ସହ ସେଠାରୁ ଲୋକଙ୍କୁ ଥଇଥାନ, ବିଦ୍ୟୁତ୍, ପାଣି ଯୋଗାଣ, ଜରୁରିକାଳୀନ ଆମ୍ବୁଲାନ୍ସ ସେବା, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ରୋକିବା ଓ ସାମଗ୍ରୀର ସୁଲଭ ଯୋଗାଣ କରିବାକୁ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ସିକନ୍ଦର ଅଲ୍ଲି, ଶ୍ରୀତମ ଦାସ, ରଶ୍ମିରେଖା ଦାସ, କଳ୍ପନା ପଟ୍ଟନାୟକ, ବିଶ୍ୱରଞ୍ଜନ ମିଶ୍ର, ଦେବାଶିଷ ରାୟ, ଭାଜପା କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ଲକ୍ଷ୍ମୀଧର ବେହେରା ଓ ରାକେଶ ସ୍ୱାଇଁ ପ୍ରମୁଖ ଡେପୁଟି କମିଶନରଙ୍କ ସହ ଆଲୋଚନା କରିଥିଲେ।

# ଶ୍ରୀମନ୍ଦିର ନିକଟରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ ହେଉ

କଟକ ଅଫିସ, ୭।୫

**ଜିଲାପାଳଙ୍କୁ ସ୍ମାରକପତ୍ର**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଲାଗି ରହିଛି। ପ୍ରକଳ୍ପ ପାଇଁ ଖନନ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ପ୍ରକଳ୍ପ ଅନ୍ତର୍ଗତ ବହୁତଳ ପ୍ରାସାଦ ନିର୍ମାଣ ପାଇଁ ଗଭୀର ଗର୍ତ୍ତ ଖନନ ଓ ମନ୍ଦିରର ମୂଳଭିତ୍ତିକୁ ଦୃଢ଼ତା ପ୍ରଦାନ କରୁଥିବା ବାଲୁକା ରାଶିର ଅପସାରଣ ଫଳରେ ମୂଳ ଭିତ୍ତି ଦୁର୍ବଳ ହୋଇଛି। ସେହିପରି ମନ୍ଦିର ଚତୁଃପାର୍ଶ୍ୱରେ କଂକ୍ରିଟ ନିର୍ମାଣ ଯୋଗୁ ଭିତରେ ଥିବା କୂଅକୁ ଜଳ ସଞ୍ଚରଣ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଭବିଷ୍ୟତରେ ନୀତିକାନ୍ତି ମଧ ପ୍ରଭାବିତ ହେବା ସମ୍ଭାବନା ରହିଛି। ଏହି କାର୍ଯ୍ୟ ପାଇଁ କୌଣସି ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନାହିଁ। ଏପରି କି ରାଜ୍ୟ ସରକାରଙ୍କ ନୂତନ ପ୍ରକଳ୍ପ କାର୍ଯ୍ୟ ଯୋଗୁ ମନ୍ଦିରର ଡାଞ୍ଚା ସହ ସଂସ୍କୃତି ମଧ ବିପଦାପନ୍ନ ହୋଇଛି। ଶ୍ରୀମନ୍ଦିରକୁ ଅନ୍ୟ ତୀର୍ଥସ୍ଥଳୀ ସହ ତୁଳନା କରି ବ୍ୟବସ୍ଥାତ୍ମକ ପରିବର୍ତ୍ତନ ଦ୍ୱାରା ଆଧାତ୍ମିକ ସ୍ୱାତନ୍ତ୍ର୍ୟତାକୁ ନଷ୍ଟ କରାଯାଉଛି ବୋଲି ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ନିକଟରେ ହେଉଥିବା ଖନନ ଓ ନିର୍ମାଣକୁ ବିରୋଧ କରି ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଉକ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଶନିବାର ଏକ ସ୍ମାରକପତ୍ର ଦିଆଯାଇଥିଲା। ସଙ୍ଗଠନ ପକ୍ଷରୁ ଆଇନଜୀବୀ ଅନୁପ କୁମାର ବୋଷ, ଦୟାନିଧି ଲେଙ୍କା, ଚନ୍ଦ୍ରକାନ୍ତ ପ୍ରଧାନ, ରୂପେଶ ମହାନ୍ତି, କଳ୍ପନା ପଟ୍ଟନାୟକ, ରଶ୍ମିରେଖା ଦାସ, ସିକନ୍ଦର ଅଲ୍ଲି, ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ୱାକ୍‌ଫ ବୋର୍ଡର ୩୫% ଜମି

କଟକ ଅଫିସ, ୭।୫

**ସେଣ୍ଟ୍ରାଲ ୱାକ୍‌ଫ କମିଶନ ସଦସ୍ୟଙ୍କ ଓଡ଼ିଶା ଗସ୍ତ**

**■ଉଚ୍ଛେଦ ପରେ ନୂତନ ପ୍ରକଳ୍ପ କରାଯିବ**

ରାଜ୍ୟରେ ୱାକଫ୍ ବୋର୍ଡ ଅଧୀନରେ ଥିବା ୩୫ ପ୍ରତିଶତ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହାକୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯାଇ ନୂତନ ପ୍ରକଳ୍ପ କରାଯିବ। ଏଥିସହ ୱାକ୍‌ଫ ଓ ହଜ୍ କମିଟି ଗଠନ କରିବା ନେଇ ରାଜ୍ୟ ସଂଖ୍ୟାଲଘୁ ବିଭାଗ ସହ ଆଲୋଚନା କରାଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନାର ସୁଫଳ କିପରି ସଂଖ୍ୟାଲଘୁ ଲୋକ ପାଇପାରିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି କଟକ ବକ୍ସିବଜାରସ୍ଥିତ ପାଛନିବାସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେଣ୍ଟ୍ରାଲ ୱାକ୍‌ଫ କମିଶନ ସଦସ୍ୟ ୱାସିମ୍ ଖାନ୍ କହିଛନ୍ତି। କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଅନୁଯାୟୀ, ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ସେଣ୍ଟ୍ରାଲ ୱାକଫ କମିଶନର ୩ ଜଣ ସଦସ୍ୟ। ଏହି ଗସ୍ତ ସମୟରେ ସେମାନେ ଓଡ଼ିଶା ୱାକ୍‌ଫ ବୋର୍ଡ ଅଧୀନରେ ଥିବା ବିଭିନ୍ନ ମସଜିଦ୍, ମଦ୍ରାସା ସହିତ ସେଣ୍ଟ୍ରାଲ ୱାକଫ ଅଧୀନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଓ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଟିମ୍ କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଦମ୍ ରସୁଲ, ଦେୱାନ ବଜାରସ୍ଥିତ ମସଜିଦ୍, ହାଉସିଂ କମ୍ପ୍ଲେକ୍ସ, ସୟଦ ସେମିନାରି ସ୍କୁଲ ବୁଲି ଦେଖିଥିଲେ। ଏଥିସହିତ ଓଡ଼ିଶାର ଅନ୍ୟ ସ୍ଥାନରେ ସେଣ୍ଟ୍ରାଲ୍ ୱାକ୍‌ଫ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଦଳ ରାଜ୍ୟ ସରକାରଙ୍କ ୱାକ୍‌ଫ ନିର୍ଦ୍ଦେଶକ ଓ ୱାକ୍‌ଫ ବୋର୍ଡ ସିଇଓଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏଥିରେ ୱାସିମ୍ ରାହତ ଅଲ୍ଲୀ, ମନୱାରୀ ବେଗମ, ଓଡ଼ିଶା ୱାକ୍‌ଫ ସିଇଓ ସୟଦ ମହମ୍ମଦ ଅକ୍‌ଦାସଙ୍କ ସହିତ ୱାକ୍‌ଫ ବୋର୍ଡର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର

କଟକ ଅଫିସ,୭।୫

ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଓଡ଼ିଆ ଯୁବକ ସନ୍ତୋଷ ଓଝା ପ୍ରତିନିଧିତ୍ୱ କରିବେ। ସେ କଟକ ଖପୁରିଆସ୍ଥିତ ଆଇଟିଆଇର୨୦୧୭ ବ୍ୟାଚର ଛାତ୍ର। ଗତ ଜାନୁୟାରୀରେ ଦିଲ୍ଲୀଠାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ କ୍ୟାବିନେଟ୍ ତିଆରି ସ୍କିଲ୍‌ରେ ଏହି ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଥିଲେ। ଏହାପରେ ସେ ସାଙ୍ଘାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ଯାଜପୁର ଜିଲା ବରୁଆ ଗ୍ରାମରେ। ନୂତନ ଜ୍ଞାନକୌଶଳ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାରେ ଲାଗି ପଡିଆନ୍ତି ସନ୍ତୋଷ । ଏ ସମ୍ପର୍କରେ ଅଧାପକ ଭୋଦେବ ସାହୁ କହିଛନ୍ତି,



ସନ୍ତୋଷ ଓଝା

୨୦୧୭ ମସିହାରୁ ତାଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଆସୁଥିଲୁ । ଏବେ ତାଙ୍କ ସଫଳତା ଦେଖି ମୁଁ ଗର୍ବିତ ମନେକରୁଛି। ତେବେ ସାଙ୍ଘାଇରେ ଆୟୋଜିତ ପ୍ରତିଯୋଗିତାରେ ସନ୍ତୋଷ ସ୍ୱର୍ଣ୍ଣପଦକ ଜିତିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧କୋଟି ଟଙ୍କା ମିଳିବ ବୋଲି ସୁବ୍ରତ ବାଗ୍‌ଚୀ ଟୁଇଟ୍ କରି ଜଣାଇଛନ୍ତି।

# 'ଭାବ ପ୍ରକାଶର ମାଧ୍ୟମ ହେଉଛି ଭାଷା'

କଟକ ଅଫିସ, ୭।୫

ଭାବକୁ ପ୍ରକାଶ କରିବା ପାଇଁ ଭାଷା ଏକ ପ୍ରମୁଖ ମାଧ୍ୟମ। ପାଠକ ଓ ଲେଖକଙ୍କ ମଧ୍ୟରେ ଭାଷାଗତ ସମ୍ପର୍କ ସ୍ଥାପନ ହୋଇପାରିଲେ ଅଧିକ ପାଠକ ସୃଷ୍ଟି ହୋଇପାରିବେ। ଓଡ଼ିଶାର ସର୍ବପୁରାତନ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ବୁଦ୍ଧିଜୀବୀ ଏବଂ ନାଗରିକଙ୍କୁ ଦିଶା ଦେଖାଇବା ପାଇଁ ଆଗେଇ ଆସିବାର ଆବଶ୍ୟକତା ରହିଛି। କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜର ୧୨୦ତମ ପ୍ରତିଷ୍ଠା ଉତ୍ସବ ଓ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏହା କହିଛନ୍ତି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସମାଲୋଚକ ଅଧାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଲୋକ ଓ



କାର୍ଯ୍ୟକ୍ରମରେ ନାଟ୍ୟକାର ବିଜୟ କୁମାର ଶତପଥୀଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଉଛି।

**ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଉତ୍ସବ**

ସାମାଜର ହିତ ସାଧନ ପୂର୍ବକ ସମାଜିକ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇ ସାହିତ୍ୟ ରଚନା କଲେ ତାହା କାଳଜୟୀ ହୋଇଥାଏ। ଏହି ସମାରୋହରେ ୨୦୨୨ ମସିହା ପାଇଁ ବିଶିଷ୍ଟ ନାଟ୍ୟକାର ତଥା ସାହିତ୍ୟ ସମାଲୋଚକ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ଜେମା-ସାମନ୍ତ ସୃଜନୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସୁସ୍ମିତା ରଥ ସ୍ୱାଗତ ଭାଷଣ, ଅନ୍ୟତମ ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ ମାନପତ୍ର ପାଠ କରିଥିବା ବେଳେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୧ ଛାତ୍ରୀଛାତ୍ର ଦେଲେନି ମାଟ୍ରିକ୍ ପରୀକ୍ଷା

**ଯାଁଳା, ୭।୫(ଡି.ଏନ୍.ଏ.):** ସରକାର ଶିକ୍ଷାର ପ୍ରସାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପିଲାମାନେ କିପରି ଶିକ୍ଷାରୁ ବଞ୍ଚିତ ନ ହେବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଚଳିତ ବର୍ଷ ୨୦୨୧-୨୨ ଶିକ୍ଷାବର୍ଷରେ ଏହାର ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ସରକାରୀ କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଚଳିତ ବର୍ଷ ୧୦୩ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ ମଧ ୧୧ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଅଛନ୍ତି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍ମାଝୀ କୁହନ୍ତି, ୨ ଜଣ ପିଲା ଆଡ୍ମିଟ୍ କାର୍ଡ ନେଇଥିଲେ ମଧ ପରୀକ୍ଷା ଦେବାକୁ ଆସିଲେ ନାହିଁ। ପଚାରିବାରୁ କହିଲେ ପାଠ ପଢ଼ିନାହୁଁ, ସେଥିପାଇଁ ଦେବୁନି। ସେହିପରି ଆଉ ଜଣେ ଅନ୍ୟ ରାଜ୍ୟକୁ କାମ ଅନ୍ୱେଷଣରେ ଯାଇଥିବା ବେଳେ ଅନ୍ୟ ଜଣେ ନିଜ ଗାଁ ନୟାଗଡ଼କୁ ଯାଇଛନ୍ତି। ଅନ୍ୟ ୭ ଜଣଙ୍କ ଖୋଜଖବର ସ୍କୁଲ କର୍ତ୍ତୃପକ୍ଷ ପାଉ ନ ଥିବା ଜଣାପଡ଼ିଛି।

### ନାବାଳିକା ଅନ୍ତଃସତ୍ତ୍ୱା, ଯୁବକ ଗିରଫ

**ବାରଙ୍ଗ,୭।୫(ଡି.ଏନ୍.ଏ.):** ଜଣେ ୧୪ବର୍ଷର ବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲଣ କରିଛି ବାରଙ୍ଗ ଥାନା ପୋଲିସ। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ସୁମନ୍ତ। ଏ ନେଇ ପୋଲିସ ମାମଲା (ନଂ.୨୦/୨୨) ରୁଜୁ କରିବା ସହ ନାବାଳିକାର ଡାକ୍ତରୀମାଇନା କରିଛି। ସୂଚନାଯୋଗ୍ୟ, ସୁମନ୍ତ ଉକ୍ତ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇବା ସହ ପରବର୍ତ୍ତୀ ମୁହୂର୍ତ୍ତରେ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ଅନ୍ତଃସତ୍ତ୍ୱା ହୋଇଥିବାର ପରିବାର ଲୋକ ଜାଣିବାକୁ ପାଇଥିଲେ। ଏହି ବିଷୟରେ ସୁମନ୍ତଙ୍କ ପରିବାର ସହ ଆଲୋଚନା କରିବାକୁ ଚାହିଁଥିଲେ ମଧ ସେମାନେ ଅସହଯୋଗ କରିଥିଲେ।

### ଶ୍ରୀରାମଚରିତ ମାନସ ପାରାୟଣ ଉଦ୍ଯାପିତ

**ଜଟଣୀ, ୭।୫(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ୨୪ତମ ଶ୍ରୀରାମଚରିତ ମାନସ ପାରାୟଣ ଉଦ୍ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଘଟ ସ୍ଥାପନ, ମାନସ ଉନ୍ମୋଚନ ପୂଜା ଓ କୀର୍ତ୍ତନ କରାଯାଇଥିଲା। ପ୍ରତିଦିନ ସୂର୍ଯ୍ୟ ପୂଜା, ଗୋ ପୂଜା, ହନୁମାନ ଚାଲିଶା ପାଠ ଏବଂ ଆଳତି ଆଦି କରାଯାଇଥିଲା। ରାମଚରିତ ମାନସ ପାରାୟଣ ପାଠ କରାଯାଇଥିଲା। ପଣ୍ଡିତ ପବିତ୍ର ମୋହନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜକ ପଣ୍ଡିତ କୃଷ୍ଣ ମୋହନ ମହାପାତ୍ର ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ରାଧାକୃଷ୍ଣ ମଠର ଭକ୍ତିବନ୍ଧୁ ଭିକ୍ଷୁ ମହାରାଜ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମବାସୀ ଓ ରଘୁନାଥ ଦେବ ସାଂସ୍କୃତିକ ପରିଷଦ ସଦସ୍ୟ ସହଯୋଗ କରିଥିଲେ।

### ରେଳଧାରଣାରେ ପଡ଼ିଛି ୪ ଗୋରୁଙ୍କ ମୃତଦେହ

**ନିରାକାରପୁର, ୭।୫(ଡି.ଏନ୍.ଏ.):** ରେଳଧାରଣାରେ ଦୀର୍ଘଦିନ ଧରି ଗୋରୁ, କୁକୁରଙ୍କ ମୃତଦେହ ପଡୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି। ନିରାକାରପୁର ନନପଡ଼ା ଗ୍ରାମ ନିକଟ ରେଳଧାରଣାରେ ୪ ଗୋରୁଙ୍କ ମୃତଦେହ ପଡ଼ିରହିଛି। ଏହାକୁ କାଉ, କୁକୁର ଖାଇବା ସହ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଅନ୍ୟପକ୍ଷେ କୁହୁଡି ନିକଟରେ ବହୁ ଦିନ ଧରି ରେଳଧାରଣା କଡ଼ରେ ଗଳିତ ମୃତଦେହ ପଡିଥିବା ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଦୁଇଦିନ ପୂର୍ବେ ରେଲ୍ୱେ ପୋଲିସ ଜବତ କରିଥିଲା। ରେଳଧାରଣାରେ ପଡ଼ିଥିବା ଗୋରୁଙ୍କ ମୃତଦେହ ଉଠାଇବା ପାଇଁ ଦାବି ହୋଇଛି।

### ଭାଜପା ନେତା ଗଗନଙ୍କ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ, ୭।୫ :** ଖୋର୍ଦ୍ଧାର ବରିଷ୍ଠ ଭାଜପା ନେତା ଗଗନ ମଲ୍ଲଙ୍କ ବିୟୋଗରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଲ୍ଲଙ୍କ ସ୍ମୃତିଚାରଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ବିୟୋଗରେ ଜିଲାରେ ଅପୂରଣୀୟ କ୍ଷତି ଘଟିଛି। ସେ ଜୀବନବ୍ୟାପୀ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସଭାରେ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ, ଗୁଣନିଧି ମହାପାତ୍ର, ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ପୁଣି ୫ ଦିନିଆ ରିମାଣ୍ଡରେ ପାୟଲ, ବିକାଶ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

**ପ୍ରେମିକ ପାଇଁ ୯୭ ଲକ୍ଷ ଟଙ୍କା ହଡ଼ପ ମାମଲା**

ଭୁବନେଶ୍ୱର ଉପକଣ୍ଠ ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ୯୭ ଲକ୍ଷ ଟଙ୍କା ହଡ଼ପ ଘଟଣାର ଗିରଫ ହୋଇଥିବା କଲେଜ ଆକାଉଣ୍ଟାଣ୍ଟ ପାୟଲ ମହାପାତ୍ର ଓ ତାଙ୍କ ପ୍ରେମିକ ବିକାଶ କୁମାରଙ୍କ ପ୍ରଥମ ପର୍ଯ୍ୟାୟର ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ଏହାପରେ ଉଭୟଙ୍କୁ କୋର୍ଟ ହାଜର କରାଯାଇଥିଲା। କିନ୍ତୁ ରିମାଣ୍ଡରେ ପଚରାଉଚରାବେଳେ କୌଣସି ଠିକ୍ ତଥ୍ୟ ଦେଇ ନ ଥିବାବେଳେ ଆଉ କିଛି ଲୁଚାଉଥିବା ପୋଲିସ ସନ୍ଦେହ କରୁଛି। ତେବେ ପ୍ରେମୀଯୁଗଳଙ୍କୁ ଅଧିକ ତଦନ୍ତ କରିବା ପାଇଁ ପୋଲିସ ପୁଣି ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ କୋର୍ଟ ଅନୁମତି ଦେଇଛନ୍ତି। ରବିବାରଠାରୁ ଉଭୟଙ୍କର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଆରମ୍ଭ ହେବ। ଅପରପକ୍ଷେ ଅଭିଯୁକ୍ତ ବିକାଶ, ବାନ୍ଧବୀ ପାୟଲଙ୍କ ହ୍ୱାଟସ୍ଆପକୁ ବିଭିନ୍ନ ସମୟରେ ଜାଲ୍ ଡକ୍ୟୁମେଣ୍ଟ ପଠାଉଥିଲା। ଯାହାକି ତାଙ୍କର ମୋବାଇଲ ଫୋନରେ ନାହିଁ। ତେଣୁ ପୋଲିସ ଏହାର ଠିକ୍ ତଥ୍ୟ ପାଇବା ଲାଗି ହ୍ୱାଟସଆପ କମ୍ପାନୀକୁ ଏକ ପତ୍ର ଲେଖିଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଖାତା ମଧ ଚେକ କରାଯାଉଛି। ସେହିଭଳି ଅନଲାଇନ ଗେମରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା ବିକାଶ ପୋଲିସକୁ କହିଥିଲା। ଏହାର ସତ୍ୟାସତ ଜାଣିବା ପାଇଁ ବିକାଶଙ୍କୁ ମୋବାଇଲ ମାଗିବାବେଳେ ହଜିଯାଇଥିବା କହିଥିଲା। ସେହିପରି ଉଭୟ ଚେନ୍ନାଇ, ବେଙ୍ଗାଲୁରୁ, ଜମ୍ମୁକଶ୍ମୀର ଆଦି ସ୍ଥାନକୁ ଯାଇ ମଉଜ କରୁଥିବା ଫୋଟ ପୋଲିସ ପାଇଥିଲେ ମଧ ଏତେଗୁଡିଏ ଟଙ୍କା ବୁଲାବୁଲିରେ ଖର୍ଚ୍ଚ କରିଥିବା ପୋଲିସ ସହଜରେ ଗ୍ରହଣ କରିପାରୁନି। ଏ ନେଇ ପୋଲିସ ଅଧିକ ଖୋଲତାଡ କରୁଛି। ସୂଚନାଯୋଗ୍ୟ, ଘରୋଇ କଲେଜର ଆକାଉଣ୍ଟ ଥିବା ପାୟଲ ଛାତ୍ରୀଛାତ୍ରଙ୍କଠାରୁ ଟ୍ୟୁଶନ ଫି ଓ ଆଡମିଶନ ବାବଦୁ ଆଦାୟ ହେଉଥିବା ଟଙ୍କାକୁ ପ୍ରେମିକ ବିକାଶକୁ ଫୋନ ପେ ମାଧମରେ ପଠାଉଥିଲା। ଘଟଣା ଜଣାପଡିବା ପରେ ପୋଲିସ ପ୍ରଥମେ ପାୟଲ ପରେ ବିକାଶଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିଥିଲା।



ପୂର୍ବ ଓଡ଼ିଶା ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟାରେ ଶନିବାର ଜଙ୍ଗଲ ଏବଂ ପରିବେଶ ବିଭାଗ ଯୁଗ୍ମ ସଚିବ ମଧୁସୂଦନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କୃଷ୍ଣଲୀଳା ମାନଭଞ୍ଜନରେ କୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ

**ଜଟଣୀ, ୭।୫(ଡି.ଏନ୍.ଏ.)**

**ପୂର୍ବ ଓଡ଼ିଶା ଧନୁଯାତ୍ରାର ୫ମ ଦିବସ**

ଜଟଣୀ ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡ଼ିଆ ପରିସରରେ ଅନୁଷ୍ଠିତ ହେଉଥିବା ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ। ଏଥିରେ ଅତିଥି ଭାବେ ମାଧମିକ ଶିକ୍ଷା ପରିଷଦ ଉପସଭାପତି ନୀହାର ରଞ୍ଜନ ମହାନ୍ତି, ଓଏସ୍‌ସିପିସିଆର ଅଧକ୍ଷ ସନ୍ଧ୍ୟାବତୀ ପ୍ରଧାନ, ଜଙ୍ଗଲ ଏବଂ ପରିବେଶ ବିଭାଗ ଯୁଗ୍ମ ସଚିବ ମଧୁସୂଦନ ଦାସ, ପାଇକ ମହାସଂଘ ସଭାପତି କୃଷ୍ଣମୋହନ ହରିଚନ୍ଦନ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ଏବଂ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଗୌରବ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଧନୁଯାତ୍ରା କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃଷ୍ଣଲୀଳାରେ ମାନଭଞ୍ଜନ ପରିପ୍ରେକ୍ଷୀରେ ସନ୍ଧ୍ୟାରେ କୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ ପରିବେଷିତ ହୋଇଥିଲା।

### ସମର କଳା ସଙ୍ଗଠନ ପକ୍ଷରୁ କୃଷକଙ୍କୁ ସମ୍ମାନିତ

**କୃଷ୍ଣପ୍ରସାଦ, ୭।୫(ଡି.ଏନ୍.ଏ.)**

ଓଡ଼ିଶା ସମର କଳା ସଙ୍ଗଠନ ପକ୍ଷରୁ କୃଷିର ଉନ୍ନତି ସହ କୃଷକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳାଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧ୍ୟପ୍ରଦେଶ କୃଷକ ସମାଜ ସଭାପତି ଶଙ୍କର ପାଟିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସମର କଳା ସଙ୍ଗଠନ ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ରତନଲାଲ ପାଟିଦାର, ଜଗଦୀଶ ପାଟିଦାର, ଶକୁନ୍ତଳା ବଳିୟାରସିଂହ, ଇଂ. ଶିଶିର ନାୟକ, ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ଦଳେଇ, ସୁବାସ ଚନ୍ଦ୍ର ଜେନା, କାର୍ତ୍ତିକ ଦଳେଇ, ରାଜ କିଶୋର ନାୟକ, ପୂର୍ବତନ ସରପଞ୍ଚ କିଶୋର ବିଶୋଇ, ପ୍ରଦୀପ ବିଶ୍ୱାଳ, ପାଇକଗୁରୁ ପ୍ରଫୁଲ୍ଲ ଜଗଦେବ ପ୍ରମୁଖ ଯୋଗଦେଇଥିଲେ। କୃଷକ ଓ ପାଇକମାନେ ଖାଇବା ପାଇଁ ଖାଦ୍ୟ ଏବଂ ରହିବା ଲାଗି ସୁରକ୍ଷା ଯୋଗାଇଥାନ୍ତି। ସେମାନଙ୍କୁ ସର୍ବଭାରତୀୟ ସ୍ତରରେ ଉତ୍ସାହିତ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ନନ୍ଦଳା ଗ୍ରାମର କବି ସ୍ୱର୍ଗତ ମାୟାଧର ମାନସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କୃଷକ ତଥା ପାଇକ ଦୋଳଗୋବିନ୍ଦ ବିଶ୍ୱାଳ, ଗାଣ୍ଟୁ ପ୍ରଧାନ ପ୍ରମୁଖ ସମ୍ମାନିତ ହୋଇଥିଲେ।

# ଇଦ୍ ପାଳିଲେ, ଭାଇଚାରାର ବାର୍ତ୍ତା ଦେଲେ




କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ, ୭।୫**

ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ବିଭାଗ ସର୍କିଟ୍ ହାଉସ୍ଠାରେ ଇଦ୍ ମିଲନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତା ସେକ୍ ମୁଜାଫର ବକ୍ସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମିଜୁବୁଲ୍ଲା(ମୁନା) ଖାନ୍ ମୁଖ୍ୟ ଅତିଥି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଇଦ୍ ପାଳିଲେ ଏବଂ ଭାଇଚାରାର ବାର୍ତ୍ତା ଦେଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଅତିଥିଙ୍କୁ ଦାବିପତ୍ର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଖ୍ୟାଲଘୁ ସମ୍ପାଦକ ମହମ୍ମଦ ଫାରୁକ, ଜିଲା ସମ୍ପାଦକ ଅବ୍‌ଦୁଲ ବାରି, ନଗର ସଭାପତି ଶେଖ୍ ଜାବର ବକ୍ସ, ବିଜେଡି ଖୋର୍ଦ୍ଧା ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ମହିଳା ନେତ୍ରୀ ବାସନ୍ତୀ ମହାପାତ୍ର, କାଉନ୍‌ସିଲର ସୁଶାନ୍ତ ଜେନା, ନଗର ସଭାପତି ମହମ୍ମଦ ଆରିଫ, ଯୁବନେତା ନସିମ ଖାନ୍, ସରବାର ଖାନ୍‌ଙ୍କ ସମେତ ଏକାଧିକ କର୍ମୀ ଉପସ୍ଥିତ ଥିଲେ।

# ଲୋକଙ୍କୁ ମିଳୁନି ମୌଳିକ ସୁବିଧା

**ବେଗୁନିଆ, ୭।୫(ଡି.ଏନ୍.ଏ.)**

**ଆମ୍ ଆଦ୍‌ମୀ ପାର୍ଟିର ବୈଠକ**

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ପଞ୍ଚାୟତ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହିକା ପଦ୍ମାଳୟା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ କର୍ମୀ ଯୋଗଦେଇଥିଲେ। ବେଗୁନିଆ ବ୍ଲକବାସୀଙ୍କୁ ମିଳୁନି ଉପଯୁକ୍ତ ମୌଳିକ ସେବା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଥିବା ବେଳେ ରୋଗୀଙ୍କୁ ମିଳୁନି ଜରୁରିକାଳୀନ ସ୍ୱାସ୍ଥ୍ୟସେବା। ବିଦ୍ୟାଳୟରେ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାଗଣାରେ ୨୦୦ ୟୁନିଟ୍ ବିଜୁଳି ଯୋଗାଇଦେବାକୁ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଉପଯୁକ୍ତ ବିଜୁଳି ସେବା ଯୋଗାଇଦେବା ପାଇଁ ଆନ୍ଦୋଳନ କରାଯିବ ବୋଲି କଳ୍ପତରୁ ପଣ୍ଡା କହିଛନ୍ତି। ସେହିପରି ଜଣେ ବ୍ୟକ୍ତି ନ୍ୟାୟ ପାଇଁ ଥାନା, କୋର୍ଟ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟକୁ ଯାଉଥିଲେ ମଧ ନିରାଶ ହେବାକୁ ପଡୁଛି ବୋଲି ଆବାହିକା ମହାପାତ୍ର କହିଛନ୍ତି। ଏହି ଅବସରରେ ୨୦୦ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି। ସୁସନ୍ଧ୍ୟାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନଭୋଜନ ଖାଇ ୬ ଛାତ୍ରୀଛାତ୍ର ଅସୁସ୍ଥ

**ନିରାକାରପୁର/ଟାଙ୍ଗୀ, ୭।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବୋଡ଼ଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନ ଖାଇ ୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ପଞ୍ଚମ ଶ୍ରେଣୀର ଶୁଭଲକ୍ଷ୍ମୀ ସାମନ୍ତରାୟ ଓ ଶ୍ରଦ୍ଧାଞ୍ଜଳି ପ୍ରଧାନ, ଚତୁର୍ଥ ଶ୍ରେଣୀର ଶୁଭସ୍ମିତା ସେଠୀ, ତୃତୀୟ ଶ୍ରେଣୀର ବାସୁଦେବ ମହାପାତ୍ର, ଦ୍ୱିତୀୟ ଶ୍ରେଣୀର ଶୁଭଲକ୍ଷ୍ମୀ ସାହୁ ଏବଂ ପ୍ରଥମ ଶ୍ରେଣୀର ରାଜେଶ ସେଠୀ। ଚିକିତ୍ସା ପାଇଁ ଏମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନଭୋଜନରେ ଅଣ୍ଡା ଦିଆଯିବାକୁ



ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ର।

ଥିବା ବେଳେ ଏହା ପରିବର୍ତ୍ତେ ମଟର ତରକାରି ଦିଆଯାଇଥିଲା। ଖାଇବା ପରେ ଛାତ୍ରୀଛାତ୍ର ଘରକୁ ଯାଇଥିଲେ। କେତେଜଣ ଛାତ୍ରୀଛାତ୍ର ଘରେ ପହଞ୍ଚିବା ପରେ ଅସୁସ୍ଥତା ଅନୁଭବ କରିବା ସହ ବାନ୍ତି କରିଥିଲେ। ପରିବାର ଲୋକେ ସେମାନଙ୍କୁ ସଙ୍ଗେସଙ୍ଗେ ବଡ଼ପୋଖରିଆ ସରକାରୀ ମେଡିକାଲକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଯଶୋଧାରା ବେହେରାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସ୍କୁଲ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନ କୁହନ୍ତି, ଗୁରୁବାର ବର୍ଷା ଯୋଗୁ ବିଦ୍ୟାଳୟକୁ ଅନେକ ପିଲା ଆସି ନ ଥିଲେ। ମାତ୍ର ଉକ୍ତ ଦିନ ତରକାରି ପାଇଁ ମଟର ବତୁରା ଯାଇଥିଲା। ଶନିବାର ଉକ୍ତ ମଟରରେ ତରକାରି କରାଯାଇ ପିଲାଙ୍କୁ ଦିଆଯାଇଥିଲା। ତେଣୁ ପିଲାମାନଙ୍କ ଦେହ ଖରାପ ହୋଇଛି। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟପକ୍ଷରେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ମହାନ୍ତି କହିଛନ୍ତି, ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ଓଡ଼ିଆ ଛାତ୍ର

**କଟକ ଅଫିସ,୭।୫**

ଚାଇନାର ସାଙ୍ଘାଇରେ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍-୨୦୨୨ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଓଡ଼ିଆ ଯୁବକ ସନ୍ତୋଷ ଓଝା ପ୍ରତିନିଧିତ୍ୱ କରିବେ। ସେ କଟକ ଖପୁରିଆସ୍ଥିତ ଆଇଟିଆଇର୨୦୧୭ ବ୍ୟାଚର ଛାତ୍ର। ଗତ ଜାନୁୟାରୀରେ ଦିଲ୍ଲୀଠାରେ ଆୟୋଜିତ ସ୍କିଲ୍ ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ କ୍ୟାବିନେଟ୍ ତିଆରି ସ୍କିଲ୍‌ରେ ଏହି ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଥିଲେ। ଏହାପରେ ସେ ସାଙ୍ଘାଇ ଯିବା ପାଇଁ ମନୋନୀତ ହୋଇଛନ୍ତି। ସନ୍ତୋଷଙ୍କ ଘର ଯାଜପୁର ଜିଲା ବରୁଆ ଗ୍ରାମରେ। ନୂତନ ଜ୍ଞାନକୌଶଳ ବ୍ୟବହାର କରି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାରେ ଲାଗି ପଡିଥାନ୍ତି ସନ୍ତୋଷ। ଏ ସମ୍ପର୍କରେ ଅଧାପକ ଭୋଦେବ ସାହୁ କହିଛନ୍ତି, ୨୦୧୭



ସନ୍ତୋଷ ଓଝା।

ମସିହାରୁ ତାଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦେଇ ଆସୁଥିଲୁ। ଏବେ ତାଙ୍କ ସଫଳତା ଦେଖି ମୁଁ ଗର୍ବିତ ମନେକରୁଛି। ତେବେ ସାଙ୍ଘାଇରେ ଆୟୋଜିତ ପ୍ରତିଯୋଗିତାରେ ସନ୍ତୋଷ ସ୍ୱର୍ଣ୍ଣପଦକ ଜିତିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୧କୋଟି ଟଙ୍କା ମିଳିବ ବୋଲି ସୁବ୍ରତ ବାଗ୍‌ଚୀ ଟୁଇଟ୍ କରି ଜଣାଇଛନ୍ତି।

### ମହିଳାଙ୍କଠାରୁ ଝାମ୍ପିନେଲେ ଭ୍ୟାନିଟି ବ୍ୟାଗ୍

**ଯାଁଳା, ୭।୫(ଡି.ଏନ୍.ଏ.)**

ଜାତୀୟ ରାଜପଥରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଇନ୍‌ଫୋଭ୍ୟାଲି ଥାନା ଯାଁଳା ଫାଣ୍ଡି ଅନ୍ତର୍ଗତ ଉତ୍ତରମୁଣ୍ଡ ମୁହାଣ ଗ୍ରାମରେ ଭଡ଼ାରେ ରହୁଥିବା ବେଗୁନିଆ ଗ୍ରାମର ଉଲ୍ଲାସ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ସ୍ୱାତୀ ଶୁକ୍ରବାର ରାତି ୯ଟା ୩୦ରେ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ କଳା ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ଆସି ତମାଣ୍ଡୋ ଓଭରବ୍ରିଜ୍‌ରେ ସ୍ୱାତୀଙ୍କ ଭ୍ୟାନିଟି ବ୍ୟାଗ୍ ଝାମ୍ପିନେଇ ଖୋର୍ଦ୍ଧା ଅଭିମୁଖେ ପଳାଇଥିଲେ। ଫଳରେ ସ୍ୱାତୀ ଗାଡ଼ିରୁ ଖସିପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବ୍ୟାଗ୍‌ରେ ଟିଫିନ ବକ୍ସ, ମୋବାଇଲ ଫୋନ୍ ଏବଂ ୨ ହଜାର ଟଙ୍କା ଥିଲା ବୋଲି ତମାଣ୍ଡୋ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ହଣ୍ଟର ଇଲେଭେନ, ଇଲେଭେନ ଷ୍ଟାର ବିଜୟୀ

**ବୋଲଗଡ଼, ୭।୫(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ପିଚୁକୁଳି ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଓ ଷଷ୍ଠ ଲିଗ୍ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ ଲିଗ୍ ମ୍ୟାଚ୍‌ରେ କୋବ୍ରା ଏକ୍ସଆଇ ଟିଁକାତାଳକୁ ହରାଇ ହଣ୍ଟର ଇଲେଭେନ ଚମ୍ପାଇଲୋ ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ହଣ୍ଟର ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋବ୍ରା ଏକ୍ସଆଇ ଟିମ୍ ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଶିଶିର ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଷଷ୍ଠ ଲିଗ୍ ମ୍ୟାଚ୍‌ରେ ଏସ୍‌କେ ଆର୍ମି ଇଲେଭେନ ଗିରିଗିରିଆକୁ ହରାଇ ଇଲେଭେନ ଷ୍ଟାର ପିଚୁକୁଳି ବିଜୟୀ ହୋଇଛି। ଟସ୍ ଜିତି ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ଏସ୍‌କେ ଆର୍ମି ଇଲେଭେନ ୧୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ସ୍ୱଦେଶ ମୋହନ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଶ୍ରୀମନ୍ଦିର ସୁରକ୍ଷା, ସଂରକ୍ଷଣ ପାଇଁ ଦାବି

**ଖୋର୍ଦ୍ଧା ଅଫିସ, ୭।୫**

**ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଶ୍ରୀମନ୍ଦିର ସୁରକ୍ଷା ଓ ସଂରକ୍ଷଣ ଦାବି ତେଜିବାରେ ଲାଗିଛି। ଏ ନେଇ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଶନିବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଶ୍ରୀମନ୍ଦିରରେ ଐତିହ୍ୟ କରିଡର ବିକାଶ ଆଳରେ ବେଆଇନ ଖନନ ଚାଲିଛି। କାହା ଅନୁମତିରେ ଏହି ଖନନ ଚାଲିଛି, ତାହା ସ୍ପଷ୍ଟ କରାଯାଉନାହିଁ। ଫଳରେ ଶ୍ରୀମନ୍ଦିରର ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାଲିଥିବା ଖନନକୁ ନେଇ ଜିଲା ପ୍ରଶାସନ, ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ଏଏସ୍ଆଇ ଏବଂ ଜନପ୍ରତିନିଧିମାନେ ଭିନ୍ନ ଭିନ୍ନ ମତ ଉପସ୍ଥାପନ କରୁଛନ୍ତି। ଚାଲିଥିବା ଖନନ ଓ ନିର୍ମାଣକୁ ନେଇ ଏଏସ୍ଆଇ କୌଣସି ଅନୁମତି ଦେଇ ନ ଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଆଧାରରେ ଜଣାପଡ଼ିଛି। ନିକଟରେ ଏଏସ୍ଆଇ ଡିଜି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଖନନ ପରିଦର୍ଶନ ବେଳେ



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିର୍ମାଣ କାର୍ଯ୍ୟ ରେଗୁଲେଟର ଅଞ୍ଚଳରେ ନୁହଁ ବରଂ ନିଷିଦ୍ଧାଞ୍ଚଳରେ ଚାଲିଥିବା ନିଜ ଭ୍ରମଣ ନୋଟ୍‌ରେ ଦର୍ଶାଇଛନ୍ତି। ଏହାକୁ ନେଇ ନୂତନ ବିବାଦ ସୃଷ୍ଟି ହୋଇଛି। ନିର୍ମାଣ କାର୍ଯ୍ୟକୁ ନେଇ ମଧ ରାଜ୍ୟ ସରକାର କୌଣସି ରିପୋର୍ଟ ସାର୍ବଜନୀନ କରିନାହାନ୍ତି, ଯାହାକୁ ନେଇ ଭକ୍ତଙ୍କ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ଅଭିଯାନ ପକ୍ଷରୁ ବରିଷ୍ଠ ବୁଦ୍ଧିଜୀବୀ ବେଲେଶ୍ୱର ସାହୁ, ଗଗନ ପ୍ରତିହାରୀ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ସିଦ୍ଧେଶ୍ୱର ସିଂ, ଦୀପକ ସ୍ୱାଇଁଙ୍କ ସମେତ ଏକାଧିକ କର୍ମୀ ଉପସ୍ଥିତ ଥିଲେ। ଏ ନେଇ ବୁଦ୍ଧିଜୀବୀ ସାହୁ କୁହନ୍ତି, ଖନନ ଓ ନିର୍ମାଣ କାର୍ଯ୍ୟକୁ ନେଇ ସବୁଠି ବିରୋଧ ଚାଲିଥିବା ସତ୍ତ୍ୱେ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନୁମତି ନେଇ ଜିଲା ପ୍ରଶାସନ ଯେଉଁ ଏନ୍‌ଓସି ଦେଖାଇ ଆସୁଛି, ସେଥିରେ ରେଗୁଲେଟେଡ୍ ଅଞ୍ଚଳରେ ସବୁକିଛି ନିର୍ମାଣ ଚାଲିଥିବା ସଫେଇ ଦେଇଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ନିଷିଦ୍ଧାଞ୍ଚଳ ଖନନକୁ ନେଇ କୌଣସି ମତ ରଖାଯାଇନାହିଁ। ବରିଷ୍ଠ ବୁଦ୍ଧିଜୀବୀ ଗଗନ ପ୍ରତିହାରୀ କୁହନ୍ତି, ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଲାଗି ଅନୁମତି ନ ଥିବା ସତ୍ତ୍ୱେ ନିର୍ମାଣ ଚାଲିଛି, ଯାହା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ନିର୍ମାଣ ଓ ଖନନ କାର୍ଯ୍ୟ ଜାରି ରହିଲେ ଶ୍ରୀମନ୍ଦିର ବିପଦ ଭିତରକୁ ଠେଲି ହୋଇଯିବ। ସେହିପରି ଆଇନଜୀବୀ ମିଶ୍ର କୁହନ୍ତି, ଶ୍ରୀମନ୍ଦିର ନିରାପତ୍ତାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ସହିତ ଭକ୍ତଙ୍କ ଭାବାବେଗ ଜଡ଼ିତ ରହିଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଆଳରେ ଭକ୍ତଙ୍କ ଭାବନା ସହ ଖେଳ ଚାଲିଛି ବୋଲି ସେ କହିଛନ୍ତି। ଏନ୍ଏମ୍ଏ ପକ୍ଷରୁ ଦିଆଯାଇଥିବା ଏନ୍‌ଓସିକୁ ଢାଲ କରି ପ୍ରଶାସନ ଦ୍ୱାରା ଏପରି ବେଆଇନ ଖନନ କାର୍ଯ୍ୟ ଚାଲିଛି ବୋଲି ସ୍ୱାଇଁ କହିଛନ୍ତି।